# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା-୮+୮

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, March 14/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୧୧୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 110 ମୂଲ୍ୟ ₹୭/-







## ହୋଲି ଶୁଭେଚ୍ଛା

ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

## ଆଜିର ସମ୍ପାଦକୀୟ

କର୍ମ ଓ ସ୍ୱାଧୀନ ଇଚ୍ଛା

## ଧରିତ୍ରୀର ଛୁଟି

ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୧୪ ଓ ୧୫ ତାରିଖ ଶୁକ୍ରବାର ଏବଂ ଶନିବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୧୭ ତାରିଖ ସୋମବାର ସକାଳେ ପ୍ରକାଶ ପାଇବ।

# ତାମିଲନାଡୁ ବଦଳାଇଲା ଟଙ୍କାର ପ୍ରତୀକ




## ଷ୍ଟାଲିନ୍ ତେଜିଲେ ହିନ୍ଦୀ ବିରୋଧୀ ଅଭିଯାନ

ଜାତୀୟ ଶିକ୍ଷା ନୀତି (ଏନ୍ଇପି) ଅଧୀନ ୩-ଭାଷା ସୂତ୍ର ଏବଂ କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍) ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ସହ ମୁହାଁମୁହିଁ ଅବସ୍ଥାରେ ଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ନିଜ ହିନ୍ଦୀ ବିରୋଧୀ ଆଭିମୁଖ୍ୟରେ ଆହୁରି ଟାଣପଣ ଦେଖାଇଛନ୍ତି। ରାଜ୍ୟ ବିଧାନସଭାରେ ଶୁକ୍ରବାର ଉପସ୍ଥାପିତ ହେବାକୁ ଥିବା ବଜେଟ ଦସ୍ତାବିଜରୁ ଭାରତୀୟ ମୁଦ୍ରା ଟଙ୍କାର ଦେବନାଗରୀ 'ରୁପି' ପ୍ରତୀକକୁ ହଟାଇ ତାମିଲ ଲିପିର 'ରୁ' ଉଲ୍ଲେଖ କରିଛନ୍ତି। ଷ୍ଟାଲିନ୍ ସରକାରଙ୍କ ଏହି ପଦକ୍ଷେପକୁ ଭାଜପା ଜାତୀୟ ସ୍ୱାର୍ଥ ପରିପନ୍ଥୀ କହି ସମାଲୋଚନା କରିଛି। ଅନ୍ୟପକ୍ଷେ ଟଙ୍କାର ଏଭଳି ଚିତ୍ରଣକୁ ନିଷିଦ୍ଧ କରୁଥିବା କୌଣସି ଆଇନ ଅଛି କି ବୋଲି ଡିଏମ୍କେ ପାଲଟା ପ୍ରଶ୍ନ କରିଛି।

ଚେନ୍ନାଇ,୧୩।୩

ତାମିଲନାଡୁ ବିଧାନସଭାରେ ଶୁକ୍ରବାର ପୂର୍ବାହ୍ନରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଅର୍ଥମନ୍ତ୍ରୀ ଥଙ୍ଗମ୍ ଥେନ୍ନାରାସୁ ବଜେଟ ଉପସ୍ଥାପନ କରିବେ। ଏହାର ଦିନକ ପୂର୍ବରୁ ଅର୍ଥାତ୍ ଗୁରୁବାର ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଇଛି। ଏଥିସହ ବଜେଟ ପାଇଁ ସରକାରଙ୍କ ପକ୍ଷରୁ ଏକ ଲୋଗୋ ଉନ୍ମୋଚନ କରାଯାଇଛି। ଉକ୍ତ ଲୋଗୋରେ ଟଙ୍କାର ପ୍ରଚଳିତ ପ୍ରତୀକକୁ ହଟାଇ ଦିଆଯାଇଛି। ଏହା ବଦଳରେ ତାମିଲ ଶବ୍ଦ 'ରୁବାଇ'ର ପ୍ରଥମ ଅକ୍ଷର 'ରୁ' ରଖାଯାଇଛି। ଲୋଗୋରେ କ୍ୟାପ୍ସନ ରହିଛି 'ଏଭ୍ରିଥିଙ୍ଗ୍ ଫର୍ ଅଲ୍' ଅର୍ଥାତ୍ ସମସ୍ତଙ୍କ ପାଇଁ ସବୁକିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ଙ୍କ ☞ପୃଷ୍ଠା-୪













# ଅସ୍ତ୍ରବିରତି: ରୁଷିଆ ଉପରେ 'ଟ୍ରମ୍ପ୍ ଚାପ'


ଡୋନାଲ୍ଡ ଟ୍ରମ୍ପ୍


ଭ୍ଲାଡିମିର ପୁଟିନ୍

ମସ୍କୋ/ୱାଶିଂଟନ୍, ୧୩।୩(ରଏଟର୍ସ/ଏ.ପି.)

୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହେଉ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାହୁଁଛନ୍ତି। ଏହି କ୍ରମେ ସେ ଉଭୟ ମସ୍କୋ ଓ କିଭ୍ ଉପରେ ସମାନ୍ତରାଳ ଭାବେ ଚାପ ସୃଷ୍ଟି କରିଚାଲିଛନ୍ତି। ଏପରି କି ୱାଶିଂଟନ୍ ମଧ୍ୟସ୍ଥତାରେ ସାଉଦି ଆରବର ଜେଦ୍ଦାରେ ହୋଇଥିବା କୂଟନୈତିକ ବୈଠକର ନିଷ୍କର୍ଷକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମାନିନେଇଛନ୍ତି। ୩୦ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବରେ ଜେଲେନ୍‌ସ୍କି ସହମତି ପ୍ରକାଶ କରିଥିବା ଟ୍ରମ୍ପ୍ କହିଛନ୍ତି। ଏହା ଉପରେ କ୍ରେମ୍‌ଲିନ୍ ମାପିଚୁପି ମନ୍ତବ୍ୟ ରଖୁଥିବାବେଳେ ଆମେରିକୀୟ ମଧ୍ୟସ୍ଥମାନେ ଅଧିକ ଚାପ ସୃଷ୍ଟି ପାଇଁ ମସ୍କୋ ଗସ୍ତ କରିଛନ୍ତି। ୟୁକ୍ରେନ୍ ସହ ନିଃସର୍ତ୍ତ ଯୁଦ୍ଧବିରତି ନେଇ ସେମାନେ ଟ୍ରମ୍ପ୍ ପ୍ରଶାସନର ଯୋଜନାକୁ କ୍ରେମ୍‌ଲିନ୍ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ୟୁକ୍ରେନ୍ ଶାନ୍ତି ଚୁକ୍ତିନାମାରେ ରୁଷିଆର ସ୍ୱାର୍ଥକୁ ସୁନିଶ୍ଚିତ କରାଯିବା ଜରୁରୀ ବୋଲି ଜଣେ ଶୀର୍ଷ କ୍ରେମ୍‌ଲିନ୍ ସହଯୋଗୀ କହିଛନ୍ତି। ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋରେ ସହଯୋଗୀ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋଙ୍କୁ ଭେଟି ଭବିଷ୍ୟତ ରଣନୀତି ଓ କାର୍ଯ୍ୟପନ୍ଥା ସ୍ଥିର କରିଥିବା କୁହାଯାଉଛି। ରୁଷିଆ କହିଛି, ୟୁକ୍ରେନ୍‌ରେ ଶାନ୍ତିରକ୍ଷକଙ୍କୁ ମୁତୟନ କରୁଥିବା ଦେଶଗୁଡ଼ିକ ମସ୍କୋ ସହ 'ପ୍ରତ୍ୟକ୍ଷ ସଶସ୍ତ୍ର ଯୁଦ୍ଧ'ରେ ନିୟୋଜିତ ହେବେ। ଏପରି ହେଲେ ମସ୍କୋ ଉପଲବ୍ଧ ସବୁ ସାଧନର ଉପଯୋଗ କରି ଜବାବ ଦେବ।

ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ବହିର୍ବ୍ୟାପାର ନୀତି ପରାମର୍ଶଦାତା ୟୁରି ଉଶାକୋଭ୍ ଏକ ଟିଭି ଚ୍ୟାନେଲକୁ କହିଛନ୍ତି, ଆମେରିକା ଏକ ଅସ୍ଥାୟୀ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଛି। ଏହା ୟୁକ୍ରେନୀୟ ସେନା ପାଇଁ ଏକ ସାମୟିକ ବିରତି, ଯାହାକି କିଭ୍‌କୁ ଆଶ୍ୱସ୍ତ କରିବ। ମସ୍କୋ ଦୀର୍ଘକାଳୀନ ଶାନ୍ତି ରାଜିନାମା ଚାହେଁ। ହ୍ୱାଇଟ୍ ହାଉସ୍ ନ୍ୟାଶନାଲ ସିକ୍ୟୁରିଟି ଆଡ୍‌ଭାଇଜର ମାଇକ୍ ୱାଲ୍ଜଙ୍କ ସହ ଟେଲିଫୋନ୍‌ରେ କଥା ହେବାର ଦିନକ ପରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ପ୍ରକାଶ ଯେ, ନିକଟରେ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଟ୍ରମ୍ପ୍ ୟୁକ୍ରେନ୍‌କୁ ଆମେରିକୀୟ ସହାୟତା ବନ୍ଦ କରିଦେଇଥିଲେ। ଜେଲେନ୍‌ସ୍କି ଅସ୍ତ୍ରବିରତି ପ୍ରସ୍ତାବରେ ରାଜି ହେବା ପରେ ସେ ପୁନର୍ବାର ସାମରିକ ଓ ଗୋଇନ୍ଦା ସହାୟତା ପ୍ରଦାନ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଏହାସହ ପୁଟିନ୍‌ଙ୍କୁ ମଧ୍ୟ ୩୦ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବ ମାନିନେବାକୁ ଚାପ ପକାଇଛନ୍ତି। ଏତିକି ନୁହେଁ, ରୁଷିଆ ଏଥିରେ ସହମତି ପ୍ରକାଶ ନ କଲେ ଆଗକୁ ଅଧିକ ଟାରିଫ୍ ଓ ଅର୍ଥନୈତିକ କଟକଣା ଲଗାଯିବ ବୋଲି ଟ୍ରମ୍ପ୍ ଧମକ ଦେଇଥିବାରୁ ମସ୍କୋ ପାଖରେ ସୀମିତ ବିକଳ୍ପ ରହିଛି ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

## କୁର୍ସ୍କର ସର୍ବବୃହତ୍ ସହରକୁ ପୁଣି ଦଖଲକଲା ରୁଷିଆ

ମସ୍କୋ, ୧୩।୩



ୟୁକ୍ରେନ୍ ଯୁଦ୍ଧର ଅବସାନ ନିମନ୍ତେ ଆଲୋଚନା ପାଇଁ ଆମେରିକାର ପ୍ରତିନିଧିମାନେ ମସ୍କୋ ଗସ୍ତରେ ଯାଉଥିବାବେଳେ ରୁଷିଆ ଗୁରୁବାର କୁର୍ସ୍କର ସର୍ବବୃହତ୍ ସହରକୁ ପୁନର୍ବାର ନିଜ ଦଖଲକୁ ନେଇଛି। ରୁଷିଆ ସୈନ୍ୟମାନେ କୁର୍ସ୍କ ସୀମାବର୍ତ୍ତୀ ସୁଦ୍‌ଝା ସହରରୁ ୟୁକ୍ରେନ୍ ସୈନ୍ୟଙ୍କୁ ତଡ଼ିଦେବା ପରେ ଏହାକୁ ଅକ୍ତିଆରକୁ ନେଇଥିବା ଦାବି କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କୁର୍ସ୍କ ଯାଇ ସେନା କମାଣ୍ଡରମାନଙ୍କୁ ଭେଟିବା ପରେ ସୁଦ୍‌ଝା ସହରକୁ ସେନା ଦଖଲ କରିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏହା ଉପରେ ୟୁକ୍ରେନ୍ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ୩ ବର୍ଷ ଧରି ଯୁଦ୍ଧ ଲାଗି ରହିଥିବାବେଳେ ୩୦ ଦିନିଆ ଅସ୍ତ୍ରବିରତି ପାଇଁ ଆମେରିକା ପ୍ରସ୍ତାବ ଦେଇଛି। ସାଉଦି ଆରବରେ ଆମେରିକାର ବରିଷ୍ଠ ଅଧିକାରୀ ଏବଂ ୟୁକ୍ରେନ୍ ଅଫିସରମମାନଙ୍କ ମଧ୍ୟରେ ଆଲୋଚନାରେ ଅଗ୍ରଗତି ପରେ କିଭ୍‌କୁ ସାମରିକ ସହାୟତା ବନ୍ଦ ଲାଗି ଗତ ୩ ତାରିଖରେ ଆମେରିକା ନେଇଥିବା ନିଷ୍ପତ୍ତିକୁ ମଙ୍ଗଳବାର ପ୍ରତ୍ୟାହାର କରିନେଇଛି। ଶାନ୍ତି ପ୍ରକ୍ରିୟା ଏବେ ରୁଷିଆ ଉପରେ ନିର୍ଭର କରୁଛି ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲେ। ମସ୍କୋ ଯୁଦ୍ଧବିରତି ଚୁକ୍ତିନାମା ମାନିନେବା ପାଇଁ ଟ୍ରମ୍ପ୍ ପ୍ରଶାସନ ମସ୍କୋ ଉପରେ ଚାପ ପକାଉଛି।

## ଉତ୍ତରଭାରତରେ ଜଣେ ମହିଳା ୧୦ ପୁରୁଷଙ୍କୁ ବାହାହୋଇପାରିବେ: ଡିଏମ୍‌କେ ମନ୍ତ୍ରୀ

ଚେନ୍ନାଇ, ୧୩।୩

କେନ୍ଦ୍ର ଓ ତାମିଲନାଡୁ ମଧ୍ୟରେ ଭାଷା ବିବାଦ ତୀବ୍ର ହୋଇଥିବାବେଳେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ଡିଏମ୍‌କେ ମନ୍ତ୍ରୀ ଦୁରାଇ ମୁରୁଗାନ୍ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଉତ୍ତର ଭାରତ ସଂସ୍କୃତିରେ ଜଣେ ମହିଳା ଏକାଧିକ ସ୍ୱାମୀ ଗ୍ରହଣ କରିଥାନ୍ତି। ଯେଉଁମାନେ ତାମିଲକୁ ଅପମାନିତ କରୁଛନ୍ତି, ସେମାନଙ୍କ ଜିଭ କାଟିଦିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଥିଲେ।


ଦୁରାଇ ମୁରୁଗାନ୍

ଖାମଖିଆଲ ମନ୍ତବ୍ୟ ପାଇଁ ଜଣାଶୁଣା ମୁରୁଗାନ୍ କହିଥିଲେ, ଉତ୍ତର ଭାରତରେ ବହୁବିବାହ ପ୍ରଥା ରହିଛି। ମହାଭାରତର ଉଦାହରଣ ଦେଇ ସେ କହିଥିଲେ, ଜଣେ ମହିଳା ୫ କିମ୍ବା ୧୦ ପୁରୁଷଙ୍କୁ ବିବାହ କରିବାକୁ ଉତ୍ତର ଭାରତୀୟ ସଂସ୍କୃତି ଅନୁମତି ଦେଇଥାଏ।

## ବିହାରରେ ପୋଲିସ ଅଫିସରଙ୍କୁ ପିଟି ହତ୍ୟା

ପାଟନା, ୧୩।୩

ବିହାରର ଅରାରିଆ ଜିଲାରେ ବୁଧବାର ଜଣେ ପୋଲିସ ଅଫିସର ଅପରାଧୀ ଅନମୋଲ ଯାଦବଙ୍କୁ ଗିରଫ କରିବା ପାଇଁ ଯାଇଥିବାବେଳେ ତାଙ୍କୁ ପିଟି ହତ୍ୟା କରାଯାଇଛି। ଫୁଲକହା ଥାନା ଅଧୀନ ଲକ୍ଷ୍ମୀପୁର ଗ୍ରାମରେ ଏହି ଘଟଣା ଘଟିଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଏଏସ୍‌ଆଇ ସଞ୍ଜୀବ କୁମାର ମଲ୍ଲଙ୍କୁ ନିର୍ଘାତ ପିଟିଥିଲେ। ମାନିକପୁର-ନରପତଗଞ୍ଜର ଅନମୋଲଙ୍କ ନାମରେ ଗିରଫ ପରୱାନା ଥିବାବେଳେ ସେ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ସଞ୍ଜୀବ ଯାଇଥିଲେ। ଏକ ବିବାହ ପେଣ୍ଡାଲ ନିକଟରେ ଉପସ୍ଥିତ ଥିବା ଅନମୋଲଙ୍କୁ ପୋଲିସ ଗିରଫ କଲାବେଳେ ଗ୍ରାମବାସୀ ଘେରିଯାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ସେମାନେ ଅନମୋଲଙ୍କୁ ପୋଲିସ କବଳରୁ ଖସାଇ ନେଇଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଏଏସ୍‌ଆଇଙ୍କୁ ଫରବେସ୍‌ଗଞ୍ଜ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ୨ ପୁଅ, ସ୍ତ୍ରୀଙ୍କ ସହ ଡାକ୍ତରଙ୍କ ଆତ୍ମହତ୍ୟା

ଚେନ୍ନାଇ, ୧୩।୩

ତାମିଲନାଡୁର ଚେନ୍ନାଇସ୍ଥିତ ଆନ୍ନା ନଗର ଅଞ୍ଚଳରେ ଗୁରୁବାର ଗୋଟିଏ ପରିବାରର ୪ ସଦସ୍ୟ ଆତ୍ମହତ୍ୟା କରିଛନ୍ତି। ଡାକ୍ତର ତଥା ସୋନୋଲୋଜିଷ୍ଟ ବାଲା ମୁରୁଗାନ (୫୨), ତାଙ୍କ ଆଇନଜୀବୀ ସ୍ତ୍ରୀ ସୁମାଥି(୪୭) ଏବଂ ତାଙ୍କର ୨ ପୁଅ ଜଶୱନ୍ତ କୁମାର (୧୮) ଏବଂ ଲିଙ୍ଗେଶ କୁମାର (୧୬) ନିଜ ଘରର ୨ଟି ଅଲଗା ବଖରାରେ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳେ ବାଲା ମୁରୁଗାନଙ୍କ ଡ୍ରାଇଭର ତାଙ୍କ ଘରେ ପହଞ୍ଚିଥିଲା, ତେବେ କେହି ମଧ୍ୟ କବାଟ ନ ଖୋଲିବାରୁ ତାଙ୍କୁ ସନ୍ଦେହ ହୋଇଥିଲା। ଏନେଇ ସେ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚେନ୍ନାଇରେ ଥିବା ଅନେକ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ରକୁ ବାଲା ମୁରୁଗାନ ଚଳାଉଥିଲେ ଏବଂ ସେ ବହୁ ଋଣରେ ବୁଡ଼ି ରହିଥିଲେ ବୋଲି ପୋଲିସ ସୂଚନା ଦେଇଛି।

## ସୁନା ଚୋରାଚାଲାଣ ମାମଲାରେ ଇଡି ଚଢ଼ାଉ


ରାନ୍ୟା ରାଓ

ବେଙ୍ଗାଲୁରୁ, ୧୩।୩ (ପି.ଟି.)

ଦୁବାଇରୁ ୧୨.୫୬ କୋଟି ଟଙ୍କାର ସୁନା ଆଣି ଆସୁଥିବା କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ଗତ ୩ ତାରିଖରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରାଯାଇଥିଲା। ଏହି ସୁନା ଚୋରାଚାଲାଣ ସହ ବଡ଼ ଧରଣର ର୍ୟାକେଟ୍ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବାବେଳେ ଏହାର ମନିଲଣ୍ଡରିଂ ଦିଗ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଆରମ୍ଭ କରିଛି। ଇଡି ଅଧିକାରୀମାନେ ଗୁରୁବାର ବେଙ୍ଗାଲୁରୁର ଅନେକ ସ୍ଥାନରେ ଅନ୍ୟ ସ୍ଥାନରେ ଏକସଙ୍ଗେ ଚଢ଼ାଉ କରିଛନ୍ତି। ସୁନା ଚୋରାଚାଲାଣ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ତଦନ୍ତ ଚଳାଇଥିବାବେଳେ ଇଡି ପକ୍ଷରୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ମାମଲା ରୁଜୁହୋଇଛି।


ଅମୃତସର ଇସ୍କନ ମନ୍ଦିରରେ ଯୁବତୀଯୁବକମାନେ ହୋଲି ଖେଳୁଛନ୍ତି।

## ଦିଲ୍ଲୀରେ ବ୍ରିଟିଶ୍ ମହିଳାଙ୍କୁ ବଳାତ୍କାର

ନୂଆଦିଲ୍ଲୀ, ୧୩।୩ (ପି.ଟି.)

ଦିଲ୍ଲୀର ମହିପାଲପୁର ଅଞ୍ଚଳରେ ଥିବା ଏକ ହୋଟେଲରେ ଜଣେ ବ୍ରିଟିଶ ମହିଳାଙ୍କୁ ବଳାତ୍କାର ଓ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣା ସମ୍ପର୍କରେ ବ୍ରିଟିଶ୍ ଉଚ୍ଚାୟୁକ୍ତଙ୍କୁ ପୋଲିସ ଜଣାଇବା ସହ ୨ ଜଣଙ୍କୁ ଗିରଫ କରିଛି।

ବ୍ରିଟିଶ୍ ମହିଳା ଜଣକ ମାସେ ପୂର୍ବରୁ ଭାରତ ଆସି ଗୋଆ ଯିବା ପୂର୍ବରୁ ମହାରାଷ୍ଟ୍ରରେ ରହିଥିଲେ। ସେ ମଙ୍ଗଳବାର ଦିଲ୍ଲୀ ଆସିଥିବାବେଳେ ନିକଟରେ ଇନ୍‌ଷ୍ଟାଗ୍ରାମ ଯୋଗେ ବନ୍ଧୁତା ସ୍ଥାପନ ହୋଇଥିବା ୨୪ ବର୍ଷୀୟ କୈଳାସଙ୍କୁ ଭେଟିଥିଲେ। ପ୍ରଥମେ ତାଙ୍କ ହୋଟେଲ ଲିଫ୍ଟରେ ଜଣେ ହାଉସ୍‌କିପିଙ୍ଗ୍ ଷ୍ଟାଫ୍ ଅସଦାଚରଣ କରିଥିଲେ। କୈଳାସ ତାଙ୍କୁ ହୋଟେଲ ପ୍ରକୋଷ୍ଠରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଉଭୟ ଘଟଣାରେ ଦୁଇଟି ଅଲଗା ଏତଲା ଦାଏର ହୋଇଛି। ମହିଳାଙ୍କ କହିବା ଅନୁଯାୟୀ, ଦେଢ଼ମାସ ପୂର୍ବରୁ ତାଙ୍କର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ପୂର୍ବ ଦିଲ୍ଲୀର କୈଳାସଙ୍କ ସହ ସମ୍ପର୍କ ହୋଇଥିଲା। ସେମାନେ ଅନେକ ସମୟରେ ପରସ୍ପର କଥା ହେଉଥିଲେ। କୈଳାସ ଇଂଲିଶରେ ଦୁର୍ବଳ ଥିବାରୁ ମହିଳାଙ୍କ ସହ ଯୋଗାଯୋଗ ପାଇଁ ଟ୍ରାନ୍ସଲେଶନ ଆପ୍ଲିକେଶନ ବ୍ୟବହାର କରୁଥିଲେ। ମହିଳା ଜଣକ ଭାରତ ଆସିଥିବାବେଳେ ସେମାନେ ଦିଲ୍ଲୀରେ ପରସ୍ପରକୁ ଭେଟିବା ପାଇଁ ଯୋଜନା କରିଥିଲେ। ମହିଳା ଗୋଆରୁ ଦିଲ୍ଲୀ ଆସି ମହିପାଲପୁରସ୍ଥିତ ହୋଟେଲରେ ଏକ ରୁମ୍ ବୁକ୍ କରିଥିଲେ। କୈଳାସ ଉକ୍ତ ରୁମ୍‌ରେ ପହଞ୍ଚି ମହିଳାଙ୍କୁ ବଳାତ୍କାର କରିଥିଲେ।

## ସ୍ପେଡେକ୍ସ ସାଟେଲାଇଟ୍‌କୁ ଅଲଗା କଲା ଇସ୍ରୋ

ନୂଆଦିଲ୍ଲୀ, ୧୩।୩ (ପି.ଟି.)



ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଗୁରୁବାର ସ୍ପେଡେକ୍ସ ସାଟେଲାଇଟ୍‌ଗୁଡ଼ିକୁ ସଫଳତାର ସହ ଡି-ଡକିଂ (ପୃଥକ୍) କରିଛି। ଫଳରେ ଭବିଷ୍ୟତର ମହତ୍ତ୍ୱାକାଂକ୍ଷୀ ଚନ୍ଦ୍ର ଅଭିଯାନ, ମହାକାଶକୁ ମାନବ ପ୍ରେରଣ ଏବଂ ନିଜସ୍ୱ ସ୍ପେସ୍ ଷ୍ଟେଶନ ନିର୍ମାଣ କରିବା ପାଇଁ ପଥ ପରିଷ୍କାର ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏକ୍ସ'ରେ ପୋଷ୍ଟ କରି ସାଟେଲାଇଟ୍‌ଗୁଡ଼ିକର ସଫଳ ଡି-ଡକିଂ ସମ୍ପର୍କରେ ଘୋଷଣା କରିବା ସହ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଗତବର୍ଷ ଡିସେମ୍ବର ୩୦ରେ ସ୍ପେଡେକ୍ସକୁ ମହାକାଶକୁ ପଠାଯାଇଥିଲା। ମହାକାଶରେ ଡକିଂ ଅଭିଜ୍ଞତା ପାଇଁ ଇସ୍ରୋ ଏସ୍‌ଡିଏକ୍ସ୦୧ ଏବଂ ଏସ୍‌ଡିଏକ୍ସ୦୨ ସାଟେଲାଇଟକୁ କକ୍ଷପଥରେ ଅବସ୍ଥାପିତ କରିଥିଲା। ଏକାଧିକ ଉଦ୍ୟମ ପରେ ଜାନୁଆରୀ ୧୬ରେ ୨ ସାଟେଲାଇଟ୍‌କୁ ଏକାଠି କରାଯାଇଥିଲା।

## ଶିକ୍ଷକଙ୍କ ସହ ପ୍ରାତଃଭ୍ରମଣ ରୋକିବ ଛାତ୍ର ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୩।୩ (ପି.ଟି.)

### ଆଇଆଇଟି ଗୁଆହାଟୀର ଯୋଜନା

ଦେଶରେ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ବଢ଼ିବାରେ ଲାଗିଛି। ପିଲାମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଥିବାବେଳେ ଏହାକୁ ରୋକିବା ଏବଂ ଛାତ୍ରୀଛାତ୍ରଙ୍କ ମାନସିକ ସୁସ୍ଥତା ସୁନିଶ୍ଚିତ କରିବା ପାଇଁ ଆଇଆଇଟି-ଗୁଆହାଟୀ ଏକ ଯୋଜନା ପ୍ରସ୍ତୁତ କରିଛି। ଉକ୍ତ ଯୋଜନା ଅନୁଯାୟୀ, ନୂତନ ଭାବେ ନାମ ଲେଖାଇଥିବା ଶିକ୍ଷାର୍ଥୀମାନଙ୍କ ପାଇଁ କ୍ୟାମ୍ପସ୍ ପରିସରରେ ପ୍ରଥମ ସପ୍ତାହରେ ଏକ ଅଧିବେଶନର ଆୟୋଜନ ହେବ, ଯାହା ସେମାନଙ୍କୁ ପରସ୍ପରକୁ ଭଲ ଭାବେ ଜାଣିବାରେ ସହାୟକ ହେବା ସହ ଗ୍ରୁପ୍ ଭିତରେ ଅଧିକ ସହଜ ଅନୁଭବ କରିପାରିବେ। ଏଥିପାଇଁ ଶିକ୍ଷକମାନଙ୍କ ସହ ପିଲାମାନେ ପ୍ରାତଃଭ୍ରମଣରେ ଯିବେ। ସେମାନଙ୍କ ପାଇଁ ବାଧ୍ୟତାମୂଳକ କାଉନ୍‌ସେଲିଂ ସେସନ୍ ସହ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯିବ। ଆଇଆଇଟି ନିର୍ଦ୍ଦେଶକ ଦେବେନ୍ଦ୍ର ଜଳିହାଲଙ୍କ କହିବା ଅନୁଯାୟୀ, ପିଲାମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ବ୍ୟାପକ ଯୋଜନା ହୋଇଛି। ସେଣ୍ଟର ଫର୍ ହୋଲିଷ୍ଟିକ୍ ୱେଲ୍‌ବିଙ୍ଗ୍ ନାମରେ ମାନସିକ ସ୍ୱାସ୍ଥ୍ୟ ଓ କାଉନ୍‌ସେଲିଂ ସିଷ୍ଟମ୍ ସ୍ଥାପନ କରାଯିବ। ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ସାଥୀ କାଉନ୍‌ସେଲିଂ କ୍ଲବ୍ ପେସାଦାରି ପରାମର୍ଶଦାତାଙ୍କ ସହାୟତାରେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମାନସିକ ଓ ସାମଗ୍ରିକ ସୁସ୍ଥତା ପ୍ରଦାନ କରିବ। ହଷ୍ଟେଲର ସ୍ୱତନ୍ତ୍ର ପରିଚାରକ ଭାବେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ନିଯୁକ୍ତ କରାଯିବ, ଯେପରି ସେମାନେ ଛାତ୍ରୀଛାତ୍ରଙ୍କ ସହ ନିୟମିତ ଆଲୋଚନା କରିବେ। ଏହାଦ୍ୱାରା ସେମାନେ ସହଜ ଅନୁଭବ କରିବା ସହ ନିଜ ଅନୁଭବ ଆଦାନପ୍ରଦାନ କରିପାରିବେ। ସବୁକିଛି ଏକ ଗୋପନୀୟ ଢଙ୍ଗରେ କରାଯିବ ଯେପରି ପିଲାମାନେ ଧମକର ସମ୍ମୁଖୀନ ହେଉଛନ୍ତି କିମ୍ବା ସେମାନଙ୍କ ପ୍ରିଭେସିର ଉଲ୍ଲଂଘନ ହେଉଛି ବୋଲି ଅନୁଭବ କରୁ ନ ଥିବା ସୁନିଶ୍ଚିତ କରିବେ ବୋଲି ଜଳିହାଲ କହିଛନ୍ତି।

## ଭାବପ୍ରବଣ ହେଲେ ଶ୍ରେୟା



ମୁମ୍ବାଇ

ପ୍ରସିଦ୍ଧ ଗାୟିକା ଶ୍ରେୟା ଘୋଷାଲ ବୁଧବାର ତାଙ୍କ ୪୧ତମ ଜନ୍ମଦିବସକୁ ଧୁମଧାମରେ ପାଳନ କରିଛନ୍ତି। ଏହି ଅବସରରେ 'ଇଣ୍ଡିଆନ୍ ଆଇଡଲ ୧୫'ର ସାଥୀ ଜର୍ଜ ଏବଂ ପ୍ରତିଯୋଗୀମାନେ ଶ୍ରେୟାଙ୍କୁ ଏକ ବିଶେଷ ସରପ୍ରାଇଜ୍ ଦେଇଥିଲେ, ଯାହାକୁ ଦେଖି ଶ୍ରେୟା ଭାବପ୍ରବଣ ହୋଇଯାଇଥିଲେ। ଶ୍ରେୟା ଏନେଇ ଏକ ଭିଡିଓ ଗୁରୁବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିଛନ୍ତି। ଇଣ୍ଡିଆନ୍ ଆଇଡଲର ଶେଟ୍‌ରେ ତାଙ୍କର ଏହି ଜନ୍ମଦିନ ପାଳନ ସ୍ୱତନ୍ତ୍ର ହୋଇଥିବା ଶ୍ରେୟା କହିଛନ୍ତି। 'ଇଣ୍ଡିଆନ୍ ଆଇଡଲ ୧୫'ର କଣ୍ଟେଷ୍ଟାଣ୍ଟମାନେ ଶ୍ରେୟାଙ୍କୁ ଜନ୍ମଦିନର ସରପ୍ରାଇଜ ଦେବା ତାଙ୍କ ମା'ବାପାଙ୍କୁ ଡକାଇଥିଲେ। ଜନ୍ମଦିନରେ ଇଣ୍ଡିଆନ୍ ଆଇଡଲ ଶେଟ୍‌ରେ ମା'ବାପାଙ୍କୁ ନିକଟରେ ପାଇ ଶ୍ରେୟା ଖୁସିରେ ବିଭୋର ହୋଇ ଉଠିଥିଲେ। ଏହାସହ ଇଣ୍ଡିଆନର ଆଇଡଲ ମଞ୍ଚର ବଡ଼ ସ୍କ୍ରିନ୍‌ରେ ଶ୍ରେୟାଙ୍କ ପିଲାବେଳର ଅନେକ ସ୍ମୃତିକୁ ପ୍ରଦର୍ଶିତ କରାଯାଇଥିଲା। ଏହା ଦେଖି ଶ୍ରେୟା ଭାବପ୍ରବଣ ହୋଇ ଉଠିଥିଲେ। ଶ୍ରେୟା କହିଛନ୍ତି, ଜନ୍ମଦିନରେ ଏପରି ସରପ୍ରାଇଜ ମିଳିବ ବୋଲି ସେ କେବେ ମଧ୍ୟ ଭାବି ନ ଥିଲେ। ତେଣୁ ଏଥିପାଇଁ ସେ ତାଙ୍କ ସାଥୀ ଜର୍ଜ, ଶୋ'ର ହୋଷ୍ଟ, ସମସ୍ତ ପ୍ରତିଯୋଗୀ ଏବଂ 'ଇଣ୍ଡିଆନ୍ ଆଇଡଲ ୧୫' ଟିମ୍‌ର ପ୍ରତି ସଦସ୍ୟଙ୍କ ନିକଟରେ ଚିର କୃତଜ୍ଞ ହୋଇ ରହିବେ।

## ପୁନଃ ଅବସ୍ଥାନ ପାଇଁ ଆଇସ୍‌ଲାଣ୍ଡ ପ୍ରଥମ ପସନ୍ଦ

ୱାଶିଂଟନ୍, ୧୩।୩

- ରେମିଟ୍‌ଲି ଇମିଗ୍ରେଶନ ଇଣ୍ଡେକ୍ସ ୨୦୨୫
- ୭୫ତମ ସ୍ଥାନରେ ଭାରତ



ଆମେରିକୀୟ ଅନ୍‌ଲାଇନ ରେମିଟାନ୍ସ କମ୍ପାନୀ ରେମିଟ୍‌ଲି ପକ୍ଷରୁ ଗୁରୁବାର 'ରେମିଟ୍‌ଲି ଇମିଗ୍ରେଶନ ଇଣ୍ଡେକ୍ସ ୨୦୨୫' ଜାରି ହୋଇଛି। ଏହି ସୂଚକାଙ୍କ ଅନୁଯାୟୀ, ୨୦୨୫ରେ ପୁନଃ ଅବସ୍ଥାନ ପାଇଁ ସର୍ବୋତ୍ତମ ଦେଶଗୁଡ଼ିକର ତାଲିକାରେ ଆଇସ୍‌ଲାଣ୍ଡ ସର୍ବାଗ୍ରେ ରହିଛି। ଭାରତ ଏହି ସୂଚକାଙ୍କର ୭୫ତମ ସ୍ଥାନରେ ରହିଛି। ୮୨ଟି ଦେଶରେ ଆପ୍ରବାସୀଙ୍କୁ ମିଳୁଥିବା ବିଭିନ୍ନ ପ୍ରକାରର ସୁବିଧାକୁ ମୂଲ୍ୟାଙ୍କନ କରାଯାଇ ଏହି ସୂଚକାଙ୍କକୁ ପ୍ରସ୍ତୁତ କରାଯାଇଛି। ଖାସ୍‌କରି ବିଭିନ୍ନ ଦେଶରେ ଆପ୍ରବାସୀମାନଙ୍କ ପାଇଁ ମିଳୁଥିବା ସାର୍ବଜନୀନ ପରିବହନ ସେବା, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି ସୁଯୋଗ, ଜୀବନ ଧାରଣର ଖର୍ଚ୍ଚ, ଖୁସି, ଆପ୍ରବାସୀ ସମ୍ପ୍ରଦାୟର ସ୍ଥିତି ଆଦି ବିଭିନ୍ନ ଦିଗକୁ ମୂଲ୍ୟାଙ୍କନ କରାଯାଇ ଏହି ସୂଚକାଙ୍କ ପ୍ରସ୍ତୁତ ହୋଇଛି। ରେମିଟ୍‌ଲି ପକ୍ଷରୁ ଜାରି ଏହି ସୂଚକାଙ୍କରେ ପ୍ରତ୍ୟେକ ଦେଶରେ ଆପ୍ରବାସୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧାକୁ ଆଧାର କରି ସମୁଦାୟ ୧୦୦ ନମ୍ବରରୁ ଭିନ୍ନ ଭିନ୍ନ ସ୍କୋର୍ ଦିଆଯାଇଛି। ୫୮.୪ ସ୍କୋର୍ ସହ ଉତ୍ତର ଆଟ୍‌ଲାଣ୍ଟିକ୍ ଦ୍ୱୀପ ଆଇସ୍‌ଲାଣ୍ଡ ଏହି ସୂଚକାଙ୍କର ସର୍ବାଗ୍ରେ ରହିଛି।

ରେମିଟ୍‌ଲି ପକ୍ଷରୁ କୁହାଯାଇଛି, ଆଇସ୍‌ଲାଣ୍ଡରେ ଆପ୍ରବାସୀମାନଙ୍କ ପାଇଁ ରହିଥିବା ବ୍ୟାଙ୍କିଂ ସୁବିଧା, ସେମାନଙ୍କ ଖୁସିର ସ୍ତର, ସଂଯୋଗୀକରଣ ଏବଂ ସୁରକ୍ଷା ସ୍ତର ଆଦି ସୁବିଧା ଉଚ୍ଚକୋଟୀର ରହିଛି। ସେହିପରି ଆଇସ୍‌ଲାଣ୍ଡ ଏହାର ପ୍ରାକୃତିକ ମନୋରମ ସୌନ୍ଦର୍ଯ୍ୟ ଯୋଗୁ ୨୦୨୫ରେ ପୁନଃ ଅବସ୍ଥାନ ପାଇଁ ଅଧିକ ସଂଖ୍ୟାରେ ଅନ୍ୟ ଦେଶର ଲୋକଙ୍କୁ ଆକୃଷ୍ଟ କରିବ। ସେହିପରି ସାରା ବିଶ୍ୱରେ ଆପ୍ରବାସୀ ଶ୍ରମିକଙ୍କୁ ସବୁଠାରୁ ଅଧିକ ସର୍ବନିମ୍ନ ମଜୁରି ହାର ଏବଂ ବାର୍ଷିକ ଦରମା ପ୍ରଦାନ କରୁଥିବା ଦେଶ ଆଇସ୍‌ଲାଣ୍ଡ ହୋଇଥିବା ନେଇ ଏହି ରିପୋର୍ଟ କହିଛି। ୫୫.୮ ସ୍କୋର୍ ସହ ସୁଇଜରଲାଣ୍ଡ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୫୫.୭ ସ୍କୋର୍ ସହ ଲକ୍ସମବର୍ଗ ତୃତୀୟ ସ୍ଥାନରେ ରହିଛି। ନରୱେ (୫୩.୭ ସ୍କୋର୍), ୟୁଏଇ (୫୨.୫ ସ୍କୋର୍), ଆୟର୍ଲାଣ୍ଡ (୫୨.୪ ସ୍କୋର୍) ଯଥାକ୍ରମେ ଚତୁର୍ଥରୁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୫୨.୨ ସ୍କୋର୍ ସହ ଆମେରିକା, ୫୨ ସ୍କୋର୍ ସହ ସଂଯୁକ୍ତ ଭାବେ ଡେନ୍‌ମାର୍କ ଏବଂ ନେଦରଲାଣ୍ଡ ଏବଂ ୫୧.୭ ସ୍କୋର୍ ସହ ଅଷ୍ଟ୍ରେଲିଆ ପୁନଃ ଅବସ୍ଥାନ ପାଇଁ ଶୀର୍ଷ ୧୦ ଦେଶ ମଧ୍ୟରେ ରହିଛି। ୩୦.୫ ସ୍କୋର୍ ସହ ଭାରତ ୭୫ତମ ସ୍ଥାନରେ ରହିଥିବା ବେଳେ ପଡ଼ୋଶୀ ପାକିସ୍ତାନ (୩୦.୯ ସ୍କୋର୍) ଓ ବାଂଲାଦେଶ (୩୧.୫ ସ୍କୋର୍) ଯଥାକ୍ରମେ ୭୨ ଏବଂ ୬୮ତମ ସ୍ଥାନରେ ରହିଛନ୍ତି।

# ଲକ୍ଷପତି ଦିଦି: ଓଡ଼ିଶା ମହିଳା ସଶକ୍ତୀକରଣର ନୂତନ ଅଧ୍ୟାୟ



**ପ୍ରଭାତୀ ପରିଡ଼ା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ମହିଳା ସଶକ୍ତୀକରଣ କେବଳ ଏକ ନୀତିଗତ ପ୍ରସଙ୍ଗ କିମ୍ବା ରାଜନୈତିକ ଆଭିମୁଖ୍ୟ ନୁହେଁ; ଏହା ଏକ ସମୃଦ୍ଧ ସମାଜର ମୂଳଦୁଆ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ 'ଲକ୍ଷପତି ଦିଦି' ନାମରେ ଏକ ଅଭିନବ ଓ ପ୍ରଭାବଶାଳୀ ଅଭିଯାନ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ତଥା ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଆରମ୍ଭ କରିଛୁ।

ଯେବେ ମୁଁ ମହିଳା ସଶକ୍ତୀକରଣର ବିକାଶ ପଥ ଉପରେ ଦୃଷ୍ଟିପାତ କରେ, ରାଜ୍ୟର କୋଣ ଅନୁକୋଣରେ ସାକ୍ଷାତ୍ ହୋଇଥିବା ମହିଳାମାନଙ୍କ କଥା ମୋ ସ୍ମୃତିପଟଳରେ ଜୀବନ୍ତ ହୋଇଉଠେ ଯେଉଁ ମହିଳାମାନେ ଏକଦା କେବଳ ଆର୍ଥିକ ସ୍ୱାଧୀନତା ପାଇବା ନିମନ୍ତେ ସଂଘର୍ଷ କରୁଥିଲେ, ଆଜି ସେମାନେ ସଫଳ ଉଦ୍ୟୋଗର ନେତୃତ୍ୱ ନେଉଛନ୍ତି। ଆମ ସରକାରଙ୍କ ଲକ୍ଷ୍ୟଭିତ୍ତିକ ପ୍ରୟାସ ନିରନ୍ତରଭାବେ ପ୍ରତ୍ୟେକ ମହିଳାଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ଜାଗ୍ରତ କରିବା ଦିଗରେ ଉଦ୍ୟମରତ, ଯଦ୍ଦ୍ୱାରା ସେମାନେ ଓଡ଼ିଶାର ବିକାଶ କାହାଣୀରେ ଅଗ୍ରଣୀ ଭୂମିକା ନିର୍ବାହ କରିପାରିବେ।

ଅତ୍ୟନ୍ତ ଗର୍ବ ଓ ଗଭୀର ଦାୟିତ୍ୱବୋଧ ସହିତ ଆମେ ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛୁ। ଏହି ଦୂରଦର୍ଶୀ ପରିକଳ୍ପନା ଆମ ରାଜ୍ୟର ବିକାଶ ଯାତ୍ରାକୁ ନୂତନ ଦିଗନ୍ତ ପ୍ରଦାନ କରୁଛି ଏବଂ ଆଗାମୀ ପିଢ଼ି ପାଇଁ ସମୃଦ୍ଧି ଓ ସମାନତାର ମାର୍ଗ ପ୍ରଶସ୍ତ କରୁଛି। ଆଜି ସୁଦ୍ଧା ଓ ମୋଟ ୮ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି, ଯେଉଁଥିରେ ଆକାଂକ୍ଷୀ ଏବଂ ଆଦିବାସୀ ଜିଲାରେ ୧ ଲକ୍ଷ ୬୬ ହଜାରରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି।

ମିଶନ ଶକ୍ତି ସହାୟତାରେ, ଓଡ଼ିଶା ଜୀବିକା ମିଶନ (ଓଏଲ୍ଏମ୍) ଏହି ଉଲ୍ଲେଖନୀୟ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପ୍ରତି ଆମର ଦୃଷ୍ଟିକୋଣ କେବଳ ଆର୍ଥିକ ସହାୟତା ନୁହେଁ, ବରଂ ବ୍ୟାପକ ତାଲିମ, ଦକ୍ଷତା ବୃଦ୍ଧି, ଆର୍ଥିକ ସାକ୍ଷରତା ଏବଂ ବଜାର ସଂଯୋଗକୁ ମଧ୍ୟ ଅନ୍ତର୍ଭୁକ୍ତ କରେ। ଆମେ ଏକ ପରିବେଶ ସୃଷ୍ଟି କରିଛୁ, ଯାହା ପ୍ରତ୍ୟେକ ମହିଳାଙ୍କୁ ତାଙ୍କ ଉଦ୍ୟୋଗୀ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରୁ ଆରମ୍ଭ କରି ଉଦ୍ୟୋଗର ବିପଣନ ଏବଂ ବିସ୍ତାର ପର୍ଯ୍ୟନ୍ତ ସମର୍ଥନ ଯୋଗାଇବା ସୁନିଶ୍ଚିତ କରିବ।

ଲକ୍ଷପତି ଦିଦି ଅଭିଯାନରେ ଇତିମଧ୍ୟରେ ଓଡ଼ିଶାରେ ୮ ଲକ୍ଷରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଜୀବନକୁ ପରିବର୍ତ୍ତନ କରିଛି, ଯାହାକି ଅତ୍ୟନ୍ତ ସ୍ୱଳ୍ପ ସମୟ ମଧ୍ୟରେ ହାସଲ କରାଯାଇଥିବା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ଏହି ସଫଳତା କେବଳ ସଂଖ୍ୟାରେ ସୀମିତ ନୁହେଁ, ବରଂ ଆମର ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ, ବିଶେଷକରି ଦୂରବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳର ମହିଳାମାନଙ୍କ ମଧ୍ୟରେ ଥିବା ଦୃଢ଼ ସଂକଳ୍ପ ଏବଂ ପ୍ରତିଭାର ଏକ ପ୍ରମାଣ। ପ୍ରତ୍ୟେକ କାହାଣୀ, ପ୍ରତ୍ୟେକ ସଫଳତା, ପ୍ରତ୍ୟେକ ପରିବର୍ତ୍ତିତ ପରିବାର – ଆଶାର ଏକ ଆଲୋକବର୍ତ୍ତିକା, ଯାହା ଏକ ଆତ୍ମନିର୍ଭରଶୀଳ ଏବଂ ଆର୍ଥିକଭାବରେ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଅଭିମୁଖେ ପଥ ଆଲୋକିତ କରୁଛି।

ଏକ ଉଲ୍ଲେଖନୀୟ ସଫଳତାରେ ଓଡ଼ିଶା ଲକ୍ଷପତି ଦିଦି ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରି ଦେଶବ୍ୟାପୀ ଦ୍ୱିତୀୟ ସ୍ଥାନ ହାସଲ କରିଛି, ଯାହା ମହିଳାମାନଙ୍କୁ ବାର୍ଷିକ ଅତିକମରେ ୧ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ମହିଳାମାନଙ୍କର, ବିଶେଷକରି ଗ୍ରାମୀଣ, ଆଦିବାସୀ ଏବଂ ଆକାଂକ୍ଷୀ ଅଞ୍ଚଳରେ ସାମାଜିକ ତଥା ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ପ୍ରତି ରାଜ୍ୟର ଅଟଳ ପ୍ରତିବଦ୍ଧତାକୁ ଦର୍ଶାଏ। କେବଳ ୨୦୨୪-୨୫ ବର୍ଷ ମଧ୍ୟରେ, ଓଡ଼ିଶା ୧୬.୧୯ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା, ଯାହା ୧୭.୪୭ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲ୍ଡି) ଚିହ୍ନଟ କରି ସମସ୍ତ ନିର୍ଦ୍ଧାରିତ ଲକ୍ଷ୍ୟକୁ ଅତିକ୍ରମ କରିଛି। ଏହି ଲକ୍ଷ୍ୟର ପ୍ରଭାବଶାଳୀ ସଫଳତା ସୁନିଶ୍ଚିତ କରିବା ପାଇଁ ଆଞ୍ଚଳିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ବ୍ୟବସାୟ ବିକାଶ ଯୋଜନା (ବିଡିପି) ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ୧୬.୪୪ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦି ପ୍ରଶିକ୍ଷିତ ହୋଇଛନ୍ତି ଏବଂ ୧୧ ଲକ୍ଷ ବ୍ୟବସାୟ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଛି।

ଏହି ଅଭିଯାନକୁ ସୁଚାରୁ ଏବଂ ପ୍ରଭାବଶାଳୀ ଭାବରେ ପର୍ଯ୍ୟବେକ୍ଷଣ କରିବା ପାଇଁ ରାଜ୍ୟ ଏବଂ ଜିଲା ସ୍ତରରେ ଷ୍ଟିଅରିଂ କମିଟି ପ୍ରତିଷ୍ଠା କରାଯାଇଛି। ଏହି ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍ଏସ୍), ଷ୍ଟିଅରିଂ କମିଟି ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଜିଲା ସ୍ତରୀୟ କର୍ମଶାଳା ଆୟୋଜନ କରାଯାଇଛି, ଯାହା ସୁସଂଗତ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବ।

ସରକାରଙ୍କ ଏକ ଅଗ୍ରଣୀ କାର୍ଯ୍ୟକ୍ରମ 'ଲକ୍ଷପତି ଦିଦି ଯୋଜନା'କୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର 'ଲକ୍ଷପତି ଦିଦି ସହାୟିକା ଯୋଜନା' ଘୋଷଣା କରିଛନ୍ତି, ଯାହା ମାଧ୍ୟମରେ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍ଏସ୍) ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ। ସିଏସ୍ଏସ୍ ତୃଣମୂଳସ୍ତରରେ ଲକ୍ଷପତି ଦିଦି ଯୋଜନାକୁ ସଫଳ ରୂପେ କାର୍ଯ୍ୟକାରୀ କରି ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ସୁନିଶ୍ଚିତ କରିବ। ଏଥିଲାଗି ସେମାନଙ୍କ କ୍ଷମତା ବୃଦ୍ଧି ଏବଂ ଭିତ୍ତିଭୂମିର ଉନ୍ନତି କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ସମ୍ବଳର ଗୁରୁତ୍ୱକୁ ସ୍ୱୀକାର କରି ରିଭଲଭିଂ ଫଣ୍ଡ୍ (ଆର୍ଏଫ୍) ଏବଂ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ୍ (ସିଆଇଏଫ୍) ଆବଣ୍ଟନ ଯଥାକ୍ରମେ ୧୫,୦୦୦ ଟଙ୍କାରୁ ୩୦,୦୦୦ ଟଙ୍କା ଏବଂ ୩୫ ଲକ୍ଷ ଟଙ୍କାରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଗୋଷ୍ଠୀଗତ ସଂସ୍ଥାଗୁଡ଼ିକୁ କାର୍ଯ୍ୟକ୍ଷମ କରାଇ ଅଧିକ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବ।

ଏହି ପ୍ରୟାସଗୁଡ଼ିକର ରୂପାନ୍ତରକାରୀ ପ୍ରଭାବକୁ ଦର୍ଶାଉଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା ସୁଭଦ୍ରା ଶକ୍ତିମେଳା-୨୦୨୫। ନିକଟ ଅତୀତରେ ଆୟୋଜିତ ଏହି ମେଳା ରାଜ୍ୟର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ ବିଶାଳ ମଞ୍ଚ ପ୍ରଦାନ କରିଥିଲା, ଯେଉଁଥିରେ ୩୦୦ରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀ (ପିଜି)ର ସଦସ୍ୟା ପ୍ରଥମ ଥର ପାଇଁ ଅଂଶଗ୍ରହଣକାରୀଭାବେ ସାମିଲ ଥିଲେ। ଏହି ମେଳାରେ ୫କୋଟି ଟଙ୍କାରୁ ଅଧିକ ବ୍ୟବସାୟ କାରବାର ସୃଷ୍ଟି କରିଥିଲା। ମେଳାରେ ଅଂଶଗ୍ରହଣ କରିଥିବା ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ ମଧ୍ୟରୁ ୧୦୦୦ ଜଣରୁ ଅଧିକ ଲକ୍ଷପତି ଦିଦିରେ ପରିଣତ ହୋଇଛନ୍ତି। ଏହି ମେଳାଗୁଡ଼ିକ କେବଳ ଆର୍ଥିକ ଅଭିବୃଦ୍ଧି ପ୍ରଦାନ କରନ୍ତି ନାହିଁ ବରଂ ଗୁରୁତ୍ୱପୂର୍ଣ୍ଣ ବଜାର ଅଭିଜ୍ଞତା ମଧ୍ୟ ପ୍ରଦାନ କରନ୍ତି, ଯାହା ଆତ୍ମବିଶ୍ୱାସ ଏବଂ ଉଦ୍ୟମୀ ଦକ୍ଷତା ନିର୍ମାଣ କରେ। ଓର୍ମାସ ଦ୍ୱାରା ଆୟୋଜିତ ଶିଶିର ସରସ ମେଳା ଭଳି ଜାତୀୟସ୍ତରର ମେଳା ମଧ୍ୟ ଓଡ଼ିଶାର ମହିଳା ଉଦ୍ୟୋଗୀ ଏବଂ ସେମାନଙ୍କ ବିଭିନ୍ନ ଉତ୍ପାଦକୁ ବୃହତ୍ ମଞ୍ଚରେ ପ୍ରଚାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି, ଯାହା ଆନ୍ତଃରାଜ୍ୟ ସଂଯୋଗ ଓ ଲକ୍ଷପତି ଦିଦିଙ୍କ ସଂଖ୍ୟା ଓ ସ୍ଥିତିକୁ ସମୃଦ୍ଧ କରୁଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବ୍ୟାପୀ ତିନି କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ଆମକୁ ଏକ ସ୍ପଷ୍ଟ ମାର୍ଗଦର୍ଶିକା ଏବଂ ନିରନ୍ତର ପ୍ରେରଣା ପ୍ରଦାନ କରିଛି। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଟଳ ସମର୍ଥନ ଏବଂ ଦୂରଦର୍ଶୀ ନେତୃତ୍ୱ ପାଇଁ ମୁଁ ଗଭୀର କୃତଜ୍ଞତା ଜ୍ଞାପନ କରିବାକୁ ଚାହେଁ। ଆଜି ଆମେ ଦେଖୁଥିବା ସଫଳତା ଓ ଏଲ୍ଏମ୍‌ର ସମର୍ପିତ ଅଧିକାରୀମାନଙ୍କ ଦ୍ୱାରା ସମ୍ଭବ ହୋଇଛି, ଯେଉଁମାନଙ୍କ ଅକ୍ଳାନ୍ତ ପ୍ରୟାସ ନୀତିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସଫଳତାରେ ପରିଣତ କରିଛି। ତଥାପି ନିଃସନ୍ଦେହରେ, ପ୍ରକୃତ ନାୟିକା ଆମର ଏସ୍ଏଚ୍ଜି ସଦସ୍ୟା ଅଟନ୍ତି। ଉଦ୍ୟୋଗ ପରିଚାଳନା କରିବାରେ ସେମାନଙ୍କ ସାହସ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ବଜାର ସହିତ ଖାପ ଖାଇବାର କ୍ଷମତା ଏବଂ ବାଧାବିଘ୍ନ ଅତିକ୍ରମ କରିବାରେ ସେମାନଙ୍କ ଦୃଢ଼ତା ସମସ୍ତଙ୍କ ପାଇଁ ଏକ ଅନୁପ୍ରେରଣାଦାୟୀ ଉଦାହରଣ ଭାବେ କାର୍ଯ୍ୟ କରେ। ସେମାନେ କେବଳ ହିତାଧିକାରୀ ନୁହନ୍ତି, ସେମାନେ ଆମର ଅଗ୍ରଗତିର ସହଭାଗୀ ଅଟନ୍ତି।

ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କ ଆର୍ଥିକ କାର୍ଯ୍ୟକଳାପକୁ ପରିଚାଳନା କରିବା ତଥା ସେମାନଙ୍କ ଉତ୍ପାଦଗୁଡ଼ିକର ଗୁଣାତ୍ମକ ମୂଲ୍ୟ ବୃଦ୍ଧିକୁ ସୁଦୃଢ଼ କରିବା, ବଜାର ପ୍ରବେଶକୁ ବିସ୍ତାର କରିବା ଏବଂ ଆର୍ଥିକ ସ୍ୱାଧୀନତାକୁ ବୃଦ୍ଧି କରିବା ପାଇଁ ଏକ ସଂରଚିତ ବଜାର ସଂଯୋଗ ରଣନୀତି ଆରମ୍ଭ କରାଯାଇଛି। ଇ-କମର୍ସ ପରି ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଲକ୍ଷପତି ଦିଦିମାନଙ୍କୁ ବ୍ୟାପକ ବଜାର ସହିତ ସଂଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରପ୍ତାନି ସଂଯୋଗ ସ୍ଥାପନ କରିବା ପାଇଁ ସରକାରୀ ରପ୍ତାନି ପ୍ରୋତ୍ସାହନ ଏଜେନ୍ସି ଏବଂ ଆଇଏସ୍ଓ, ଜୈବିକ ଏବଂ ଫେୟାର ଟ୍ରେଡ୍ ପରିପ୍ରମାଣପତ୍ର ସହିତ ସହଭାଗିତା କ୍ଷମତା ନିର୍ମାଣ, ଭିତ୍ତିଭୂମି ବିକାଶ ଏବଂ ଜାତୀୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣ ଆଦି ନୂତନ ଯୋଜନା ସେମାନଙ୍କୁ ଅଧିକ ଉପାର୍ଜନ ପାଇଁ ସମର୍ଥନ କରିବ। ଡିଜିଟାଲ ପ୍ଲାଟଫର୍ମ, ସୋସିଆଲ ମିଡିଆ, ଏବଂ ଇନ୍‌ଫ୍ଲୁଏନ୍ସରଙ୍କ ସହଯୋଗରେ ଏକ ବ୍ୟାପକ ବିଜ୍ଞାପନ ଅଭିଯାନ ଲକ୍ଷପତି ଦିଦିମାନଙ୍କ ଉତ୍ପାଦର ଦୃଶ୍ୟମାନତାକୁ ବୃଦ୍ଧି କରିବା ପାଇଁ ବ୍ୟବସ୍ଥା ରହିଛି। ଏହି ମହିଳା ଉଦ୍ୟୋଗୀମାନଙ୍କ ପ୍ରେରଣାଦାୟୀ କାହାଣୀ, ବିଶ୍ୱବ୍ୟାପୀ ଉପଭୋକ୍ତାଙ୍କ ସହିତ ଗଭୀର ସମ୍ପର୍କ ସୃଷ୍ଟି କରିବାକୁ ଲକ୍ଷ୍ୟ କରାଯାଇଛି। ମୁଁ ଜାଣି ଖୁସି ହେଲି ଯେ ରଙ୍ଗର ପର୍ବ, ହୋଲି ଉତ୍ସବକୁ ପାଳନ କରିବା ପାଇଁ ୫୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜୈବିକ ରଙ୍ଗ ପ୍ରସ୍ତୁତ କରି ଲକ୍ଷପତି ଦିଦି ହୋଇପାରିଛନ୍ତି। ଜୈବିକ ରଙ୍ଗର ଚାହିଦାକୁ ଦୃଷ୍ଟିରେ ରଖି ଏହାର ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

ମୁଁ ଗର୍ବିତ ଯେ, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୮ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି, ଯେଉଁଥିରେ ଉଲ୍ଲେଖନୀୟଭାବେ ଆକାଂକ୍ଷୀ ଏବଂ ଆଦିବାସୀ ଜିଲାଗୁଡ଼ିକରୁ ୧,୬୬,୫୦୫ ଜଣ ଅଛନ୍ତି, ଯାହା ମହିଳା ସଶକ୍ତୀକରଣ ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି, ଯାହା ଓଡ଼ିଶାର ସାମାଜିକ-ଅର୍ଥନୈତିକ ପରିଦୃଶ୍ୟରେ ଉଲ୍ଲେଖନୀୟ ଭାବେ ଉନ୍ନତି ଆଣିବ। ଆମ ସରକାର ମହିଳା ସଶକ୍ତୀକରଣ ପ୍ରତି ନିଜର ପ୍ରତିବଦ୍ଧତାରେ ନିଷ୍ଠାବାନ ରହିଛନ୍ତି। ଆମେ ବୁଝୁଛୁ ଯେ, ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତ ପାଇଁ ଆମର ଆକାଂକ୍ଷା ପୂରଣ କରିବାକୁ ଆମକୁ ଆମ ମହିଳାମାନଙ୍କ ଆର୍ଥିକ ଭିତ୍ତିକୁ ନିରନ୍ତର ସୁଦୃଢ଼ କରିବାକୁ ପଡ଼ିବ। ଆମେ ନିଜର ପହଞ୍ଚକୁ ବିସ୍ତାର କରିବା ସହ ଆମର ପ୍ରୟାସକୁ ବୃଦ୍ଧି କରିବା ଏବଂ ଓଡ଼ିଶାର କୌଣସି ମହିଳା ଯେପରି ପଛରେ ଛାଡ଼ି ନ ହେବେ ତାହା ସୁନିଶ୍ଚିତ କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ।

ଲକ୍ଷପତି ଦିଦିଙ୍କ ଯାତ୍ରା ଏବେ ମଧ୍ୟ ଜାରି ରହିଛି। ଆମେ ହାସଲ କରିଥିବା ପ୍ରତିଟି ମାଇଲଖୁଣ୍ଟ ସହିତ ପ୍ରତିଟି ମହିଳାଙ୍କୁ ସଶକ୍ତ କରିବା ଏବଂ ପ୍ରତିଟି ଜୀବନକୁ ସ୍ପର୍ଶ କରିବା ସହିତ ଆମେ ବିକଶିତ ଓଡ଼ିଶାର ଦୃଷ୍ଟି ଆଡ଼କୁ ଏକ ପାଦ ଆଗକୁ ବଢ଼ୁଛୁ। ଏକତ୍ର, ଦୃଢ଼ ପ୍ରୟାସ ଏବଂ ଅଟଳ ସଂକଳ୍ପ ସହିତ ଆମେ ଏହି ଅନୁପ୍ରେରଣାଦାୟକ ଯାତ୍ରା ଜାରି ରଖିବୁ, ମହିଳା ସଶକ୍ତୀକରଣକୁ କେବଳ ଏକ ଲକ୍ଷ୍ୟ ନୁହେଁ ବରଂ ଓଡ଼ିଶାର ଅଭିବୃଦ୍ଧି ଏବଂ ସମୃଦ୍ଧିରେ ଏକ ବାସ୍ତବତାର ରୂପ ଦେବୁ। ଆସନ୍ତୁ ଆମେ ଏହି ଯାତ୍ରାରେ ଏକତ୍ର, ହାତରେ ହାତ ମିଶାଇ ଚାଲିବା, ପ୍ରତ୍ୟେକ ସଫଳତା, ପ୍ରତ୍ୟେକ ସଶକ୍ତ ମହିଳା ଏବଂ ପ୍ରତ୍ୟେକ ରୂପାନ୍ତରିତ ପରିବାରକୁ ଏକ ଉତ୍ସବ ଭଳି ପାଳନ କରିବା। ତାହା କରିପାରିଲେ ଏକାଠି, ଆମେ ଏକ ସମୃଦ୍ଧ, ଆତ୍ମନିର୍ଭରଶୀଳ ଏବଂ ବିକଶିତ ଓଡ଼ିଶା ସୃଷ୍ଟି କରିପାରିବା। ପରିଶେଷରେ ରଙ୍ଗର ପର୍ବର ହୋଲି ଉତ୍ସବ ଆପଣଙ୍କ ଜୀବନରେ ଖୁସି, ସମୃଦ୍ଧି ଓ ସଫଳତା ଭରିଦେଉ ଏହା ହିଁ ମୋର କାମନା। ହୋଲି ପର୍ବ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।




# ଓଜେଏସ୍ ପରୀକ୍ଷାଫଳ ପ୍ରକାଶ

## ସୋମେଶ ରଣବିଜୁଳି ଟପ୍ପର

**କଟକ, ୧୩।୩(କାର୍ତ୍ତିକ ସାହୁ)**



ସୋମେଶ ରଣବିଜୁଳି

ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ-୨୦୨୩ ସିଭିଲ ଜଜ ପଦବୀ ନିମନ୍ତେ ଅନୁଷ୍ଠିତ ପରୀକ୍ଷାର ଫଳ ଗୁରୁବାର ପ୍ରକାଶ ପାଇଛି। ଏହି ପଦବୀ ନିମନ୍ତେ ୩୩ ଜଣ ପ୍ରାର୍ଥିନୀ/ପ୍ରାର୍ଥୀଙ୍କୁ ମେଧା ତାଲିକାଭୁକ୍ତ କରାଯାଇଛି। ସେଥିମଧ୍ୟରେ ୨୪ ଜଣ ମହିଳା ଅଛନ୍ତି। ତେବେ ମେଧା ତାଲିକାର ପ୍ରଥମ ୧୦ ଜଣଙ୍କ ମଧ୍ୟରେ ୮ ଜଣ ମହିଳା ସ୍ଥାନିତ ହୋଇଛନ୍ତି। ପ୍ରଥମ ସ୍ଥାନରେ ସୋମେଶ ରଣବିଜୁଳି, ଦ୍ୱିତୀୟରେ ଅରୁଣିମା ପତି, ତୃତୀୟରେ ପାୟେଲ ଅଗ୍ରା ଅଛନ୍ତି। ସେହିପରି ପ୍ରିୟଙ୍କା ଅଗରୱାଲ ଚତୁର୍ଥ, ସ୍ମିତା ମହାପାତ୍ର ୫ମ, ଅଭିଲାଷ ଦାଶ ୬ଷ୍ଠ, ରିତୁପର୍ଣ୍ଣା ଦାସ ୭ମ, ଅନ୍ୱେଷା ଦାସ ୮ମ, ରାଜଶ୍ରୀ ପ୍ରିୟଦର୍ଶିନୀ ୯ମ ଓ ମନୀଷା ଦାସ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଓଜେଏସ୍ ପରୀକ୍ଷାରେ ଟପ୍ପର ହୋଇଥିବା ସୋମେଶ ରଣବିଜୁଳି ଏବେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଅଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗୋଡାଗାଁର ସୋମେଶ କହିଛନ୍ତି, ନିଜ କର୍ତ୍ତବ୍ୟରେ ଅବହେଳା ନ କରି ମୁଁ ପାଠପଢ଼ି ଓଜେଏସ୍ ପରୀକ୍ଷା ଦେଇଥିଲି। ପରିଶ୍ରମର ଫଳ ପାଇଛି। ମୋ ଇଚ୍ଛା ବି ପୂରଣ ହୋଇଥିବାରୁ ଭଗବାନଙ୍କୁ ଧନ୍ୟବାଦ୍ ଜଣାଉଛି। ମୋର ଏହି ସଫଳତା ପଛରେ ମା'ବାପା, ପରିବାର ସଦସ୍ୟ ଓ କେତେଜଣ ବନ୍ଧୁଙ୍କ ସହଯୋଗ ରହିଛି।

ଓଜେଏସ୍ ପରୀକ୍ଷାଫଳ ମେଧା ତାଲିକାର ୮ମ ସ୍ଥାନରେ ଥିବା ଅନ୍ୱେଷା ଦାସ ପ୍ରଥମ ଥର ଏହି ପରୀକ୍ଷା ଦେଇ ଏଭଳି ସଫଳତା ପାଇଛନ୍ତି। ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟ ଲ' କଲେଜରେ ପଢୁଥିବାବେଳେ ଏଲ୍ଏଲ୍ଏମ୍‌ରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିଲେ। ମାଟ୍ରିକ୍‌ଠାରୁ ଆରମ୍ଭ କରି ତାଙ୍କର କ୍ୟାରିୟର ଫାଷ୍ଟ କ୍ଲାସ ରହିଛି। ସେ ହେଉଛନ୍ତି ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ରଞ୍ଜନ କୁମାର ଦାସଙ୍କ କନ୍ୟା। ଏଭଳି ସଫଳତାରେ ଅନ୍ୱେଷା ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ନ୍ୟାୟିକ ବ୍ୟବସ୍ଥାରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବେ ବୋଲି ମତପ୍ରକାଶ କରିଛନ୍ତି।

# ୪୧.୪ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର, ୧୩।୩ (ଅନୁରାଧା ମହାରଣା)**

ରାଜ୍ୟରେ ଗତକିଛି ଦିନ ହେଲା ତାପମାତ୍ରା ବଢ଼ିଚାଲିଛି। ଦୁଇଦିନ ହେବ ପାରଦ ୪୦ ଡିଗ୍ରୀ ଉପରେ ରହିଥିବାବେଳେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳିରେ ସାରା ଓଡ଼ିଶାର ଜୀବନଯାତ୍ରା ପ୍ରଭାବିତ ହୋଇଛି। ବୁଧବାର ଭଳି ଗୁରୁବାର ମଧ୍ୟ ତାପମାତ୍ରା ୪୦ ଡିଗ୍ରୀ ଟପିଛି। ୪୧.୪ ଡିଗ୍ରୀ ସହ ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏହାସହ ୧୫ ସହରରେ ତାତି ୩୯ ଡିଗ୍ରୀ ଓ ୮ସହର ୪୦ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ବୌଦ୍ଧରେ ୪୦.୮ ଡିଗ୍ରୀ, ବଲାଙ୍ଗୀରରେ ୪୦.୪, ଭଦ୍ରକ ଓ ହୀରାକୁଦରେ ୪୦.୧, ସମ୍ବଲପୁର ଓ ବାରିପଦାରେ ୪୦, ପାରଳାଖେମୁଣ୍ଡିରେ ୩୯.୯, ଅନୁଗୋଳ ଓ ସୋନପୁରରେ ୩୯.୭, ସୁନ୍ଦରଗଡ଼ରେ ୩୯.୬, ରାଉରକେଲା, ଭବାନୀପାଟଣା ଓ ଢେଙ୍କାନାଳରେ ୩୯.୫ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବର୍ଷର ପ୍ରଥମଥର ୩୮.୨ ଡିଗ୍ରୀ ଛୁଇଁଛି। ତେବେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଖରା ବଢ଼ିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୩ ଓ ୧୪ ତାରିଖ ପାଇଁ ବୌଦ୍ଧ, ସୋନପୁର, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ସମ୍ବଲପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୫ ଓ ୧୬ ତାରିଖରେ ହିଟ୍‌ୱେଭ୍ ନେଇ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି। ଅନୁଗୋଳ, ସୋନପୁର, ବରଗଡ଼, ସୁନ୍ଦରଗଡ଼ ଓ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ରାତିରେ ଗୁଳୁଗୁଳି ନେଇ ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼ ଓ ବୌଦ୍ଧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମପ୍ରବାହ ଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟର ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୩୦ରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)**

ଅନ୍ତ୍ୟୋଦୟ ଗୃହ ଯୋଜନା ଆସନ୍ତା ୩୦ତାରିଖରୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡିରେ ଏହି ଯୋଜନାର ଶୁଭାରମ୍ଭ କରିବେ। ଉକ୍ତ ଯୋଜନାରେ ଅଢ଼େଇରୁ ୩ ଲକ୍ଷ ହିତାଧିକାରୀ ଉପକୃତ ହେବେ। ଏହା ଗରିବ ହିତାଧିକାରୀଙ୍କ ପାଇଁ ଉତ୍ତମ ଯୋଜନା। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଯୋଜନାରେ ଅଧିକ ଗରିବଙ୍କୁ ଯୋଡ଼ିବାକୁ ପଦକ୍ଷେପ ନିଆଯିବ। ଯେଉଁମାନେ ଭିନ୍ନକ୍ଷମ, ବିଧବା କିମ୍ବା ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ, ଯେପରିକି କିଡ୍‌ନୀ, ହାର୍ଟ, କ୍ୟାନ୍‌ସର ଭଳି ରୋଗ ସେମାନଙ୍କୁ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ବନ୍ୟା ଓ ବାତ୍ୟା ଭଳି ବିଭିନ୍ନ ଆକସ୍ମିକ ଦୁର୍ବିପାକରେ ଘର ନଷ୍ଟ ହୋଇଥିବା ବ୍ୟକ୍ତିଙ୍କୁ ଏହି ଯୋଜନାରେ ଲାଭ ମିଳିବ। ଏନେଇ ଏକ ପୋର୍ଟାଲ ଆରମ୍ଭ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ସହ ଯୋଗାଯୋଗକରି ଉକ୍ତ ଯୋଜନା ଲାଗି ହିତାଧିକାରୀ ପଞ୍ଜୀକରଣ କରିପାରିବେ।

# ଓଲଟିଲା ବସ୍: ୨ ମୃତ

**ସୁନ୍ଦରଗଡ଼, ୧୩।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଗୁଣ୍ଡିଆଡିହିରୁ ସୁନ୍ଦରଗଡ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ ଗୁରୁବାର ଅପରାହ୍ନ ପ୍ରାୟ ୧୨ଟା ୩୦ ସମୟରେ ତେଲେନଡିହି ନିକଟରେ ଏକ ବାଇକ୍ ସହ ଧକ୍କା ହେବା ପରେ ଭାରସାମ୍ୟ ହରାଇ ରାସ୍ତାର ପ୍ରାୟ ୧୦ଫୁଟ ତଳକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ମିଳିଥିବା ସୂଚନା ଅନୁସାରେ, ମା'ସମଲେଶ୍ୱରୀ ନାମକ ଘରୋଇ ବସ୍ ନଂ. ଓଡି୨୩ଆର୍୦୩୪୭ ପ୍ରତିଦିନ ହେମଗିରି ଗୋପାଳପୁରରୁ ସୁନ୍ଦରଗଡ ଏବଂ ସୁନ୍ଦରଗଡରୁ ଗୁଣ୍ଡିଆଡିହିକୁ ଯାଇ ଫେରିଥାଏ। ଗୁରୁବାର ଗୁଣ୍ଡିଆଡିହିରୁ ସୁନ୍ଦରଗଡ଼କୁ ଫେରୁଥିବା ବେଳେ ତେଲେନଡ଼ିହିଠାରେ ସାମ୍ନା ପଟୁ ଆସୁଥିବା ବାଇକ୍ ଭାରସାମ୍ୟ ହରାଇ ବସରେ ପିଟି ହୋଇଥିଲା। ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାରୁ ୧୦ ଫୁଟ ତଳକୁ ଖସି ପଡ଼ିଥିଲା। ଖବର ପାଇ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଓ ସଦର ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଜଣେ ଯାତ୍ରୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଘଟଣା ସ୍ଥଳରୁ ବସ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ ଓ ବାଇକକୁ ଜବତ କରି ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି। ଜିଲା ପରିବହନ ଅଧିକାରୀ ପର୍ଶୁରାମ ସାହୁଙ୍କ କହିବା ମୁତାବକ, ଉକ୍ତ ବସରେ ୪୦ ଜଣ ଯାତ୍ରୀ ଥିଲେ।

# ନିଯୁକ୍ତି ପ୍ରକ୍ରିୟାରେ ରୋକ୍ ଲଗାଇଲେ ହାଇକୋର୍ଟ

## ଆଇଆର୍‌ବି ବାଟାଲିଅନ କନ୍‌ଷ୍ଟେବଲ୍ ସିପାହି ନିଯୁକ୍ତି ମାମଲା

**କଟକ, ୧୩।୩(କାର୍ତ୍ତିକ ସାହୁ)**

ଆଇଆର୍‌ବି ବାଟାଲିଅନ କନ୍‌ଷ୍ଟେବଲ୍ ସିପାହି ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟ ଗୁରୁବାର ରୋକ ଲଗାଇଛନ୍ତି। ଆସନ୍ତା ୧୭ ତାରିଖରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବାର ଥିଲା। ମାତ୍ର ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ ରଖିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଆସନ୍ତା ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ମହାମାରୀ କରୋନା କାରଣରୁ ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ଆଇଆର୍‌ବି କନ୍‌ଷ୍ଟେବଲ୍ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। କରୋନା କାଳ ଅତିକ୍ରମ କଲାପରେ ପ୍ରାୟ ୧୮୦୦ ଆଇଆର୍‌ବି କନ୍‌ଷ୍ଟେବଲ୍ ସିପାହି ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହି ସମୟ ଭିତରେ କେତେଜଣ ପ୍ରାର୍ଥୀଙ୍କର ବୟସ ଅତିକ୍ରାନ୍ତ ହୋଇଯାଇଥିଲା। ତେବେ ବୟସାଧିକ କାରଣରୁ ବାଦ୍ ପଡ଼ିଥିବା କେତେଜଣ ପ୍ରାର୍ଥୀ ଇଣ୍ଟରଭ୍ୟୁ ଦେବା ଲାଗି ଅନୁମତି ଲୋଡ଼ି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନକୁ ବିଚାରକରି ଇଣ୍ଟରଭ୍ୟୁରେ ସାମିଲ ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କିନ୍ତୁ ବୟସାଧିକ ହେତୁ ମେଧା ତାଲିକାରୁ ବାଦ୍ ପଡ଼ିଥିବା ପ୍ରାର୍ଥୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ବୟସ ଅତିକ୍ରାନ୍ତ କରିଥିବା ପ୍ରାର୍ଥୀମାନଙ୍କ ପାଇଁ ପୂର୍ବରୁ ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଥିଲା, ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ତେଣୁ ସେମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସେମାନଙ୍କ ପାଇଁ ଲାଗୁ କରିବା ନିମନ୍ତେ ଆଦେଶ ଦେବାକୁ ସେମାନେ ପ୍ରାର୍ଥନା କରିଛନ୍ତି।




**ଆଜିର ମନ୍ତବ୍ୟ**
"କଂଗ୍ରେସ ଭାଜପା ବିରୋଧରେ ମିଛ ପ୍ରଚାର କରୁଛି। ସତ୍ୟର ସାମ୍ନା କରିବାବେଳକୁ ପଳାୟନପନ୍ଥୀ ସାଜୁଛି। ଏଥିଯୋଗୁ କଂଗ୍ରେସ ଲୋକଙ୍କ ଆସ୍ଥା ହରାଇଦେଇଛି।
–ନାୟବ ସିଂ ସାଇନି, ହରିୟାଣା ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୨ତମ ଅଖଣ୍ଡ ନାମଯଜ୍ଞ, ସ୍ଥାନ: ବାଲିଅନ୍ତା ବ୍ଲକର ରାମଚନ୍ଦ୍ରପୁରସ୍ଥିତ ମହିମା ଅଲେଖ ଆଶ୍ରମ, ସମୟ: ସକାଳ ୯ଟା।
- ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ୮୯ତମ ବାର୍ଷିକୋତ୍ସବ, ସ୍ଥାନ: ଭିଙ୍ଗାରପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଏକାମ୍ର ସଂସ୍କୃତି ପ୍ରକାଶନୀ ପକ୍ଷରୁ ପ୍ରଭୁ ଲିଙ୍ଗରାଜଙ୍କ ଦୋଳପୂର୍ଣ୍ଣିମା ଉପଲକ୍ଷେ ରାଜ୍ୟସ୍ତରୀୟ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଲିଙ୍ଗରାଜ ଭଜନ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଏକବିଂଶତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମଦେବ ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ଭଦ୍ରକ
- ଦେଶ ମେଳଣ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ସକାଳ ୬ଟା।
- ଫଗୁ ମିଳନ ଉତ୍ସବ, ସ୍ଥାନ: ବିଜୁ ସ୍ମୃତି ଭବନ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ରାମରହିମ ମେଳଣ, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ତିହିଡ଼ି ମେଳଣ, ସ୍ଥାନ: ତିହିଡ଼ି, ସମୟ: ରାତି ୯ଟା।
- କାଳିମେଘା ମେଳଣ, ସ୍ଥାନ: ତିହିଡ଼ି, ସମୟ: ରାତି ୧୦ଟା।
- ଝାଡ଼ପଟା ମେଳଣ, ସ୍ଥାନ: ଗୁଆମାଳ, ତିହିଡ଼ି, ସମୟ: ରାତି ୧୦ଟା।
- ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କୁ ଶ୍ରୀଜୀଉଙ୍କ ଅବିର ଲାଗି, ସ୍ଥାନ: ବ୍ରାହ୍ମଣଗାଁ, ବାସୁଦେବପୁର, ସମୟ: ରାତି ୩ଟା।

## କେନ୍ଦୁଝର
- ଅନନ୍ତ ଗୋପାଳ ଅଷ୍ଟମପ୍ରହର ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ଇଶଳାଖସିପୁର, ଛେନାପଦି, ସମୟ: ସକାଳ ୬ ଟା।
- ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୬ ଟା।
- ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୬ ଟା।
- ୫୮ତମ ମା' ମଙ୍ଗଳା ଚୈତ୍ର ପୂଜା ଉତ୍ସବ, ସ୍ଥାନ: ଭୂଇଁପୁର, ଛେନାପଦି, ସମୟ: ସକାଳ ୮ ଟା।
- ଦୋଳ ପୂର୍ଣ୍ଣମୀରେ ରାଧାକୃଷ୍ଣଙ୍କ ମେଲଣ ଉତ୍ସବ, ସ୍ଥାନ: ଗୁକୁଣା, ଛେନାପଦି, ସମୟ: ରାତ୍ର ୧୦ ଟା।

## ମୟୂରଭଞ୍ଜ
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଫରେଷ୍ଟ କଲୋନୀ ବାରିପଦା, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କେନ୍ଦୁସାହି, ବାରିପଦା, ସମୟ: ସକାଳ ୬ଟା।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ରାଧାମାଧବ ଜୀଉଙ୍କ ଷଷ୍ଠ ବାର୍ଷିକୋତ୍ସବ, ସ୍ଥାନ: ଜାଲଦା, ସାରସକଣା, ସମୟ: ସକାଳ ୭ଟା।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀ ମଦନମୋହନଙ୍କ ଗ୍ରାମ ପରିକ୍ରମା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା, ସମୟ: ସକାଳ ୮ଟା।
- ୫୫୧ତମ ମାସିକ ସନ୍ଥ ଦିବସ, ସ୍ଥାନ: ହୋଟେଲ ଦୁର୍ଗା, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମଉତ୍ସବ ଓ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ସଂକୀର୍ତ୍ତନ, ସ୍ଥାନ : ଭଞ୍ଜବାଟୀ, ବଡ଼ସାହି, ସମୟ: ଅପରାହ୍ନ ୧ଟା।
- ଓଁ ଶ୍ରୀ ଶ୍ରୀ ରାଧାକୃଷ୍ଣ ହୋଲି ମହୋତ୍ସବ ଉପଲକ୍ଷେ ଘଟୋତ୍ତଳନ, ସ୍ଥାନ: କୋଟିଳାପଦା, ବଡ଼ସାହି, ସମୟ: ଅପରାହ୍ନ ୨ଟା।
- ଷୋହଳ ପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ମଧୁବନ ୱାର୍ଡ ନଂ.୯, ବାରିପଦା, ସମୟ: ଅପରାହ୍ନ ୨ଟା।
- ଶ୍ରୀ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ସଂକୀର୍ତ୍ତନ, ସ୍ଥାନ : କେନ୍ଦୁଡିହା, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଗୀତା ଓ ସ୍ତୋତ୍ର ପାଠ, ସ୍ଥାନ: ହରିପୁର ବଡ଼ସାହି, ସମୟ: ସନ୍ଧ୍ୟା ୬ଟା।
- ୧୦୦ତମ ହୋଲି ମହୋତ୍ସବରେ ରାଧାକୃଷ୍ଣ ବିଗ୍ରହଙ୍କ ସୁଦୃଶ୍ୟ ମେଳନ, ସ୍ଥାନ: ତାଳପଦା ଦୁର୍ଗାମାଧବ ପଡ଼ିଆ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଚୈତନ୍ୟ ମହାପ୍ରଭୁଙ୍କ ଅଖଣ୍ଡ ନାମଯଜ୍ଞ, ସ୍ଥାନ: ହରିମଣ୍ଡପ, ଝାରପୋଖରିଆ, ସମୟ: ସନ୍ଧ୍ୟା ୭ଟା।
- ବାଙ୍କବିହାରୀଙ୍କ ପୀଠରେ ଦୋଳ ମେଳନ ଓ ବାଇଗଣ ପୋଡ଼ି ଉତ୍ସବ, ସ୍ଥାନ : ଜାମ୍ବୁବଣି ଗ୍ରାମସ୍ଥିତ ପୀଠସ୍ଥଳ, ଝାରପୋଖରିଆ, ସମୟ: ରାତି ୮ଟା।

## ବ୍ରହ୍ମପୁର
- ଗଞ୍ଜାମ ଜିଲା କ୍ରୀଡା ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ
- ଶ୍ରୀଚୈତନ୍ୟ ଠାକୁରଙ୍କ ଜନ୍ମଦିବସ ପାଳନ, ସ୍ଥାନ: ଆସିକା ସୁନାମ୍ବ ସାହି ବାଲାଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।

## କନ୍ଧମାଳ
- ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: କଞ୍ଚାମେଣ୍ଡି ଯଜ୍ଞ ମଣ୍ଡପ କ.ନୂଆଗାଁ, ସମୟ: ସକାଳ ୯ଟା।

## ଅନୁଗୋଳ
- ମା' ମାହେଶ୍ୱରୀଙ୍କ ଦୋଳଯାତ୍ରା, ସ୍ଥାନ: ଆଠମଲ୍ଲିକ ଦୋଳ ମଣ୍ଡପ, ସମୟ: ରାତ୍ର ୮ଟା ୩୦।

## ଜଗତସିଂହପୁର
- ଏନ୍‌ସିସି (ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ) ପକ୍ଷରୁ ସାଇକ୍ଲୋଥନ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ପ୍ରାତଃ ୫ଟା।
- ଯାଦବ ମହାସଭା ପାରାଦୀପ ପକ୍ଷରୁ ଦୋଳ ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ଲଉଡି ଖେଳ, ସ୍ଥାନ: ଶାରଳା ମନ୍ଦିର ପାଖ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ ଟା।

## କେନ୍ଦ୍ରାପଡ଼ା
- ଗୁପ୍ତକ୍ଷେତ୍ର ବଜରଙ୍ଗ ସଙ୍ଗଠନ ପକ୍ଷର ଶ୍ରୀମହାବୀର ଜୟନ୍ତୀ, ସ୍ଥାନ: ସଖୀବଟ, ବିଲବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୬ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଗୁରୁ ମହାରାଜ ମଠ, କଳଦିଆ, ଆଳି, ସମୟ: ସନ୍ଧ୍ୟା ୬ଟା।
- ପଲ୍ଲୀମଙ୍ଗଳ ଡ୍ରାମାଟ୍ରିକ କ୍ଲବ ପକ୍ଷରୁ ଦୋଳ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାର୍ଶାଘାଇ, ସମୟ: ରାତ୍ର ୮ଟା।

## ରାୟଗଡ଼ା
- ଦୋଳ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ଟିକିରି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା।
- ନୂତନ ପାଞ୍ଜି ପାଠ, ସ୍ଥାନ: ରାୟଗଡ଼ା ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ ଟା।

## ସମ୍ବଲପୁର
- ଗୁଣ୍ଡିଖାଇ ଉତ୍ସବ, ସ୍ଥାନ ଦାନିପାଲିସ୍ଥିତ ରାମଚଣ୍ଡି ସେବା ସଦନ, ସମୟ: ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ହୋଲି ମିଳନ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୪ଟା।
- କଲମ ପରିବାର ଆୟୋଜନରେ ହୋଲି ମିଳନ ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଗୁଣ୍ଡିଖାଇ ଉତ୍ସବ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପକ୍ଷରୁ ହୋଲି ମିଳନ କାର୍ଯ୍ୟକ୍ରମ, ସ୍ଥାନ ରିଭର ଇନ ସଭାକକ୍ଷ, ସମୟ : ସନ୍ଧ୍ୟା ୬ଟା।
- ହରି ଫାଉଣ୍ଡେଶନ ଆୟୋଜନରେ ହୋଲି ମିଳନ କାର୍ଯ୍ୟକ୍ରମ, ସ୍ଥାନ : କଂସାରୀପଡା ଛକ, ସମୟ : ରାତି ୭ଟା।

## ରାଉରକେଲା
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୧୯ ଇସ୍ପାତ ଗଜପତି ମାର୍କେଟ, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଝିରପାଣି ବିଶେଶ୍ୱରାୟ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୋଲି ପର୍ବ, ସ୍ଥାନ: ଉଦିତନଗର, ବାସନ୍ତୀ କଲୋନୀ, ସମୟ: ସକାଳ ୭ଟା ୩୦।
- ଆଖଣ୍ଡଳମଣି ମନ୍ଦିରରେ ମହାରୁଦ୍ର ଯଜ୍ଞ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା ୩୦।
- ସାଂସ୍କୃତିକ ପରିଷଦ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ବେଦବ୍ୟାସ, ସମୟ: ରାତି ୮ଟା।

## ବରଗଡ଼
- ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ, ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ ଛକ, ବରଗଡ଼, ସମୟ: ସକାଳ ୮ଟା।
- ମୀନ ସଂକ୍ରାନ୍ତି ପୂଜନ, ସ୍ଥାନ: ପଁରାପାଟ ମନ୍ଦିର, ବରାହଗୋଡା, ବରଗଡ଼, ସମୟ: ସକାଳ ୮ଟା।
- ହୋଲିକା ଦହନ କାର୍ଯ୍ୟକ୍ରମ, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ରାଧାକୃଷ୍ଣଙ୍କ ବିମାନ ଶୋଭାଯାତ୍ରାରେ ସହର ପରିକ୍ରମା, ସ୍ଥାନ: ପୁରୁଣାପଡା, ଭବାନୀପାଟଣା, ସମୟ: ସନ୍ଧ୍ୟା ୬ଟା।
- ଦୋଳପୂର୍ଣ୍ଣିମା ଉପଲକ୍ଷେ କୃପାସିନ୍ଧୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାମାଜିକ ନାଟକ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବନ୍ଧାପଥର ଗ୍ରାମ୍ୟ ମଣ୍ଡପ, ସମୟ ସକାଳ ୮ଟା।

## ଦେବଗଡ଼
- ଆମେ କ୍ଲବ ଦେବଗଡ଼ ପକ୍ଷରୁ ଫଗୁ ଦଶମୀ ପାଳନ, ସ୍ଥାନ: ହସ୍ପିଟାଲ ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ହାଟପଦାରେ ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ହାଟପଦା ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ସରଧାପାଲିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ଦିବାରାତ୍ର।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ହାତୀବନ୍ଧା ଗାଁ, ସମୟ: ପ୍ରାତଃ ୫ଟା ୧୩।
- ହୋଲି ପୂର୍ଣ୍ଣିମା ଉପଲକ୍ଷେ ହୁଲିକା ଦହନ କାର୍ଯ୍ୟକ୍ରମ, ସ୍ଥାନ: ଆଶାରାମ ବାପୁ ଆଶ୍ରମ ଜାମଳି ନୂଆପଡ଼ା, ସମୟ: ରାତ୍ର ୧୦ଟା।

## ଝାରସୁଗୁଡ଼ା
- ସଂକ୍ରାନ୍ତି ପୂଜା ଓ ହନୁମାନଙ୍କ ୧୦୮ ହୋମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀ ଚୈତନ୍ୟଙ୍କ ଜନ୍ମ ଦିନ ପାଳନ, ସ୍ଥାନ: ଶ୍ରିପୁରା ମଠ, ସମୟ: ସକାଳ ୮ ଟା।
- ଦୋଳ ପୂର୍ଣ୍ଣିମା ପାଳନ, ସ୍ଥାନ: କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଦୋଳ ପୂର୍ଣ୍ଣିମା ଓ ସଂକ୍ରାନ୍ତି ପୂଜା, ସ୍ଥାନ: କପିଳାସପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଦୋଳ ପୂର୍ଣ୍ଣିମା, ସଂକ୍ରାନ୍ତି ପୂଜା ଓ ଚୈତନ୍ୟଙ୍କ ଜନ୍ମଦିନ ପାଳନ, ସ୍ଥାନ: କୋଇଲିଘୁଗର, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଜଙ୍ଗଲ ବିଭାଗର ଖର୍ଚ୍ଚଦାବି ଆଲୋଚନା ପାରିତ

# ବନାଗ୍ନିରେ ଓଡ଼ିଶା ଦ୍ୱିତୀୟ: ବିରୋଧୀ

**ଭୁବନେଶ୍ୱର, ୧୩।୩ (ରବିନାରାୟଣ ଜେନା)**

ରାଜ୍ୟରେ ଦିନକୁ ଦିନ ଜଙ୍ଗଲ ଅସୁରକ୍ଷିତ ହୋଇପଡୁଛି। ମାଫିଆମାନେ ମୂଲ୍ୟବାନ ଗଛ କାଟିଜଙ୍ଗଲ ଧ୍ୱଂସ କରୁଥିବାବେଳେ ବେଆଇନ ପଥର କଟା ଚାଲିଛି। ଖାଦ୍ୟାଭାବରୁ ବନ୍ୟଜନ୍ତୁ ଏବେ ଗାଁ ଓ ସହରମୁହାଁ ହୋଇଛନ୍ତି। ଦିନକୁ ଦିନ ବନ୍ୟଜନ୍ତୁ ଓ ମଣିଷ ଲଢ଼େଇ ବଢୁଛି। ସରକାରଙ୍କ ଅନୁକମ୍ପା ରାଶି ସମୁଦ୍ରକୁ ଶଙ୍ଖେ। ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଚଳିତବର୍ଷ ବନାଗ୍ନି ବୃଦ୍ଧି ପାଇଛି। ଏପରି କି ଦେଶରେ ଓଡ଼ିଶା ବନାଗ୍ନିରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ବୋଲି କହି ବିରୋଧୀ ବିଜେଡି ସରକାରଙ୍କୁ ଜଙ୍ଗଲ ବିଭାଗର ଖର୍ଚ୍ଚ ଦାବି ଆଲୋଚନା କାଳରେ ଘେରିବାକୁ ପ୍ରୟାସ କରିଥିଲେ।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ପୂର୍ବ ସରକାର ବନୀକରଣ ନାଁରେ କିଭଳି ବିପୁଳ ଅର୍ଥ ଶ୍ରାଦ୍ଧ କରିଛନ୍ତି ଏବଂ କାଗଜପତ୍ରରେ ଜଙ୍ଗଲ ଆକାର ବଢ଼ାଇଛନ୍ତି ତାହା କହି ବିରୋଧୀଙ୍କୁ କଡ଼ା ଜବାବ ଦେଇଥିଲେ। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଥିଲେ, ପୂର୍ବ ସରକାର ରାଜ୍ୟରେ ୫-ଟି ପ୍ରଚଳନ କରିଥିଲେ। ହେଲେ ଏହା କି ପ୍ରକାର ବିଭାଗ ଏବଂ କେଉଁଠି ଚାଲୁଥିଲା, ତା'ର ମନ୍ତ୍ରୀ ଓ ସଚିବ କିଏ ତାହା ରାଜ୍ୟବାସୀ ଜାଣିପାରୁ ନ ଥିଲେ। ମାତ୍ର ଆମ ସରକାର ଏଥର ୫-ଜେ' ନୀତି ପ୍ରଚଳନ କରିବେ। ଏହାଦ୍ୱାରା ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନ ସମସ୍ତେ ସୁରକ୍ଷିତ ରହିପାରିବେ ବୋଲି କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ବିଜେଡି ସଦସ୍ୟ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ଓ ଶାସକଙ୍କ ଆଲୋଚନା ଓ ମନ୍ତ୍ରୀଙ୍କ ଉତ୍ତର ପରେ ବିଭାଗର ଖର୍ଚ୍ଚଦାବିକୁ ବାଚନିକ ଭୋଟରେ ପାରିତ କରିଥିଲେ।

ଗୁରୁବାର ଅପରାହ୍ନରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂହ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଖର୍ଚ୍ଚ ଦାବି ପ୍ରସ୍ତାବ ଆଗତ କରି ଏହାକୁ ପାରିତ କରିବା ଲାଗି ଗୃହର ସଦସ୍ୟଙ୍କ ସମର୍ଥନ ଲୋଡ଼ିଥିଲେ। ଏହି ଆଲୋଚନାକୁ ଆରମ୍ଭ କରି ବିଜେଡି ସଦସ୍ୟ ତୁଷାରକାନ୍ତି ବେହେରା କହିଥିଲେ, ଜଳ ଓ ସ୍ଥଳ ମଧ୍ୟରେ ସମ୍ପର୍କର

## କାଗଜପତ୍ରରେ ବଢ଼ିଛି ଜଙ୍ଗଲ: ଶାସକ

## ୫-ଜେ'ର କାର୍ଯ୍ୟାନ୍ୱୟନ କରାଯିବ:ମନ୍ତ୍ରୀ

ଗୁରୁଦାୟିତ୍ୱ ହେଉଛି ଜଙ୍ଗଲ ବିଭାଗର। ପୂର୍ବ ସରକାର ସମୟରେ ୨୦୨୧ରୁ ୨୦୨୩ ମଧ୍ୟରେ ରାଜ୍ୟରେ ୫୫୯ ବର୍ଗ କିମି ଜଙ୍ଗଲ ବୃଦ୍ଧି ପାଇଥିଲା। ଏଥିରେ ଗଞ୍ଜାମ ଓ ରାୟଗଡ଼ାରେ ଅଧିକ ପରିମାଣର ବନୀକରଣ କରାଯାଇଥିଲା। ରାଜ୍ୟ ସରକାର ଜଙ୍ଗଲ ଅଧିକାର ଆଇନକୁ ଠିକଣା ଭାବେ କାର୍ଯ୍ୟକାରୀ କରୁ ନାହାନ୍ତି। ଫଳରେ ଆଦିବାସୀମାନେ ତାଙ୍କର ନ୍ୟାଯ୍ୟ ଅଧିକାର ପାଇପାରୁ ନାହାନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲଗାଇ ଶ୍ରମିକଙ୍କୁ ଶୋଷଣ କରୁଛନ୍ତି। ରାଜ୍ୟରେ ଗତ କିଛିମାସ ମଧ୍ୟରେ ୪୦ ହାତୀ ଓ ୫ ବାଘଙ୍କ ମୃତ୍ୟୁ ହେଲାଣି। ଦେଶରେ ବନାଗ୍ନିରେ ଓଡ଼ିଶା ଦ୍ୱିତୀୟରେ ରହିଛି। ତେଣୁ ରାଜ୍ୟ ସରକାର ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି କହି ସରକାରଙ୍କ ବଜେଟକୁ ତୁଷାରକାନ୍ତି ନିନ୍ଦା କରିଥିଲେ।

ଭାଜପା ସଦସ୍ୟ ଭାସ୍କର ମଢ଼େଇ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବଜେଟରେ ଏହି ବିଭାଗ ପାଇଁ ଯେଉଁ ଅର୍ଥ ଅଟକଳ କରାଯାଇଛି ତାକୁ ସମର୍ଥନ ଜଣାଉଛି। ରାଜ୍ୟ ସରକାର ସବୁଜ ମହାନଦୀ ମିଶନ ଲାଗି ବଜେଟରେ ୫୩କୋଟି ଟଙ୍କାର ବ୍ୟୟ ଅଟକଳ କରିଥିବାବେଳେ ଜଙ୍ଗଲ ସୁରକ୍ଷା ଲାଗି ୭୫କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି। ଏହାସହିତ ବନ୍ୟଜନ୍ତୁ ସୁରକ୍ଷା ଲାଗି ୧୫୦କୋଟି ଟଙ୍କା ମଧ୍ୟ ରହିଛି। ତତ୍କାଳୀନ ସରକାର ଜଙ୍ଗଲ ସୁରକ୍ଷା ପ୍ରତି ଟିକେ ହେଲେ ଦୃଷ୍ଟି ଦେଉ ନ ଥିଲେ ; ଯେଉଁଥିପାଇଁ ଅନେକ ଅଧିକାରୀ ଜେଲ ଯାଇଛନ୍ତି ଏବଂ ଆଗକୁ ମଧ୍ୟ ଯିବେ। ଆମ ସରକାର ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ବ୍ୟାପକ ପଦକ୍ଷେପ ହାତକୁ ନେଇଛନ୍ତି। ଜଙ୍ଗଲ ସୁରକ୍ଷା ଓ ଶିକାରୀଙ୍କୁ ଧରିବା ଲାଗି ସିସି କ୍ୟାମେରା ଲଗାଯାଇଛି। ସ୍ୱତନ୍ତ୍ର କୋର୍ଟ ସ୍ଥାପନକୁ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ପ୍ରୟାସ ଜାରି ରହିଛି।

ଆଲୋଚନାରେ ବିରୋଧୀ ଦଳ ପକ୍ଷରୁ ସଦସ୍ୟ ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ଦିଶାରୀ, ରୋମାଞ୍ଚରଞ୍ଜନ ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ସୌଭିକ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରି ସରକାରଙ୍କ ବିଭିନ୍ନ ଦିଗରୁ ବଜେଟକୁ କଡ଼ା ସମାଲୋଚନା କରିଥିଲେ।

ଅନ୍ୟପକ୍ଷରେ ଭାଜପା ପକ୍ଷରୁ ସଦସ୍ୟ ପଦ୍ମଲୋଚନ ପଣ୍ଡା, ଦୁଷ୍ମନ୍ତ କୁମାର ସ୍ୱାଇଁ, ଜଲେନ ନାୟକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଫକୀର ମୋହନ ନାୟକ, ନରସିଂହ ମାଡ଼କାମୀ, ଭାଦବ ହାଁସଦା ଓ ରୁପୁ ଭତ୍ରା ଭାଗ ନେଇ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାରେ ସରକାରଙ୍କ ବଜେଟ ସହାୟକ ହେବ ବୋଲି କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ତାମିଲନାଡୁ ବଦଳାଇଲା...

ନେତୃତ୍ୱାଧୀନ ଡିଏମ୍‌କେ ସରକାର ଏହାକୁ ସମାବେଶୀ ଶାସନ ମଡେଲର ପ୍ରତୀକ ବୋଲି ଅଭିହିତ କରିଛନ୍ତି। ସରକାରୀ ଭାବେ ଏନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲେ ମଧ୍ୟ ଷ୍ଟାଲିନ୍ ଗୁରୁବାର ନୂଆ ଲୋଗୋକୁ ଏକ୍ସ'ରେ ଶେୟାର କରିବା ପରେ ବିବାଦ ମୁଣ୍ଡ ଟେକିଛି। ୨୦୨୪ରେ ଉପସ୍ଥାପିତ ରାଜ୍ୟ ବଜେଟରେ ଦେବନାଗରୀ ଅକ୍ଷରରେ 'ଆର୍‌ଇ' ଲେଖାଥିବାବେଳେ ହଠାତ୍ ଏଭଳି ପରିବର୍ତ୍ତନକୁ ଅନେକେ ସହଜେ ଗ୍ରହଣ କରିପାରି ନାହାନ୍ତି। ବିଶେଷକରି ବିରୋଧୀ ଭାଜପା ଏହାକୁ ନାପସନ୍ଦ କରିଛି। ରାଜ୍ୟ ଭାଜପା ସଭାପତି କେ. ଆନ୍ନାମଲାଇ କହିଛନ୍ତି, ଡିଏମ୍‌କେ ସରକାର ରାଜ୍ୟ ବଜେଟରେ ଜଣେ ତାମିଲଙ୍କ ଦ୍ୱାରା ପ୍ରସ୍ତୁତ ରୁପି ପ୍ରତୀକକୁ ହଟାଇ ଦେଇଛନ୍ତି, ଯେଉଁଥିରେ ସାରା ଭାରତର ପ୍ରତିଛବି ରହିଥିଲା। ଆନ୍ନାମଲାଇ ଆହୁରି କହିଛନ୍ତି, ଟଙ୍କାରେ ରହିଥିବା ପ୍ରତୀକକୁ ଡିଏମ୍‌କେର ଜଣେ ପୂର୍ବତନ ବିଧାୟକଙ୍କ ପୁଅ ଥିରୁ ଉଦୟ କୁମାର ଡିଜାଇନ୍ କରିଥିଲେ। ମୁଖ୍ୟମନ୍ତ୍ରୀ କିପରି ଏତେ ବୋକା ହୋଇପାରିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ୨୦୨୪-୨୫ ଆର୍ଥିକବର୍ଷର ବଜେଟରେ ରହିଥିବା 'ରୁପି' ପ୍ରତୀକକୁ ମଧ୍ୟ ସେ ଏକ୍ସ'ରେ ଶେୟାର କରିଛନ୍ତି। ଏହାର ଜବାବରେ ଡିଏମ୍‌କେ ମୁଖପାତ୍ର ସରଭାନନ୍ ଆନ୍ନାଦୁରାଇ କହିଛନ୍ତି, ଦେଶରେ ଏପରି କୌଣସି ଆଇନ ନାହିଁ, ଯାହାକି ତାମିଲରେ 'ରୁ' ଲେଖିବାକୁ ବାରଣ କରୁଥିବ। ବରିଷ୍ଠ ଭାଜପା ନେତ୍ରୀ ତଥା ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ମଧ୍ୟ ଡିଏମ୍‌କେକୁ ଟାର୍ଗେଟ କରିଛନ୍ତି। ଏହାକୁ ସେ ଜାତୀୟ ଅଖଣ୍ଡତା, ଜାତୀୟ ଏକତା ବିରୋଧୀ ବୋଲି ସମାଲୋଚନା କରିଛନ୍ତି। ଷ୍ଟାଲିନ୍‌ଙ୍କ ଏହି ସମ୍ବିଧାନ ବିରୋଧୀ ଆଭିମୁଖ୍ୟକୁ ନେଇ ମର୍ମାହତ। ଷ୍ଟାଲିନ୍ ନିଜ ନାମକୁ ମଧ୍ୟ ତାମିଲ ଭାଷାକୁ ପରିବର୍ତ୍ତିତ କରନ୍ତୁ ବୋଲି ସୌନ୍ଦରାରାଜନ୍ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

ଭାରତୀୟ ଟଙ୍କାର ପ୍ରତୀକରେ ଏହି ପରିବର୍ତ୍ତନ ଏଭଳି ସମୟରେ ଅଣାଯାଇଛି, ଯେତେବେଳେ ତାମିଲନାଡୁ ସରକାର କେନ୍ଦ୍ର ସରକାରଙ୍କ ସହ ହିନ୍ଦୀ ଭାଷା ଦଲାଯିବା ଅଭିଯାନ ଏବଂ ଡିଲିମିଟେଶନ୍ ପ୍ରସଙ୍ଗରେ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଆସନ୍ତାବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନରେ ଡିଏମ୍‌କେ, ଏଆଇଏଡିଏମ୍‌କେ ଏବଂ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଭାଜପା ଏହି ଦକ୍ଷିଣ ଭାରତ ରାଜ୍ୟରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ଆସନ ଦଖଲ କରିପାରି ନାହିଁ। ଏଭଳି ସ୍ଥିତିରେ ତାମିଲକୁ ପ୍ରୋତ୍ସାହନ ଦେବା ପାଇଁ ଶାସକ ଡିଏମ୍‌କେ କିଛି କରିନାହିଁ ବୋଲି ଭାଜପା ସମାଲୋଚନା କରିଆସୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିକଟରେ ଦ୍ରାବିଡୀୟ ଆଦର୍ଶଇ.ଭି. ପେରିୟାରଙ୍କ ଏକ ମନ୍ତବ୍ୟକୁ ଉଦ୍ଧୃତ କରି ତାମିଲକୁ 'ଅସଭ୍ୟ ଭାଷା' ରୂପେ ଅଭିହିତ କରିଥିଲେ। ଡିଏମ୍‌କେ ତାଙ୍କ ଆଦର୍ଶକୁ ଅନୁସରଣ କରୁଛି କି ବୋଲି ସୀତାରାମନ୍ ପ୍ରଶ୍ନ କରିଥିଲେ।

### ଡିଏମ୍‌କେ ନେତାଙ୍କ ପୁଅ ଡିଜାଇନ୍ କରିଥିଲେ

ବର୍ତ୍ତମାନ ସାରା ଦେଶରେ ପ୍ରଚଳିତ ଟଙ୍କାର ପ୍ରତୀକକୁ ଡିଏମ୍‌କେର ପୂର୍ବତନ ବିଧାୟକ ଏନ୍. ଧର୍ମଲିଙ୍ଗମ୍‌ଙ୍କ ପୁଅ ଡି. ଉଦୟକୁମାର ଡିଜାଇନ୍ କରିଥିଲେ। ଆଇଆଇଟି ବମ୍ବେର ଇଣ୍ଡଷ୍ଟ୍ରିଆଲ ଡିଜାଇନ୍ ସେଣ୍ଟରରେ ଭିଜୁଆଲ କମ୍ୟୁନିକେଶନ୍‌ରେ ସ୍ନାତକୋତ୍ତର ଡିଗ୍ରୀ ଏବଂ ପି.ଏଚ୍‌ଡି. ହାସଲ କରିଥିବା ଉଦୟ କୁମାର ୨୦୦୯ରେ ଆୟୋଜିତ ରୁପି ସିମ୍ବଲ ଡିଜାଇନ୍ ପ୍ରତିଯୋଗିତାରେ ଭାଗନେଇଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନ୍ ସର୍ବାଧିକ ଗ୍ରହଣୀୟ ହେବାରୁ ୨୦୧୦ରେ ଏହାକୁ ଭାରତୀୟ ଟଙ୍କାରେ ବ୍ୟବହାର କରାଯାଇଥିଲା, ଯାହାକି ଏବେ ମଧ୍ୟ ଜାରି ରହିଛି। ଦେବନାଗରୀ 'ଆର୍‌ଏ' ଏବଂ ରୋମାନ୍ 'ଆର୍'ର ସମ୍ମିଶ୍ରଣରେ ସେ ବର୍ତ୍ତମାନର ପ୍ରତୀକ ଡିଜାଇନ୍ କରିଥିବା ଉଦୟ କୁମାର କହିଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜର କଲେ ହାତୀ ମଲା**
**ପରର ପୀରତି ଅଢ଼େଇ ଦିନିଆ**
**ମୁହଁ ମୋଡ଼ି ଦେଲେ ଗଲା।**

ପର ପୀରତି ସାମାନ୍ୟ ଆଡ଼ରୁଷାରେ ଭାଙ୍ଗିଯାଏ। ଅନେକ ସମୟରେ ଏହି ସମ୍ପର୍କର ଶେଷ ପରିଣତି ଖୁବ୍ ଭୟଙ୍କର ମଧ୍ୟ ହୋଇଥାଏ। ଏପରିସ୍ଥଳେ ପରକୀୟା ପ୍ରୀତିର ପରିଣାମ ପ୍ରତି ସତର୍କ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜିଭ ଲୁଡୁବୁଡୁ ଛାଡ଼ିବି ନାହିଁ**
**ରାତି ହଗା ଖଞ୍ଜା ଛାଡ଼ିବି ନାହିଁ।**

ଖାଦ୍ୟଲୋଭୀ ବ୍ୟକ୍ତି ଜିହ୍ୱା ସମ୍ବରଣ କରିପାରି ନ ଥାନ୍ତି। ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ପେଟ ବା ସ୍ୱାସ୍ଥ୍ୟ ପଛେ ଖରାପ ହୋଇଯାଉ ସେଥିକୁ ଚିନ୍ତା ନ ରଖି ଖାଦ୍ୟ ଗ୍ରହଣ କରିବାରେ କେବେ ହେଳା କରି ନ ଥାନ୍ତି। ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରଖୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବୁଧ କ୍ଷେତ୍ରସ୍ଥ ମଙ୍ଗଳଙ୍କ ପ୍ରଭାବରେ ଟେନ୍ସନ ଲାଗିରହିଲେ ମଧ୍ୟ ସାହସିକ ପଦକ୍ଷେପ ନେଇ କାର୍ଯ୍ୟ ସମ୍ପନ୍ନ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ମନୋବଳ ବୃଦ୍ଧି ପାଇବ। ଭଲ କଥାକୁ ବନ୍ଧୁ ଭୁଲ୍ ଦୃଷ୍ଟିରୁ ବିଚାର କରି କ୍ଷୁବ୍ଧ ହୋଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଋଣ ପରିଶୋଧ ଚିନ୍ତା, ସ୍ଥଗିତ କାମ ସକାଶେ ବ୍ୟସ୍ତତା ବଢ଼ିବ।

**ବୃଷ**
ରବି ଓ ଶନିଙ୍କ ଏକତ୍ରାବସ୍ଥାନଜନିତ ଧାର୍ମିକ ଅନୁଷ୍ଠାନରେ ନିୟୋଜିତ ହେବେ। ପରିଜନଙ୍କ ସହ ଭ୍ରମଣ ସୁଯୋଗ ଲାଭକରି ଖୁସି ରହିବେ। ଘରେ ହେଉ କିମ୍ବା ବାହାରେ ସବୁଠି ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଏଜେନ୍‌ଶିପ୍, ପ୍ରଶାସନ ଓ ପରିବହନରେ ସମସ୍ୟା ଦୂର ହେବ।

**ମିଥୁନ**
ବୁଧ କର୍ମଭାବସ୍ଥ ଏବଂ ଚନ୍ଦ୍ର ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରର ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିବାରେ ଅସ୍ଥିରତା ଯୁକ୍ତ ହେବେ। ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବେ। ପରିବାରର ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ବନ୍ଧୁବର୍ଗଙ୍କ ବିରୁଦ୍ଧାଚରଣ ଓ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସମସ୍ୟାଜନିତ ଚିନ୍ତିତ ରହିପାରନ୍ତି।

**କର୍କଟ**
ଶନି ଦୃଷ୍ଟ ସୁଖଭାବସ୍ଥ ଚନ୍ଦ୍ର ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ସୃଷ୍ଟି କରି ସମସ୍ୟା ବୃଦ୍ଧି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ଆନୁଷ୍ଠାନିକ କାର୍ଯ୍ୟ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଲକ୍ଷ୍ୟହାସଲ ଆଶା ରହିଛି। ଆଗାମୀ ମାଙ୍ଗଳିକ କର୍ମ ସମ୍ପାଦନ ସକାଶେ ଆତ୍ମୀୟମାନଙ୍କ ସହ ଆଲୋଚନା କରିପାରନ୍ତି।

**ସିଂହ**
ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆଜି ଯେଉଁ କାମରେ ହାତଦେବେ ସଫଳତା ହାସଲ କରିପାରିବେ। ବୃହସ୍ପତିଙ୍କ ଚତୁର୍ଥଭାବକୁ ଶୁଭଦୃଷ୍ଟି ପାରିବାରିକ ଜୀବନର ସୁଖ, ସୌହାର୍ଦ୍ଦ୍ୟକୁ ବର୍ଦ୍ଧିତ କରିବ। ନୂତନ ନିଯୁକ୍ତି ହେତୁ ବ୍ୟସ୍ତତା ମଧ୍ୟରେ ଆଜିର କାର୍ଯ୍ୟ ସମ୍ପାଦିତ ହେବ। ଯାତ୍ରା, ବ୍ୟବସାୟ, ଜମିଜମା, ନିର୍ମାଣାଧୀନ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ।

**କନ୍ୟା**
ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରୁ ପ୍ରତ୍ୟେକ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରଥମେ କରିବେ। କର୍ମ କ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିଙ୍କୁ ସରଳ ବିଶ୍ୱାସ କରି ଠକାମିରେ ପଡିବେ। ଷ୍ଟେସନେରୀ ଜିନିଷ, ଧାତୁ ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇବେ। ଆତ୍ମୀୟସ୍ୱଜନଙ୍କ ଗହଣରେ ଖୁସି ମନେଇବେ।

**ତୁଳା**
ଅଷ୍ଟମାଧିପତି ମଙ୍ଗଳ ଚତୁର୍ଥଭାବକୁ ଦେଖୁଥିବାରୁ ପାରିବାରିକ କଳହର ସୂଚନା ରହିଛି। ଆନୁଷ୍ଠାନିକ କାମରେ ଆସନ୍ତାକାଲିର କାର୍ଯ୍ୟକ୍ରମ ସକାଶେ କର୍ମବ୍ୟସ୍ତତା ବଢ଼ିଯିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାରେ ପଡିପାରନ୍ତି। ଅବଶ୍ୟ ଦୀର୍ଘଦିନରୁ ରହିଆସିଥିବା ଶତ୍ରୁ ଉପଦ୍ରବ କେତେକାଂଶରେ କମିଯାଇପାରେ।

**ବିଛା**
ରାଶି ବୃହସ୍ପତି ଦୃଷ୍ଟ ଯୋଗୁ ନୂଆ କାମ, ନୂତନ ଚିନ୍ତା ଓ ଆଲୋଚନାରେ ଦିନଟି ଅତିବାହିତ ହେବ। ଶନିଙ୍କ ପ୍ରଭାବରେ ଆଳସ୍ୟ ଓ ଅବହେଳାଜନିତ କାର୍ଯ୍ୟସାଧନରେ ଶତଭିଷା ଅବହେଳା କରିପାରନ୍ତି। ପୂର୍ବର ଆଲୋଚନା ଅନୁଯାୟୀ ବନ୍ଧୁଙ୍କ ନିକଟରୁ ପ୍ରାପ୍ୟ ଅବଶ୍ୟ ପାଇବେ। ପାରିବାରିକ ସମସ୍ୟା ସୁଧାରିନେବେ।

**ଧନୁ**
ରାଶିରେ ତିନୋଟି ଗ୍ରହ ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି, ଭ୍ରାତୃ ସମ୍ପର୍କ ପ୍ରାୟତଃ ଭଲ ରହିବ। ରାଜନୈତିକ ସ୍ତରରେ ସମସ୍ୟାର ସରଳ ସମାଧାନ ହୋଇ ପରିସ୍ଥିତି ସ୍ୱାଭାବିକ ହେବ। ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ଖେଳକୁଦରେ ପ୍ରଶଂସା ପାଇବେ।

**ମକର**
ସପ୍ତମାଧିପତି ଅଷ୍ଟମସ୍ଥାନରେ ଅବସ୍ଥାନ କରୁଥିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପିଲାଙ୍କ ବୈବାହିକ ସମ୍ବନ୍ଧ ନେଇ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ଆଶା ରହିଛି। ସଂଗଠନ, ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବା ଯୋଗୁ ଖୁସି ରହିପାରନ୍ତି। ସାମାଜିକ ସ୍ତରରେ ସେବା ଓ ପରୋପକାର ମନୋବୃତ୍ତିରୁ ଆଦର ଅଭ୍ୟର୍ଥନା ପାଇପାରନ୍ତି।

**କୁମ୍ଭ**
ଧନସ୍ଥାନସ୍ଥ ରାହୁଙ୍କ ଯୋଗୁ ଆର୍ଥିକ ଅନଟନ, କାର୍ଯ୍ୟହାନି ଏବଂ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। କର୍ମକ୍ଷେତ୍ରର ଦାୟିତ୍ୱ ବୃଦ୍ଧି ପାଇବ ଏବଂ ଆଜିର ଯାତ୍ରା ସଫଳ ହେବ। ମାଲି ମକଦ୍ଦମାରେ ବିଜୟର ଆଶା ରହିଛି।

**ମୀନ**
ଭାଗ୍ୟସ୍ଥାନକୁ ବୃହସ୍ପତି ଦୃଷ୍ଟି ଦେଉଥିବାରୁ ବିବାଦର ଆପୋସ ସମାଧାନ ହେବ। ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। ମନକଥା ମନରେ ରଖି ବନ୍ଧୁଙ୍କ ସକାଶେ କାମ କରିବାକୁ ବାଧ୍ୟ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ, ସଭାସମିତି ପ୍ରଭୃତି ମନପସନ୍ଦ ଅନୁଯାୟୀ କରିପାରିବେ।

ଆଜି ମାର୍ଚ୍ଚ ୧୪ ତାରିଖ, ମୀନ ସଂକ୍ରାନ୍ତି, ଦୋଳପୂର୍ଣ୍ଣିମା ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, ବସନ୍ତୋତ୍ସବ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରାଫାଲଗୁନ/ସିଂହ, ଦିବା ଘ୧୨।୫୭ ମି. ଗତେ, କନ୍ୟାଚନ୍ଦ୍ର, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୫।୫୯ମି. ଗତେ, ଘ.୦୬।୪୭ ମି. ମଧ୍ୟେ, ଘ. ୦୭।୩୪ ମି. ଗତେ, ଘ.୦୮।୫୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୬ମି. ଗତେ, ଘ.୧୧।୫୫ମି. ମଧ୍ୟେ ରାହୁ କାଳ।

**ବାପାଙ୍କ ଛୁରାମାଡ଼ରେ ଆଖି ବୁଜିଲା ପୁଅ**

ଖଇରା,(ଉଜ୍ଜଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ନରମା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଛୁରାମାଡ଼ରେ ନାବାଳକ ପୁଅର ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ଯୋଗେନ୍ଦ୍ର ସିଂ ବୁଧବାର ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ସ୍ତ୍ରୀ ମୁନି ସିଂଙ୍କ ସହ ପାଟିତୁଣ୍ଡ କରିଥିଲେ। ବାପାଙ୍କ ଏଭଳି ଅସାମାଜିକ ଆଚରଣକୁ ୧୭ବର୍ଷର ନାବାଳକ ପୁଅ ରାଜେଶ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଯୋଗେନ୍ଦ୍ର ପୁଅର ଛାତିକୁ ଛୁରାମାଡ କରିଥିଲେ। ପଡୋଶୀମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜେଶଙ୍କୁ ସୋର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାର୍କିଂକୁ ନେଇ ଆକ୍ରମଣରେ ବୈଜ୍ଞାନିକ ମୃତ

**ମୋହାଲି(ପଞ୍ଜାବ),୧୩।୩**





ସାମାନ୍ୟ ଗାଡ଼ି ପାର୍କିଂକୁ ନେଇ ଆକ୍ରମଣରୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ(ଆଇଜର)ର ଜଣେ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଛି। ପଡ଼ୋଶୀଙ୍କ ଆକ୍ରମଣରେ ୩୯ବର୍ଷୀୟ ବୈଜ୍ଞାନିକ ଅଭିଷେକ ସ୍ୱର୍ଣ୍ଣକାରଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପଞ୍ଜାବ ମୋହାଲିର ସେକ୍ଟର ୬୬ରେ ଘଟିଥିବାବେଳେ ଘଟଣାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

ଅଭିଷେକ ଝାଡ଼ଖଣ୍ଡର ମୂଳବାସିନ୍ଦା। ସେ ବିଦେଶରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କ ଶାରୀରିକ ଅସୁସ୍ଥତା କାରଣରୁ ସେ ଭାରତ ଫେରି ମୋହାଲିରେ ଏକ ଭଡ଼ା ଘରେ ମା'ବାପାଙ୍କ ସହ ରୁହନ୍ତି। ସେ କିଡ୍‌ନୀଜନିତ ସମସ୍ୟାରେ ପୀଡ଼ିତ ଥିବାରୁ ତାଙ୍କର କିଡ୍‌ନୀ ପ୍ରତିରୋପଣ ହେବା ସହ ଡାଏଲିସିସ୍ ଚାଲିଛି। ଗତ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ ଅଭିଷେକ ନିଜ ଗାଡ଼ିକୁ ପାର୍କିଂ କରୁଥିବାବେଳେ ପଡ଼ୋଶୀ ମଣ୍ଟି ତାଙ୍କ ସହ ଝଗଡ଼ା କରିଥିଲେ। ଅଭିଷେକ ଶାରୀରିକ ଅସୁସ୍ଥ ଥିବା ଜାଣି ମଧ୍ୟ ତାଙ୍କୁ ମଣ୍ଟି ଆକ୍ରମଣ କରିଥିଲେ। ଏପରି କି ବାରମ୍ବାର ତାଙ୍କ ଛାତିକୁ ଧକ୍କା ଦେଇଥିଲେ। ଅନ୍ୟଜଣେ ପଡ଼ୋଶୀ ଅଭିଷେକଙ୍କ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚିବାବେଳକୁ ମଣ୍ଟିଙ୍କ ଆକ୍ରମଣରେ ଅଭିଷେକ ତଳେ ପଡ଼ିଯାଇଥିବା ଦେଖିବାକୁ ପାଇଥିଲେ। ଅଭିଷେକ ଚେତାଶୂନ୍ୟ ହୋଇଯିବା ପରେ ମଣ୍ଟି ଭୟଭୀତ ହୋଇଯାଇଥିଲେ ଏବଂ ତାଙ୍କୁ ହସ୍ପିଟାଲ ନେଇଯାଇଥିଲେ। ହସ୍ପିଟାଲରେ ଡାକ୍ତର ଅଭିଷେକଙ୍କୁ ମୃତ ଘୋଷଣା କରିଥିଲେ। ଅଭିଷେକଙ୍କୁ ମଣ୍ଟି ଆକ୍ରମଣ କରିବାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଅଭିଷେକଙ୍କ ପରିବାରର ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଅଭିଷେକ ଜଣେ ବିଶିଷ୍ଟ ବୈଜ୍ଞାନିକ। ତାଙ୍କର ଅନେକ ଗବେଷଣାତ୍ମକ ସନ୍ଦର୍ଭ ଜର୍ନାଲ୍ ଅଫ୍ ସାଇନ୍ସରେ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁରେ ଆଇଜର ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଅଭିଷେକଙ୍କ ପ୍ରତି ହୋଇଥିବା ହିଂସାକୁ କେବେବି ଗ୍ରହଣ କରାଯିବ ନାହିଁ। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଜର ପକ୍ଷରୁ ଦାବି କରାଯାଇଛି।

# କଟକରେ ବେଆଇନ ବନ୍ଧୁକ କାରଖାନା

- ୪ ଅଭିଯୁକ୍ତ ଗିରଫ
- ୩୦ ବନ୍ଧୁକ, ଯନ୍ତ୍ରାଂଶ ଜବତ

**କଟକ/କଟକସଦର,୧୩।୩ (କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)**





ଜବତ ବନ୍ଧୁକ ତିଆରି ଯନ୍ତ୍ରାଂଶ।





ଗିରଫ ୪ ଅଭିଯୁକ୍ତ।

କଟକ ୪୨ ମୌଜା ଥାନା ଅନ୍ତର୍ଗତ ଧୂଳିଶ୍ୱର ଗ୍ରାମରେ ଏକ ବେଆଇନ ବନ୍ଧୁକ ତିଆରି କାରଖାନା ଠାବ କରାଯାଇଛି। କୋଲକାତା ପୋଲିସ ଓ ଭୁବନେଶ୍ୱର ଏସ୍‌ଟିଏଫ୍ ସହ ୪୨ ମୌଜା ପୋଲିସ ମିଳିତ ଭାବେ ଗୁରୁବାର ଭୋର୍‌ରୁ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ କାରଖାନାରେ ଥିବା ୩୦ଟି ବନ୍ଧୁକ, ଲେଦ୍ ମେଶିନ, ଲୁହା ପ୍ଲେଟ ଓ ବନ୍ଧୁକ ତିଆରି ସରଞ୍ଜାମ ଜବତ କରାଯାଇଛି। ବେଆଇନ ବନ୍ଧୁକ ତିଆରି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଘରର ମାଲିକ ଧୂଳିଶ୍ୱର ଗ୍ରାମର ଶରତ ବେହେରା, ବିହାର ମୁଙ୍ଗେରର ସମଶେର ଆଲମ୍, ମହମ୍ମଦ ଆବିଦ୍ ହୁସେନ ଏବଂ ପଶ୍ଚିମବଙ୍ଗର ମହମ୍ମଦ ଆଜମ। ସେମାନଙ୍କୁ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ୪୨ ମୌଜା ଥାନା ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି। ଏଠାରେ ପ୍ରସ୍ତୁତ ବନ୍ଧୁକକୁ ବିହାର ମୁଙ୍ଗେର ଏବଂ ପଶ୍ଚିମ ବଙ୍ଗର ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଉଥିଲା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨୦୨୪ରୁ ଶରତଙ୍କ ଚାଳଘରେ ଅନ୍ୟ ଅଭିଯୁକ୍ତମାନେ ଭଡ଼ା ସୂତ୍ରରେ ରହିଆସୁଥିଲେ। ସିଡୁଆ ନଦୀ ବନ୍ଧ ରାସ୍ତାଦେଇ ଲେଦ୍ ମେଶିନ ଓ ଅନ୍ୟ ଯନ୍ତ୍ରପାତି ବାହାରୁ ଆସି ଏଠାରେ ପହଞ୍ଚିଥିଲା। ପରେ ଉକ୍ତ ଘରେ ମାଉଜର ଓ ଦେଶୀ ବନ୍ଧୁକ ଆଦି ତିଆରି କରାଯାଉଥିଲା। ସେଗୁଡ଼ିକୁ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ବିଳମ୍ବିତ ରାତିରେ ଚାଲାଣ କରାଯାଉଥିଲା ବୋଲି ପଚରାଉଚୁରାବେଳେ ୩ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଅପରପକ୍ଷରେ ଶରତ କହିଛନ୍ତି, ୨୦୨୪ ଜାନୁଆରୀରୁ ଉପରୋକ୍ତ ୩ ବ୍ୟକ୍ତି ଭଡ଼ା ସୂତ୍ରରେ ଘର ନେଇଥିଲେ। ସେମାନେ ସେମାନଙ୍କ ପରିଚୟ ପତ୍ର ଘରୁ ଆଣିଦେବେ ବୋଲି କହି ଏପର୍ଯ୍ୟନ୍ତ ଦେଇନାହାନ୍ତି। ଏହାବ୍ୟତୀତ ବନ୍ଧୁକ ତିଆରି କାରଖାନା ସମ୍ପର୍କରେ ସେ କିଛି ଜାଣିପାରି ନ ଥିଲେ ବୋଲି ପୋଲିସକୁ କହିଛନ୍ତି। ହେଲେ ତାଙ୍କର ଏଭଳି ବୟାନକୁ ପୋଲିସ ସହଜରେ ଗ୍ରହଣ କରିପାରି ନାହିଁ। କାରଣ ଏକ ବଡ଼ ଘରେ ବିଭିନ୍ନ ଯନ୍ତ୍ରାଂଶ ରଖି ବନ୍ଧୁକ ତିଆରି କରାଯାଉଥିବାବେଳେ ଘର ମାଲିକ ଜାଣି ନ ପାରିବା ବିବୃତି କେବେ ବିଶ୍ୱାସ ଯୋଗ୍ୟ ନୁହେଁ ବୋଲି ଚଢ଼ାଉବେଳେ ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବନ୍ଧୁକ ତିଆରି କାରଖାନାର ବାଟ କିଆବୁଦା ଓ ଆମ୍ବଗଛ ଭିତରେ ସିଡୁଆ ନଦୀ ବନ୍ଧକୁ ଖୋଲାଯାଇଥିଲା। ଦିନବେଳା ୩ ଜଣ ଘରେ ଲୁଚି ରହୁଥିଲେ। ରାତି ହେଲେ କାମ କରୁଥିଲେ। ଗତ ପ୍ରାୟ ଏକ ବର୍ଷଧରି ବେଆଇନ ବନ୍ଧୁକ ନିର୍ମାଣ କରାଯାଉଥିଲେ ସୁଦ୍ଧା ପୋଲିସ ଜାଣି ନ ପାରିବା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଘଟିଥିବା ଏକ ହତ୍ୟା ଘଟଣାରେ ୪୨ ମୌଜା ଅଞ୍ଚଳର ବନ୍ଧୁକ ବ୍ୟବହାର କରାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଘଟଣା ଉପରେ ଅଧିକ ତନାଘନା ପରେ କୋଲକାତା ପୋଲିସ ବନ୍ଧୁକ ତିଆରି କାରନାମାର ମୂଳ ଧରିବାକୁ ଚେଷ୍ଟା କରିଥିଲା। ପରେ ଓଡ଼ିଶା ପୋଲିସ ସହ ଯୋଗାଯୋଗ କରି ଚଢ଼ାଉ ପାଇଁ ଯୋଜନା କରିଥିଲା। ତଦନୁଯାୟୀ ଗୁରୁବାର ଭୋର ସମୟରେ ଉକ୍ତ ଘରେ ଚଢାଉ କରାଯାଇଥିଲା। ଅପରପକ୍ଷରେ ଶରତ ପୂର୍ବରୁ ୪୨ ମୌଜା ଥାନା ମୋ ପୋଲିସର ସଦସ୍ୟ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**

# ରାଜା ଚକ୍ର ଗିରଫ

- ମୁହଁ ଚୁପ ଲାଗି ଗାଁ ଲୋକଙ୍କୁ ବଣ୍ଟାଯାଇଥିଲା ୩୩ କୋଟି
- ସ୍ଥାନୀୟ ଅଞ୍ଚଳର ବିକାଶ ଆଳରେ ୩୪ କୋଟି ହଡ଼ପ
- ୯.୧ କୋଟି ଟଙ୍କାରେ ନିଜ ଗାଡ଼ି, ମେଶିନାରିରେ ତେଲ ପକାଇଥିଲେ ରାଜା

**ଭୁବନେଶ୍ୱର,୧୩।୩ (ସତ୍ୟଜିତ୍ ରାଉତ)**



ଗିରଫ ରାଜା ଚକ୍ର।

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍‌ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ବିଜେଡି ନେତା ସୌମ୍ୟ ଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କୁ ଗୁରୁବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଛି। ସଂସ୍ଥାର ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ଲୋକଙ୍କୁ ହାତ ବାରିଶି କରି ରାଜା କିଭଳି ବ୍ୟାପକ ହେରଫେର କରିବା ସହ ଟଙ୍କା ହଡ଼ପ କରିଥିଲେ ଏସବୁର ଗୁମର ଖୋଲିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଖବରଦାତା ସମ୍ମିଳନୀରେ ଏହି ମାମଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ପର୍ଦ୍ଦାଫାଶ କରିଛନ୍ତି।

ଏହି ମାମଲା ତଦନ୍ତ ପ୍ରକ୍ରିୟା ଜଟିଳ ହୋଇଥିବାବେଳେ ଆର୍ଥିକ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ୟାପକ ଛାନଭିନ୍ କରାଯାଇଛି। ୨୦୧୭-୧୮ରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ସଂସ୍ଥା ୧୮୫କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଯାଇଛି। ବଡ଼ ଆଶ୍ଚର୍ଯ୍ୟର କଥା ହେଲା, ୨୦୧୨-୧୩ରୁ ଏଯାଏ ଏହି ସଂସ୍ଥାର ଅଡିଟ୍ କରାଯାଇ ନାହିଁ। ଅଡିଟ୍ ହେବା ପରେ ଏହି ଲାଭର ପରିମାଣ ଅଧିକ ମଧ୍ୟ ହୋଇପାରେ। ସମବାୟ ସମିତିର ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ମିଶି ଏହି ଟଙ୍କା ହଡ଼ପ କରିଛନ୍ତି। ସଂସ୍ଥା ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିକାଶ କରିବା ପାଇଁ ୩୪କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ହେଲେ କୌଣସି ବିକାଶ କାର୍ଯ୍ୟ ହୋଇ ନ ଥିବା ଉକ୍ତ ଅଞ୍ଚଳର ଦୁଇ ବିଡିଓଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ସୂଚନା ଦିଆଯାଇଛି। ସୋସାଇଟିର ଗାଡ଼ି ବଦଳରେ ରାଜା ନିଜ ଗାଡ଼ି ଓ ମେଶିନାରୀରେ ୯.୧ କୋଟି ଟଙ୍କାର ତେଲ ପକାଇଛନ୍ତି। ମା' କାଳି ପେଟ୍ରୋଲ ପମ୍ପକୁ ଗନ୍ଧମାର୍ଦ୍ଦନ ଏଜେନ୍ସି ପକ୍ଷରୁ ଏହି ଟଙ୍କା ଦିଆଯାଇଥିବାବେଳେ ରାଜାଙ୍କୁ ଏହି ତେଲ ଦିଆଯାଇଥିବା ମାଲିକ ବୟାନ ଦେଇଛନ୍ତି।

୪ବର୍ଷ ଭିତରେ ବିଭିନ୍ନ ଗାଁ ଲୋକଙ୍କ ମୁହଁକୁ ଚୁପ କରି ସମର୍ଥନ ପାଇବାକୁ ୩୩ କୋଟି ଟଙ୍କା ସଂସ୍ଥା ପକ୍ଷରୁ ବଣ୍ଟାଯାଇଛି। ସାହାଯ୍ୟ ଆଳରେ ଏହି ଟଙ୍କା ବଣ୍ଟାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଅନ୍ୟ କୌଣସି ସଂସ୍ଥା କାରବାର ନ କରିବାକୁ ଲୋକଙ୍କ ମୁହଁକୁ ବନ୍ଦ କରିବା ପାଇଁ ଏହି କାରବାର କରାଯାଇଥିଲା। ଏହି ସମୟ ଭିତରେ ଶ୍ରମିକଙ୍କୁ ଦେୟ ଓ ଲୋଡିଂ ଖର୍ଚ୍ଚ ପାଇଁ ୭୪ କୋଟି ଟଙ୍କା ଦିଆଯାଇଥିବା ଦେଖାଯାଇଛି। ହେଲେ ମେଶିନ୍‌ରେ କାମ କରି ଲୋକମାନେ କାମ କରିଥିବା ଦର୍ଶାଇଥିଲେ। ରାଜା ଏହି ସଂସ୍ଥାର କୌଣସି ଦାୟିତ୍ୱରେ ନ ଥିବାବେଳେ ସଦାଶିବ ସାମଲ, ସୁଧାଂଶୁ ଶେଖର ନାଏକ ଓ ସମୀର ଜେନା ତାଙ୍କର ଘନିଷ୍ଠ ସହଯୋଗୀ ଥିଲେ। ରାଜାଙ୍କ ନିର୍ଦ୍ଦେଶରେ ସେମାନେ କାରବାର କରୁଥିଲେ। ରାଜା ନିଜ ୪ଟି ସଂସ୍ଥା ଶଙ୍କର ମିନେରାଲ, ଶଙ୍କର ଟ୍ରାନ୍ସପୋର୍ଟିଂ, ଶଙ୍କର ରୋଡୱେଜ୍ ଓ ଶଙ୍କର ପ୍ରୋଜେକ୍ଟ ଦ୍ୱାରା ଗାଡ଼ି ଓ ମେଶିନାରୀ ଲଗାଇଛନ୍ତି। ଏହି ମାମଲାରେ ରାଜାଙ୍କ ଦୁଇ ଯାତ୍ରୀବାହୀ ଗାଡ଼ି ଓ ୪୦ଟି ହାଇୱା ଗାଡ଼ିକୁ ଜବତ କରାଯାଇଥିବାବେଳେ ଦୁଇ ସ୍କ୍ରିନିଂ ପ୍ଲାଣ୍ଟକୁ ମଧ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଫ୍ରିଜ୍ କରାଯାଇଛି। ତେବେ ରାଜାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ଏବଂ ପରେ ତାଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଥ୍ୟ ହାସଲ କରାଯିବ ବୋଲି ଜଣାପଡ଼ିଛି। ଏହି ମାମଲାରେ ପୂର୍ବରୁ ସଂସ୍ଥାର ପୂର୍ବତନ ସଭାପତି ମାନସ ଓ ସମ୍ପାଦକ ଉତ୍କଳଙ୍କୁ ଗିରଫ କରାଯାଇଥିବା ବେଳେ ଏହି ଗିରଫଦାରୀ ସଂଖ୍ୟା ଏବେ ୩ରେ ପହଞ୍ଚିଛି। ମାମଲାରେ ସହ ଅଭିଯୁକ୍ତ ଥିବା ରାଜାଙ୍କ ୩ ସହଯୋଗୀ ସଦାଶିବ, ସୁଧାଂଶୁ ଓ ସମୀରଙ୍କୁ ପୂର୍ବରୁ ପଚରାଉଚରା କରାଯାଇଥିବାବେଳେ ଆଗକୁ ସେମାନଙ୍କୁ ଜେରା ପାଇଁ ଡକାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ମିଶ୍ର କହିଛନ୍ତି। ତେବେ ଇଓଡବ୍ଲ୍ୟୁ ହେପାଜତରେ ଥିବାବେଳେ ଅଭିଯୁକ୍ତ ରାଜା ଗଣମାଧ୍ୟମକୁ କହିଛନ୍ତି, ନ୍ୟାୟପାଳିକା ଉପରେ ଭରଷା ଅଛି। ସବୁତଥ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ହାଇକୋର୍ଟ ବୁଧବାର ରାଜାଙ୍କ ସହ ୪ ଜଣଙ୍କ ଆଗୁଆ ଜାମୀନ ଆବେଦନ ଖାରଜ କରିବା ସହ ଅନ୍ତରୀଣ ସୁରକ୍ଷାକୁ ପ୍ରତ୍ୟାହାର କରିନେଇଥିଲେ।

# ବାନ୍ଧବୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ହାଟଡ଼ିହୀ,୧୩।୩ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ବାନ୍ଧବୀଙ୍କୁ ପଥରରେ ଛେଚି ହତ୍ୟା କରିଥିବା ସୋସୋ ଥାନା ଅଧୀନ ମଠଡ଼ାହି ଗାଁର ଅଭିଯୁକ୍ତ ସର ନାଇକ(୬୮)ଙ୍କୁ ଜଜ୍ ପ୍ରଜ୍ୟୋତି ରାଉତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୧ ବର୍ଷ ଅଧିକ ଜେଲଦଣ୍ଡ ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ଯଶୋଦା ପାତ୍ର ହାଟଡ଼ିହୀ ବ୍ଲକ୍ ମଠଡ଼ାହି ଗାଁସ୍ଥିତ ନିଜ ଝିଅ ଘରେ ରହୁଥିଲେ। ସେହି ସମୟରେ ସର ନାଇକଙ୍କ ସହିତ ତାଙ୍କର ବନ୍ଧୁତା ଗଢ଼ି ଉଠିଥିଲା। ୨୫ ଜୁନ୍ ୨୦୨୨ରେ ଉଭୟ ନିକଟସ୍ଥ ପୋଡାସିଙ୍ଗିଡ଼ି ଗାଁକୁ ଯାଇଥିବା ସମୟରେ କୌଣସି ଘଟଣାକୁ କେନ୍ଦ୍ରକରି ପାଟିତୁଣ୍ଡ ହୋଇଥିଲା। ସର ଉତ୍‌କ୍ଷିପ୍ତ ହୋଇ ଯଶୋଦାଙ୍କୁ ପଥରରେ ଛେଚି ଦେଇଥିଲେ। ଝିଅ ଶାନ୍ତିଲତା ମା' ଯଶୋଦାଙ୍କୁ ପୋଡାସିଙ୍ଗିଡ଼ି ଗାଁ ନିକଟରୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶାନ୍ତିଲତାଙ୍କ ଅଭିଯୋଗ ପରେ ସୋସୋ ପୋଲିସ ଏକ ମାମଲା (ନଂ.୧୧୦/୨୦୨୨) ରୁଜୁ କରି ଅଭିଯୁକ୍ତ ବୃଦ୍ଧା ସରଙ୍କୁ କୋର୍ଟଚାଲାଣ କରିଥିଲା। ୧୫ ସାକ୍ଷୀ ଓ ପୋଲିସ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ଓକିଲ ସୁବାଷ ବିଶ୍ୱାଳ କହିଛନ୍ତି।


## ସର୍ବସାଧାରଣ ଅଧିସୂଚନା

ଦକ୍ଷିଣ ପୂର୍ବ ରେଳପଥର ନିମ୍ନ-ଦର୍ଶିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ରେଳପଥ ଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସମ୍ପୃକ୍ତ ସେକ୍ସନରେ ନିର୍ଦ୍ଧାରିତ ତାରିଖ ଓ ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍., ଏସି ଓଭରହେଡ୍ ଟ୍ରାକ୍ସନ ଓୟାରରେ ଶକ୍ତି ସରବରାହ ଆରମ୍ଭ ହୋଇଯିବ । ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କଥିତ ଓଭରହେଡ୍ ଲାଇନ୍‌ର ନିକଟ ପରିସରରେ କୌଣସି ଅଣପ୍ରାଧିକୃତ ବ୍ୟକ୍ତି ଆସିପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ । **ସେକ୍ସନର ନାମ:** ଦ.ପୂ. ରେଳପଥରେ ଚକ୍ରଧରପୁର ମଣ୍ଡଳ ଅଧୀନରେ ଓର୍ଗା – ବଣ୍ଡମୁଣ୍ଡାର ଦୋହରୀକରଣ ପ୍ରକଳ୍ପ ଅଧୀନରେ ଲିଙ୍କ୍ ସି – ଦୁମେର୍ତା ସେକ୍ସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସଂକ୍ରାନ୍ତରେ ବଣ୍ଡମୁଣ୍ଡା ଲିଙ୍କ୍ 'ସି' କ୍ୟାବିନ୍ (ୟାର୍ଡକୁ ଛାଡ଼ି) ଏଲ୍‌ଓସି ନଂ. ୫୬୯/୩୩ (କିମି: ୫୬୯/୬୩୯.୪୦)ରୁ ଦୁମେର୍ତା (ୟାର୍ଡ ସମେତ) ଏଲ୍‌ଓସି ନଂ. ୪୧୩/୧୯ଏ (କିମି: ୪୧୩/୪୪୦.୦୦) ପର୍ଯ୍ୟନ୍ତ ନବନିର୍ମିତ ଡବ୍‌ଲିଂ ଲାଇନ୍ (ଜେଏଣ୍ଡ ଲାଇନ୍-୧)ର ୨୫ କେଭି ଏସି ସିଷ୍ଟମ୍ ସହିତ ଓଏଚ୍‌ଇର ଶକ୍ତି ସରବରାହ ଆରମ୍ଭ । **ଶକ୍ତି ସରବରାହ ଆରମ୍ଭର ତାରିଖ: ୧୯।୦୩।୨୦୨୫ ।**

## "ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଦକ୍ଷିଣ ପୂର୍ବ ରେଳପଥର ବଣ୍ଡମୁଣ୍ଡା ଲିଙ୍କ୍ 'ସି' କ୍ୟାବିନ୍ – ଦୁମେର୍ତା ସେକ୍ସନ ମଧ୍ୟରେ ନୂଆ ଡବ୍‌ଲିଂ ଲାଇନ୍ ଉପରେ ୨୫କେଭି ଏସି ବୈଦ୍ୟୁତିକ ଟ୍ରାକ୍ସନ ସଂକ୍ରାନ୍ତରେ, ଅତ୍ୟଧିକ ଉଚ୍ଚତାବିଶିଷ୍ଟ ଭାରକୁ ଜୀବନ୍ତ ଟ୍ରାକ୍ସନ୍ ତାର **(କଣ୍ଟାକ୍ଟ ଓୟାର୍)**ର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବାରୁ ପ୍ରତିରୋଧ କରିବା ଲାଗି ସମସ୍ତ ଲେଭଲ କ୍ରସିଂରେ ସଡ଼କ ସ୍ତରରୁ **ସର୍ବାଧିକ ୪.୬୮ ମିଟରର ସ୍ପଷ୍ଟ** ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, **ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ସ୍ତରର ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ** । ଜନସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଯାନବାହନରେ ଭାର ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖନ୍ତୁ ଏବଂ ସଡ଼କ ଯାନରେ ପରିବହନ କରାଯାଉଥିବା ଭାର ଯେପରି ଉପରୋକ୍ତ ଉଚ୍ଚତା ଗେଜ୍‌କୁ କୌଣସି ପରିସ୍ଥିତିରେ ମଧ୍ୟ ଉଲ୍ଲଂଘନ ନ କରେ ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ । **କ୍ର.ସଂ. ଏବଂ ବଣ୍ଡମୁଣ୍ଡା ଲିଙ୍କ୍ 'ସି' କ୍ୟାବିନ୍ - ଦୁମେର୍ତା ସେକ୍ସନ ମଧ୍ୟରେ ଲେଭଲ କ୍ରସିଂ ଫାଟକଗୁଡ଼ିକର ଅବସ୍ଥିତି: ୧.** ୪୦୯/୫ଏ-୪୦୯/୭ଏ ମଧ୍ୟରେ ସଡ଼କ ଅବସ୍ଥିତି (ଲେଭଲ କ୍ରସିଂ ଫାଟକ ନଂ. ଆର୍‌ବି-୧) ଜେଏଣ୍ଡ ଲାଇନ୍-୧ ଓଏଚ୍‌ଇ ଅବସ୍ଥିତି, **୨.** ୪୧୦/୩୭ଏ-୪୧୦/୩୯ଏ ମଧ୍ୟରେ ସଡ଼କ ଅବସ୍ଥିତି (ଲେଭଲ କ୍ରସିଂ ଫାଟକ ନଂ. ଆର୍‌ବି-୨) ଜେଏଣ୍ଡ ଲାଇନ୍-୧ ଓଏଚ୍‌ଇ ଅବସ୍ଥିତି, **୩.** ୪୧୨/୧୧ଏ-୪୧୨/୧୩ଏ ମଧ୍ୟରେ ସଡ଼କ ଅବସ୍ଥିତି (ଲେଭଲ କ୍ରସିଂ ଫାଟକ ନଂ. ଆର୍‌ବି-୩) ଜେଏଣ୍ଡ ଲାଇନ୍-୧ ଓଏଚ୍‌ଇ ଅବସ୍ଥିତି, **୪.** ୪୧୩/୧୩-୪୧୩/୧୩ଏ ମଧ୍ୟରେ ସଡ଼କ ଅବସ୍ଥିତି (ଲେଭଲ କ୍ରସିଂ ଫାଟକ ନଂ. ଆର୍‌ବି-୪) ଜେଏଣ୍ଡ ଲାଇନ୍-୧ ଓଏଚ୍‌ଇ ଅବସ୍ଥିତି । **ଶକ୍ତି ସରବରାହ ଆରମ୍ଭ ତାରିଖ: ୧୯।୦୩।୨୦୨୫** । ଅତ୍ୟଧିକ ଉଚ୍ଚତାର ଭାରର ବିପଦ ନିମ୍ନ ଅନୁଯାୟୀ ଅଟେ: (i) ଉଚ୍ଚତା ଗେଜ୍ ପ୍ରତି ବିପଦ ତଥା ତାହାର ପରିଣାମସ୍ୱରୂପ ରାସ୍ତା ଓ ରେଳ ଧାରଣା ଅବରୋଧ ହେବା । (ii) ବାହନରେ ବୋଝେଇ ହୋଇଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ମଧ୍ୟରେ ଆସି ଅଗ୍ନିକାଣ୍ଡର ଆଶଙ୍କା କିମ୍ବା ଜୀବନ ପ୍ରତି ବିପଦ ।

(PR-1236) **ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ରାଉରକେଲା**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



## CENTRE FOR DISTANCE AND ONLINE EDUCATION (CDOE)
## FAKIR MOHAN UNIVERSITY
VYASA VIHAR, BALASORE - 756019

## ADMISSION NOTIFICATION: 2024-25

**Letter No. FMU/CDOE-Admission-01/2025/87** **Date: 12.03.2025**

Applications are invited from eligible candidate for admission into the following UGC approved programmes under ODL mode for the Academic Year 2024-2025, Academic Session begining February 2025 and onwards. The admission date is extended from 18.03.2025 to 31.03.2025. The candidates who have submitted google form by 17.03.2025, are required to report physically with all related original documents and a set of photocopy of the said documents at the office of the CDOE for admission from 18.03.2025 to 31.03.2025.

**Admission Opening Date: 18.03.2025** **Closing Date: 31.03.2025**

**COURSES OFFERED**

**Post Graduate (PG) Programmes**

| Courses | Duration | Intake Capacity | Eligibility | Counsellor |
|---|---|---|---|---|
| M.A. in Odia | 2 Years | 120 | Any Graduate | Dr. Sushree Sangita Swain Mo.: 7008040325 |
| M.A. in English | 2 Years | 72 | Any Graduate | Ms. Ipsita Das Mo.: 7873783005 |
| M.A. in Sanskrit | 2 Years | 72 | Any Graduate | Dr. Pritiranjan Majhi Mo.: 7001509190 |
| M.A. in Economics | 2 Years | 96 | Any Graduate | Mr. Anirudha Bal Mo.: 9853651156 |
| M.A. in Political Science | 2 Years | 96 | Any Graduate | Dr. Chandan Panigrahi Mo.: 9650226218 |
| M.A. in History | 2 Years | 96 | Any Graduate | Dr. Sikhashree Ray Mo.: 8700146566 |
| M.A. in Sociology | 2 Years | 96 | Any Graduate | Ms. Monalisha Khuntia Mo. 7735868997 |
| M.A. in Social Work | 2 Years | 48 | Any Graduate | Ms. Rashmirekha Rout Mo.: 8342846579 |
| M.A. in Education | 2 Years | 120 | Any Graduate | Dr. Liparani Panda Mo.: 9692678737 |
| Master in Commerce | 2 Years | 120 | Any Graduate | Dr. Rajaram Majhi Mo.: 7205176195 |

**Admission Procedure:**
Visit the website at **https://fmuniversity.nic.in** and Click on **"Admission to Distance Mode (ODL) Programme for the Academic Year 2024-2025"** link for detail information. By paying the Application Fee **Rs.600/-** through online, the candidates can apply online through google link by filling up the given criteria and report physically with all related original documents and a set of photocopy of the said documents at the office of the CDOE for the admission into concerned programme **by 31.03.2025**. Online pyament of 1st year course fee to be made on the same day of Admission.

**Contact Time: 10.30 A.M. - 5 P.M.** **Sd./- Director**



## JODA WOMEN'S COLLEGE, JODA
ESTD - 1987
Accredited by NAAC

**WALK-IN-INTERVIEW ON DT. 19.03.2025**

| Sl. No. | Name of the Post | No. of Post | Qualification |
|---|---|---|---|
| 1. | Lecturer in Philosophy | 01 | PG (55% Min.) |
| 2. | Lecturer in I.T. | 01 | MCA |

Interview date rescheduled to **dt.19.03.2025 (Wednesday, 11 A.M.) instead of 16.03.2025**

**Principal-cum-Secretary, Joda Women's College, Joda, Keonjhar, Contact No. - 9438340548**

Sd./- Principal-in-Charge, Joda Women's College, Joda, Keonjhar



MM-

Wildlife Odisha

**OFFICE OF THE PCCF (WILDLIFE) & CHIEF WILDLIFE WARDEN, ODISHA, FOREST, ENVIRONMENT & CLIMATE CHANGE DEPARTMENT, GOVT OF ODISHA**

**EOI FOR SOLAR-POWERED EARLY WARNING SYSTEM**

Wildlife Odisha invites EOIs from qualified firms & technology providers for the design, supply, installation, and maintenance of solar-powered Early Warning System (EWS) to mitigate human-elephant conflict.

The EOI details can be found in the website link below:
**https://wildlife.odisha.gov.in**

The Last Date of submission of the EOI :
**24TH MARCH 2025**

The detailed EOI can either be sent via email :
wildlifeodisha@gmail.com

OR

Via hardcopy in the Postal Address given below:

Office of the Principal Chief Conservator of Forests (Wildlife) and Chief Wildlife Warden, Odisha, Prakruti Bhawan, Plot No - 1459, Saheed Nagar, Bhubaneswar - 751007, Odisha

OIPR-08006/11/0005/2425

ଯୀଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା- ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ- ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। -ଶ୍ରୀଅରବିନ୍ଦ

-ମୀନ ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା, ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ହଳ ନିଷେଧ



# କର୍ମ ଓ ସ୍ୱାଧୀନ ଇଚ୍ଛା



ପିଟର ସିଙ୍ଗର

ଆମକୁ କ'ଣ କରିବାକୁ ହେବ ତାହା ଆମେ ସ୍ୱାଧୀନ ଭାବରେ ଚୟନ କରୁ ନା ଆମ କର୍ମଗୁଡ଼ିକ ଆମ ନିୟନ୍ତ୍ରଣ ବାହାରେ ଥିବା ଶକ୍ତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ସେ ସମ୍ପର୍କରେ ବୁଦ୍ଧିଜୀବୀମାନେ ପ୍ରାଚୀନ କାଳରୁ ପ୍ରଶ୍ନ କରି ଆସିଛନ୍ତି। ଆମ ବ୍ୟବହାରର କାରଣ ସମ୍ପର୍କିତ ବିଚାରକୁ ଆଗକୁ ନେଇଥିବା ବୈଜ୍ଞାନିକ ଉଦ୍ଭାବନ ଏହି ବିତର୍କକୁ ନୂଆ ଗତିଶୀଳତା ପ୍ରଦାନ କରିଛି। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ନ୍ୟୁରୋଲୋଜିଷ୍ଟ ତଥା ନିକଟରେ 'ଲାଇଭସ୍ ୱେଲ୍ ଲାଇଭ୍‌ଡ' ପୋଡ୍‌କାଷ୍ଟର ଅତିଥି ରବର୍ଟ ସାପୋଲସ୍କି ହେଉଛନ୍ତି ଏହିସବୁ ବିଜ୍ଞାନଭିତ୍ତିକ ତର୍କ ସମ୍ବଳିତ ତଥ୍ୟର ଜଣେ ସିଦ୍ଧାନ୍ତବାଦୀ। ଏହି ପୋଡ୍‌କାଷ୍ଟରେ ପୋଲାଣ୍ଡର ଫିଲୋସଫର କାଟର୍‌ଜିନା ଡି ଲାଜାରି-ରାଡିକ୍‌ଙ୍କ ସହିତ ମୁଁ ସହ ପ୍ରାୟୋଜକ ରହିଥିଲି।

ସାପୋଲସ୍କି ହେଉଛନ୍ତି ' ଡିଟର୍‌ମିଣ୍ଡ:ଏ ସାଇନ୍ସ ଅଫ୍ ଲାଇଫ୍ ୱିଦ୍ୟାଉଟ୍ ଫ୍ରି ୱିଲ୍'ର ଲେଖକ। ସେ ଏଥିରେ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ, ନିଜ ଜୀବନରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର କ୍ଷମତା ବା ଇଚ୍ଛା ହେଉଛି ଏକ ଭ୍ରମ ବା ନିରାଧାର ବିଚାର। ଜୋ ନାମକ ଜଣେ ବ୍ୟକ୍ତିଙ୍କ କଥା ବିଚାରକୁ ନିଆଯାଉ। ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଉଚିତ ବୋଲି ନିଷ୍ପତ୍ତି ନେଇ ସେ ଏକ କାଫେକୁ ଗଲେ ଓ ସେଠାରେ ତାଙ୍କର ଜଣେ ସାଙ୍ଗଙ୍କ ସହ ଭେଟ ହେଲା। ସେହି ସାଙ୍ଗ ନିର୍ଦ୍ଦିଷ୍ଟ ପ୍ରକାର କେକ୍‌ର ଏକ ଅଂଶ ମଗାଇଲେ ଓ ଜୋ'ଙ୍କୁ ମଧ୍ୟ ସେଥିରୁ ଖଣ୍ଡେ ମଗାଇବାକୁ କହିଲେ। କିନ୍ତୁ ଜୋ ଏଥିରେ ରାଜି ହେଲେ ନାହିଁ। କାରଣ ସେ ଚିନ୍ତା କରିଥାଇପାରିଥାନ୍ତି ଯେ ସ୍ୱାଧୀନ ଭାବେ ଇଚ୍ଛାକୁ କାର୍ଯ୍ୟକାରୀ କରି ତାଙ୍କ କାର୍ଯ୍ୟର ଗୁରୁତ୍ୱକୁ ପ୍ରତିପାଦିତ କରିବେ। କିନ୍ତୁ ତାହା ନୁହେଁ। ସାପୋଲସ୍କି କହନ୍ତି ଯେ, ସେହି ସାଙ୍ଗ ଜଣକ ତାଙ୍କ ଜିନ୍‌ଗତ କାରଣରୁ କେକ୍ ମଗାଇବାକୁ ଇଚ୍ଛାକଲେ ନାହିଁ କିମ୍ବା ଯେଉଁଭଳି ଭାବେ ସେ ପିଲାବେଳୁ ବଢ଼ି ଆସିଛନ୍ତି ସମ୍ଭବତଃ ସେହି ଗୁଣଗତ କାରଣ ଯୋଗୁ ମଧ୍ୟ ତାହା କରିଥାଇପାରିଥାନ୍ତି। ସେ ଯାହା ବି ହେଉ, ତାଙ୍କ ନିୟନ୍ତ୍ରଣରେ ନ ଥିବା କିଛି କାରଣ ଯୋଗୁ ବି ଏହା ଘଟିଥାଇପାରେ।

ସାପୋଲସ୍କି କହନ୍ତି, ଆମ କର୍ମଗୁଡ଼ିକ ନିର୍ଦ୍ଧାରିତ ହୋଇ ରହିଛି ଓ ଏଥିପାଇଁ ଆମେ ସେଗୁଡ଼ିକ ଲାଗି ଉତ୍ତରଦାୟୀ ନୋହୁଁ। ସେ ଆଉ ମଧ୍ୟ ଦର୍ଶାଇଛନ୍ତି ଯେ, ଆମେ ଯାହା କରୁ ତାହାକୁ ପ୍ରଶଂସା କରିବା କିମ୍ବା ଦୋଷ ଦେବା ଦରକାର ନାହିଁ। ସେ ମଧ୍ୟ ଦୁଃଖର ସହ କହିଛନ୍ତି ଯେ, ସାରା ବିଶ୍ୱରେ, ଦୈନନ୍ଦିନ ଜୀବନରେ, କୋର୍ଟରୁମ୍‌ରୁ ଆରମ୍ଭ କରି କ୍ଲାସରୁମ୍; ପୁରସ୍କାର ବିତରଣ ଉତ୍ସବ ବା ପ୍ରଶଂସାଗନରେ ଆମେ ଆମ ସ୍ୱତନ୍ତ୍ର ଇଚ୍ଛା ଉପରେ ଦୃଢ଼ ବିଶ୍ୱାସ ରଖି କର୍ମରେ ଜଡ଼ିତ ହେଉଛୁ।



ପ୍ରତ୍ୟେକ ବିଷୟ ପଛରେ ଏକ କାରଣ ରହିଛି ; ଆମ ବ୍ୟବହାର ତଥା କାର୍ଯ୍ୟକଳାପ ସମେତ ବିଶ୍ୱର ପ୍ରତ୍ୟେକ ବିଷୟ ପୂର୍ବ ନିର୍ଦ୍ଧାରିତ, ଏଭଳି ଦାବିକୁ ସ୍ପଷ୍ଟ ନ କରିବା ସାପୋଲସ୍କିଙ୍କ ଯୁକ୍ତିର ଏକ ତ୍ରୁଟି। ଆମେ ସ୍ୱୀକାର କରିପାରିବା ଯେ, ଜଣେ ଯଦି ଆମ ଜିନ୍ ଓ ପରିବେଶ ସମ୍ପର୍କରେ ସବୁ କିଛି ଜାଣନ୍ତି, ତେବେ ସେ ଆମ ବ୍ୟବହାର ସମ୍ପର୍କରେ ପୂର୍ବାନୁମାନ କରିପାରିବେ। ସାପୋଲସ୍କି ଓ ତାଙ୍କ ପୂର୍ବରୁ ଅନେକେ ଉପସ୍ଥାପନ କରିଥିବା ଯୁକ୍ତିରେ ଥିବା ତ୍ରୁଟି ହେଉଛି, ଆମ ଇଚ୍ଛାରୁ ସୃଷ୍ଟି ହେଉଥିବା ଏବଂ ସୃଷ୍ଟି ହେଉ ନ ଥିବା ବ୍ୟବହାର କିମ୍ବା କାର୍ଯ୍ୟକଳାପ ମଧ୍ୟରେ ପ୍ରଭେଦକୁ ସୂଚିତ କରିବାରେ ସେମାନେ ବିଫଳ ହୋଇଛନ୍ତି। ଦୁଇ ବ୍ୟକ୍ତି ଜର୍ଜ ଏବଂ ମ୍ୟାରିଙ୍କ କଥା ଦେଖାଯାଉ। ସେମାନଙ୍କ ବ୍ୟବହାର ଓ କର୍ମକୁ ମଧ୍ୟ ନିରୀକ୍ଷଣ କରାଯାଉ। ଜର୍ଜଙ୍କର ତାଙ୍କ ପଡ଼ୋଶୀଙ୍କ ଉପରେ ଘୃଣା ଭାବ ରହିଥିଲା। ଏପରି କି ରାସ୍ତାରେ ଦେଖାହେଲେ ଜର୍ଜ ତାଙ୍କୁ ଅଣଦେଖା କରୁଥିଲେ। ତାଙ୍କ ପଡ଼ୋଶୀ ପ୍ରତିଦିନ ନିକଟସ୍ଥ ଷ୍ଟେଶନକୁ ଯାଇ ଟ୍ରେନ୍‌ରେ କର୍ମକ୍ଷେତ୍ରକୁ ଯିବା ବିଷୟ ଜର୍ଜ ଜାଣିଥିଲେ। ଏଣୁ ପଡ଼ୋଶୀଙ୍କୁ ରାସ୍ତାରୁ ହଟାଇ ଦେବା ସକାଶେ ଏକ ସୁଯୋଗ ରହିଛି ବୋଲି ସେ ଚିନ୍ତା କଲେ । ଜର୍ଜ ପ୍ରତିଦିନ ପଡ଼ୋଶୀଙ୍କ ପଛେ ପଛେ ଷ୍ଟେଶନକୁ ଯାଆନ୍ତି ଓ ଟ୍ରେନ ଆସିବା ସମୟରେ ତାଙ୍କୁ ତା'ଆଗକୁ ଠେଲି ଦେବା ପାଇଁ ସୁଯୋଗକୁ ଅପେକ୍ଷା କରନ୍ତି। ଅନେକ ଦିନ ଧରି ପଡ଼ୋଶୀ ଜଣକ ରେଳ ଧାରଣାର ବହୁ ପଛରେ ଠିଆ ହୋଇ ରହିବା ଯୋଗୁ ଜର୍ଜ ତାଙ୍କ ଯୋଜନାକୁ କାର୍ଯ୍ୟକାରୀ କରିପାରିଲେ ନାହିଁ। କିନ୍ତୁ ପଡ଼ୋଶୀ ରେଳ ଧାରଣାର ଅତି ନିକଟରେ ଠିଆ ନ ହେବା ପର୍ଯ୍ୟନ୍ତ ସେ ତାଙ୍କ ପ୍ରୟାସ ଜାରି ରଖିଥାନ୍ତି। ଦିନେ ସୁଯୋଗ ଆସିଲା ଓ ଜର୍ଜ ତାଙ୍କୁ ଏକ ଶକ୍ତ ଧକ୍କା ଦେଲେ ଓ ପଡ଼ୋଶୀ ଟ୍ରେନ ସମ୍ମୁଖରେ ପଡ଼ିଗଲେ ଏବଂ ତାଙ୍କର ମୃତ୍ୟୁ ଘଟିଲା।

ମ୍ୟାରି ସେହି ଟ୍ରେନରେ କାମ କରିବାକୁ ଯାଆନ୍ତି। ତାଙ୍କର ଜଣେ ପଡ଼ୋଶୀ ମଧ୍ୟ ଟ୍ରେନରେ ଯାଉଥିଲେ। ଦିନେ ସକାଳେ ଷ୍ଟେଶନରେ ଟ୍ରେନ୍ ଧରିବାକୁ ତରବରିଆ ଭାବେ ଯାଉଥିବା ସମୟରେ ପ୍ଲାଟଫର୍ମରେ କେହି ଜଣେ ଛାଡ଼ିଯାଇଥିବା ବ୍ୟାଗ୍‌କୁ ଦେଖିପାରି ନ ଥିଲେ। ଫଳରେ ତାହାକୁ ଝୁଣ୍ଟିଲେ ଓ ସେ ତାଙ୍କ ପଡ଼ୋଶୀଙ୍କ ପିଠି ଉପରେ ପଡ଼ିଲେ। ସେ ଜଣଙ୍କ ଲାଇନ ନିକଟରେ ଠିଆ ହୋଇଥିବାରୁ ଟ୍ରେନ୍ ସମ୍ମୁଖରେ ପଡ଼ିଗଲେ ଏବଂ ତାଙ୍କର ମଧ୍ୟ ମୃତ୍ୟୁ ଘଟିଲା। ଏହା କହିବା ଯୁକ୍ତିଯୁକ୍ତ ଯେ, ଜର୍ଜ ତାଙ୍କ ପଡ଼ୋଶୀଙ୍କୁ ହତ୍ୟା କରିବା ଲାଗି ନିଜେ ସ୍ୱାଧୀନ ଭାବେ ଇଚ୍ଛା କରିଥିଲେ ଏବଂ ନୈତିକତା ଦୃଷ୍ଟିରୁ ସେହି ବ୍ୟକ୍ତିଙ୍କ ମୃତ୍ୟୁ ପାଇଁ ସେ ଦାୟୀ। କିନ୍ତୁ ମ୍ୟାରିଙ୍କ କ୍ଷେତ୍ରରେ ଏଭଳି କହିବା ଯୁକ୍ତିଯୁକ୍ତ ନୁହେଁ। ଜର୍ଜ ତାଙ୍କ ପଡ଼ୋଶୀଙ୍କ ମୃତ୍ୟୁ ପାଇଁ ଦାୟୀ ହେବା ଏବଂ ଦୋଷୀ ଭାବେ ଦଣ୍ଡିତ ହେବା ଉଚିତ ବୋଲି ଯଦି ଆମେ ନ ଭାବିବା ତେବେ ଏହା ଭଲ ହେବ କି? କିମ୍ବା ଯଦି କୌଣସି ପ୍ରକାରେ ଭାବିବା ଯେ, ଜର୍ଜ ଓ ମ୍ୟାରି ଉଭୟ ସେମାନଙ୍କ ପଡ଼ୋଶୀଙ୍କ ମୃତ୍ୟୁ ପାଇଁ ସମାନ ଭାବେ ଦାୟୀ, ତେବେ ତାହା ଭଲ ହୋଇଥାଆନ୍ତା କି? କେବେ ବି ନୁହେଁ। ତେବେ କର୍ମଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ଓ ସେଗୁଡ଼ିକ ପାଇଁ ଆମେ ଉତ୍ତରଦାୟୀ ନୋହୁଁ ବୋଲି ସାପୋଲସ୍କି ଯାହା କହନ୍ତି ତାହାର ସତ୍ୟତା କେତେ? ସବୁଠି ଲୋକେ ଏଭଳି ଘଟଣାକୁ ଭିନ୍ନ ଭାବେ ଦେଖନ୍ତି। ଏପରି କି ସାପୋଲସ୍କି ନିଜେ ଉଲ୍ଲେଖ କରିଛନ୍ତି ଯେ, କିଛି ପ୍ରାଣୀ ଏଭଳି କରିଥାନ୍ତି। ସେ ଏକ ଗବେଷଣା ସମ୍ପର୍କରେ ବର୍ଣ୍ଣନା କରି ଦର୍ଶାଇଛନ୍ତି ଯେ, ମାଙ୍କଡ଼ ଓ ସିମ୍ପାଞ୍ଜି ଏଭଳି କରନ୍ତି। ସେମାନଙ୍କୁ ଖାଦ୍ୟ ଦେବାକୁ ଅକ୍ଷମ ଜଣେ ବ୍ୟକ୍ତିଙ୍କ ତୁଳନାରେ ଖାଦ୍ୟ ଦେଇପାରିବା ଭଳି କ୍ଷମତା ଥାଇ ତାହା ସେମାନଙ୍କୁ ଦେଉ ନ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ସେମାନେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି। ସେମାନେ ସମ୍ପୂର୍ଣ୍ଣ ଭାବେ ଖାଦ୍ୟ ଦେବାକୁ ସକ୍ଷମ ନ ଥିବା ପ୍ରଥମ ବର୍ଗର ଲୋକଟିର ନିକଟତର ହେବାକୁ ଚାହାନ୍ତି। ଏହା ଉପରେ ସାପୋଲସ୍କି ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ,''ଆଶ୍ଚର୍ଯ୍ୟଜନକ ଯେ, ସିମ୍ପାଞ୍ଜିମାନେ ମଧ୍ୟ ସେମାନଙ୍କ ସ୍ୱାଧୀନ ଇଚ୍ଛା ଉପରେ ବିଶ୍ୱାସ ରଖନ୍ତି''। କିନ୍ତୁ ସ୍ୱାଧୀନ ଇଚ୍ଛା ଉପରେ ସିମ୍ପାଞ୍ଜିମାନେ ବିଶ୍ୱାସ କରନ୍ତି ବୋଲି ଗବେଷଣାରୁ ଜଣାପଡ଼ିନାହିଁ । ଯଦି ସେମାନେ ସ୍ୱତନ୍ତ୍ର ଇଚ୍ଛା କରିବେ ତେବେ ସେହି ପ୍ରକାର ଇଚ୍ଛା ଆମ ନିର୍ଦ୍ଧାରିତ କର୍ମଗୁଡ଼ିକ ସହ ସଙ୍ଗତ ହେବ।

ଅପରାଧ ଦିଗକୁ ଦେଖିଲେ ସାପୋଲସ୍କି ଦଣ୍ଡବିଧାନ ସିଦ୍ଧାନ୍ତକୁଅସ୍ୱୀକାର କରିଛନ୍ତି। ସେ ବିଶ୍ୱାସ କରନ୍ତିଯେ, ସାମାଜିକ ଅସମାନତା ସମାଜରେ ଅସାମାଜିକ କାର୍ଯ୍ୟକଳାପରେ କେତେକ ଲୋକଙ୍କୁ ଜଡ଼ିତ କରିବାର ସମ୍ଭାବନା ସୃଷ୍ଟି କରେ। ଏହାକୁ ହ୍ରାସ କରିବାକୁ ଆମେ ଚାହିଁବା ଉଚିତ। ମୋ ଦୃଷ୍ଟିରେ ଲୋକଙ୍କ ଦୁଷ୍ଟତା ପାଇଁ ଦଣ୍ଡ ବିଧାନ ହେବା ବଦଳରେ ଏହା ଅପରାଧ ରୋକିବା ଲକ୍ଷ୍ୟରେ ହେବା ଉଚିତ। ବିଭିନ୍ନ କାରଣ ଦ୍ୱାରା ନିର୍ଦ୍ଧାରିତ କର୍ମ ବା ଘଟଣାଗୁଡ଼ିକର ସିଦ୍ଧାନ୍ତ ସତ ହୋଇପାରେ, କିନ୍ତୁ ଲୋକେ କରୁଥିବା ସ୍ୱତନ୍ତ୍ର ଇଚ୍ଛାର ବିଷୟକୁ ତାହା ବଦଳାଇ ପାରିବ ନାହିଁ ଏବଂ ସେମାନେ କରୁଥିବା ଇଚ୍ଛା କିମ୍ବା ନେଉଥିବା ନିଷ୍ପତ୍ତି ପାଇଁ ଦାୟୀ ହେବା ଦରକାର।

**ଏମେରିଟସ ପ୍ରଫେସର, ବାୟୋଏଥିକ୍ସ,**
**ପ୍ରିନ୍ସଟନ ୟୁନିଭର୍ସିଟି**

# ସନ୍ଧାନେ ସପ୍ତଫଣୀ



ରାନୀ ନାୟକ

ସତରେ କ'ଣ ସାପର ସାତୋଟି ମୁଣ୍ଡ ଅଛି? ଏହି ପ୍ରଶ୍ନଟି ମନକୁ ଆସିବାର କାରଣ ହେଉଛି ସର୍ବଦା ଗୋଟିଏ ମୁଣ୍ଡ ଥିବା ସାପ ଦେଖିଛେ। କିନ୍ତୁ ପୁରାଣରେ କାଳୀୟର କଥା ଆମେ ଶୁଣିଛେ। ଗରୁଡ଼ଠାରୁ ରକ୍ଷା ପାଇବାକୁ ଯାଇ ଯମୁନା ଜଳରେ ସପରିବାର ନେଇ ଲୁଚି ରହିଥିଲା। କାରଣ ଗରୁଡ଼କୁ 'ସୋଭରୀ' ନାମକ ଜଣେ ଋଷି ଅଭିଶାପ ଦେଇଥିଲେ ଯଦି ଯମୁନାରେ ପ୍ରବେଶ କରେ ତେବେ ତା'ର ମୂର୍ଦ୍ଧନା ଫାଟିବ। ସେହି କାରଣରୁ ଯମୁନା ହିଁ ଥିଲା କାଳୀୟ ପାଇଁ ଏକ ସୁରକ୍ଷିତ ସ୍ଥାନ। କିନ୍ତୁ କାଳୀୟର ବିଷ ଏତେ ଭୟଙ୍କର ଥିଲା ଯେ ସେହି ଜଳ ବିଷାକ୍ତ ହେବା ସହ ଆଖ ପାଖରେ ଥିବା ବୃକ୍ଷ ମଧ୍ୟ ତା' ବିଷ ଜ୍ୱାଳାରେ ମରିଯାଉଥିଲେ। କିନ୍ତୁ ଗୋଟିଏ କଦମ୍ବ ବୃକ୍ଷ ହିଁ ଜୀବିତ ଥିଲା। ଏକଦା ଗୋପାଳ ବାଳକମାନେ ତୃଷାର୍ତ୍ତ ହୋଇ ସେଠାକୁ ଆସିଲେ। ଶୋଷ ମେଣ୍ଟାଇବାକୁ ଯାଇ ଜଳପାନ କରିବା ପରେ ମୂର୍ଚ୍ଛିତ ହୋଇ ପଡ଼ିଲେ। ଏହା ଦେଖି କୃଷ୍ଣ କଦମ୍ବ ଗଛରେ ଚଢ଼ି ଯମୁନା ଜଳକୁ ଡିଆଁ ମାରିଲେ। କାଳୀୟ ତା'ର ଫଣା ଟେକି ଗର୍ଜନ କରିବା ସହିତ କୃଷ୍ଣଙ୍କୁ ଗୁଡ଼ାଇ ଧରିଲା। କିନ୍ତୁ ତା' ଠାରୁ ମୁକ୍ତ ହୋଇ ଫଣା ଉପରେ ଚଢ଼ି ନୃତ୍ୟ କରିବାକୁ ଲାଗିଲେ। କାଳୀୟ ସହି ନ ପାରି ମୁକ୍ତି ପାଇଁ ପ୍ରାର୍ଥନା କଲା। କୃଷ୍ଣ ତାକୁ ଯମୁନା ଛାଡ଼ି 'ରମଣକ ଦ୍ୱୀପକୁ' ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ କହିଲେ ସର୍ବଦା ମୋର ପାଦଚିହ୍ନ ତୁମ ମସ୍ତକରେ ରହିବ। ଏହାକୁ ଦେଖି ଗରୁଡ଼ ଆକ୍ରମଣ କରିବ ନାହିଁ। ତେଣୁ ଶ୍ରୀକୃଷ୍ଣଙ୍କୁ 'କାଳୀୟ ବିଷଧର ଗଞ୍ଜନଭାବେ' ସମ୍ବୋଧିତ କରାଯାଇଛି।

ପୁରାଣର କଥା ଏଠାରେ ବର୍ଣ୍ଣନା କରିବାର କାରଣ ହେଉଛି ଅନେକ ସମୟରେ ଏହାର ଫାଇଦା ଉଠାଇ କିଛି ମନ୍ଦ ବ୍ୟକ୍ତି ସୋସିଆଲ ମିଡିଆରେ ପାଞ୍ଚ ମୁଣ୍ଡ ବିଶିଷ୍ଟ ସର୍ପର ଛବି ଛାଡ଼ି ଅପପ୍ରଚାର କରନ୍ତି। ପରେ ଏହି ଚିତ୍ରପଟ୍ଟଟି ନିଆଁ ଭଳି ଚାରିଆଡ଼େ ମଧ୍ୟ ଘୂରିବୁଲେ। ଲୋକେ ବିଶ୍ୱାସର ସହ ନେଇ ଫଟୋଟିରେ ଫୁଲ ଦେଇ ପୂଜାପାଠ କରନ୍ତି। ଏହି ପରିପ୍ରେକ୍ଷୀରେ ଲୋକଙ୍କ ବିଶ୍ୱାସ ସହ ଖେଳାଯାଏ। କାରଣ କିଛି ଦୁର୍ବୃତ୍ତ ଖେଳଣା ସାପକୁ ଏଡିଟିଂ କରି ମୁଣ୍ଡ ଲଗାଇ ଛାଡିଥାନ୍ତି। ଯେହେତୁ ପୁରାଣରେ ସପ୍ତଫଣୀ ବିଷୟରେ ଲିପିବଦ୍ଧ ରହିଛି । ତେଣୁ ଲୋକେ ଏହାକୁ ସହଜରେ ବିଶ୍ୱାସ କରିଯାଆନ୍ତି।

କିନ୍ତୁ ପ୍ରାଣୀ ବୈଜ୍ଞାନିକମାନେ ଏହାକୁ ଖଣ୍ଡନ କରି କହିଛନ୍ତି ପଞ୍ଚଫଣୀ କି ସପ୍ତଫଣୀ ବା ଶତ ସହସ୍ରଫଣୀ ପୃଥିବୀ ପୃଷ୍ଠରେ ରହିବା ସମ୍ଭବ ନୁହେଁ। କିନ୍ତୁ ଏକାଧିକ ମୁଣ୍ଡ ଥିବା ପ୍ରାଣୀଙ୍କୁ ସ୍ୱୀକାର କରେ। ଏମାନଙ୍କୁ ବିଜ୍ଞାନ ଭାଷାରେ 'ପଲିସେଫାଲିକ' କୁହାଯାଏ। ଦୁଇମୁଣ୍ଡ ଥିବା ପ୍ରାଣୀକୁ ବାଇସେଫାଲିକ ଓ ତିନିମୁଣ୍ଡ ଥିବା ପ୍ରାଣୀକୁ ଟ୍ରାଇସେଫାଲିକ କୁହାଯାଏ। କିନ୍ତୁ ତିନିରୁ ଅଧିକ ମୁଣ୍ଡ ଥିବା ପ୍ରାଣୀ କେବଳ ପୁରାଣରେ ସମ୍ଭବ। ସାରା ପୃଥିବୀ ପୃଷ୍ଠରେ ୨୫ଶହ ପ୍ରକାର ସାପ ଅଛନ୍ତି। ଏସବୁ ସତ୍ତ୍ୱେ ଲୋକଙ୍କ ବିଶ୍ୱାସ ଓ ଅଧ୍ୟାତ୍ମିକ ଚିନ୍ତନ ବିଜ୍ଞାନଠାରୁ ବହୁତ ଉର୍ଦ୍ଧ୍ୱରେ। ତେଣୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ନାଗମାନଙ୍କର ଗୁରୁତ୍ୱ ବହୁ ପ୍ରାଚୀନକାଳରୁ ରହିଆସିଛି। କେବଳ ଭାରତୀୟ ସଂସ୍କୃତି କି ହିନ୍ଦୁ ଧର୍ମରେ ସୀମିତ ନୁହେଁ ଏହା ସମଗ୍ର ବିଶ୍ୱରେ ନାଗ ସଂସ୍କୃତିର ଗୁରୁତ୍ୱ ରହିଛି। ଏପରି କି ଶ୍ରୀଜଗନ୍ନାଥଙ୍କ ଦାରୁବୃକ୍ଷକୁ ନାଗଦେବତା ସୁରକ୍ଷା ଦେଇଥାନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ଶ୍ରୀକ୍ଷେତ୍ରରେ ପ୍ରତିବର୍ଷ ପାଳିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ବାସୁକୀ, ସୁଭଦ୍ରାଙ୍କ ଦେବଦଳନରେ ସ୍ୱର୍ଣ୍ଣଚୂଡ଼ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷରେ ଶଙ୍ଖଚୂଡ଼ ନାମକ ନାଗୁଣୀ ରଥରଜ୍ଜୁ ହୋଇଥାନ୍ତି। ଏହିପରି କି ମନ୍ଦିର ଗାତ୍ରରେ, ଦ୍ୱାରବନ୍ଧରେ ଥିବା ସର୍ପ ସ୍ଥାପତ୍ୟ ସାଧାରଣତଃ ସପ୍ତଫଣୀ ହୋଇଥାଏ। ସମୁଦ୍ର ମନ୍ଥନରେ ମଧ୍ୟ ବାସୁକୀଙ୍କୁ ଦଉଡ଼ି ରୂପେ ବ୍ୟବହାର କରାଯାଇଥିଲା ବୋଲି ପୁରାଣ ବର୍ଣ୍ଣିତ। ସପ୍ତଫଣୀ ଓ ପଞ୍ଚଫଣୀ ନାଗଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରାଯାଏ। କେରଳର ମନ୍ନରଶାଳା ମନ୍ଦିରରେ ପଞ୍ଚଫଣୀ ନାଗ ପୂଜା ପାଆନ୍ତି। ଶ୍ରାବଣ ମାସରେ ନାଗପଞ୍ଚମୀରେ ହିନ୍ଦୁମାନେ ପଞ୍ଚନାଗ ଅନନ୍ତ, ବାସୁକୀ, ତକ୍ଷକ, କର୍କୋଟ ଓ ପିଙ୍ଗଳଙ୍କୁ ପୂଜା କରିଥାନ୍ତି। ପ୍ରତିବର୍ଷ ଭାଦ୍ରବ କୃଷ୍ଣ ଅଷ୍ଟମୀରେ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା କୃଷ୍ଣଜନ୍ମ ନୀତିରେ ଓ ଏକାଦଶୀରେ ହେଉଥିବା କାଳୀୟଦଳନ ବେଶ ଲୋକଙ୍କ ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ କରେ। ସପ୍ତଫଣୀର ସନ୍ଧାନ ମିଳି ନ ଥିଲେ ମଧ୍ୟ ଲୋକଙ୍କ ବିଶ୍ୱାସ ରହିଛି ଦିନେ ନା ଦିନେ ଏହାର ସନ୍ଧାନ ମିଳିବ। ତେଣୁ ଦେଖିବାକୁ ବାକି ରହିଲା ଲୋକଙ୍କ ବିଶ୍ୱାସ ବଡ଼ ନା ବିଜ୍ଞାନର ଦୃଷ୍ଟିଭଙ୍ଗୀ ବଡ଼ ।

**ଢେଙ୍କାନାଳ**
**ମୋ: ୭୭୦୬୯୯୬୦୫୩**

## ଏଇ ଭାରତରେ

ଚାକିରି ସହ ଚାଷ କରିବା କଷ୍ଟକର ହୋଇଥିଲେ ମଧ୍ୟ ସେଥିରେ ସଫଳ ହୋଇଛନ୍ତି କେରଳର ଇଞ୍ଜିନିୟର ପାର୍ବତୀ ମୋହନାନ୍। ପାର୍ବତୀ ଫୁଲ ଚାଷ କରି ସେଥିରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପ୍ରତିଦିନ ତାଙ୍କ ନିକଟକୁ ୧୦୦ ପର୍ଯ୍ୟନ୍ତ ଅର୍ଡର ଆସୁଛି। ପାର୍ବତୀଙ୍କ ଘର ଆଲପୁଜା ଜିଲା ମୁହାମ୍ମା ପଞ୍ଚାୟତରେ। ସେ ଅଧ ଏକର ଜମିରେ ପର୍ତ୍ତୁଲାକା ଫୁଲ ଚାଷ କରୁଛନ୍ତି। ବଡ଼ କଥା ହେଉଛି ସେ ଚାକିରିରୁ ସମୟ ବାହାର କରି ଏହି ଚାଷ ଜାରି ରଖିଛନ୍ତି। ପାର୍ବତୀ କୋଚୀରେ ଏକ ଆଇଟି କମ୍ପାନୀରେ ସଫ୍ଟୱେର ଟେଷ୍ଟର ଭାବେ କାମ କରୁଛନ୍ତି। ସେ ସପ୍ତାହାନ୍ତରେ ଘରକୁ ଆସି ଫୁଲ ବଗିଚାର ଯତ୍ନ ନେବା ସହ ବ୍ୟବସାୟ ସମ୍ପର୍କରେ ବୁଝନ୍ତି। ସେ ପ୍ରଥମେ ବଗିଚାରେ ୩୦ ପ୍ରକାର ପର୍ତ୍ତୁଲାକା ଫୁଲ କରୁଥିଲେ। ଏବେ ୩୦୦୦ କିସମର ଫୁଲ ଚାଷ ହେଉଛି। ଏହାକୁ ସେ ଭାରତର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ମାର୍ଚ୍ଚ ୧୯୭୬

- ଗ୍ରାମ୍ୟ ବିଦ୍ୟୁତୀକରଣ କର୍ପୋରେଶନ ଦେଶର ୫୫ଟି ବିଦ୍ୟୁତ୍ ପରିକଳ୍ପନା ନିମନ୍ତେ ୨୫ କୋଟି ୩୦ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛି।
- ଗୁଜରାଟର ଶାସନ ବ୍ୟବସ୍ଥା ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଚାଲିପାରିବ ନାହିଁ ବୋଲି ରାଜ୍ୟପାଳଙ୍କଠାରୁ ରିପୋର୍ଟ ପାଇଲା ପରେ ସମ୍ବିଧାନର ୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତି ଗୁଜରାଟର ଶାସନ କ୍ଷମତା ନିଜ ହାତକୁ ନେଇଛନ୍ତି।
- ସୋଭିଏତ୍ ଋଷିଆର ଏକ ଯାତ୍ରୀବାହୀ ବିମାନ 'ଆଇଏଲ୍-୧୮' ମସ୍କୋଠାରୁ ୟେରେଭାନ ଅଭିମୁଖେ ଯାତ୍ରା କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୨୦ ଜଣ ଯାତ୍ରୀ ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | 2 | | 5 |
| | | | | | | | 3 | 7 |
| | | | | | 2 | | | 9 |
| | 2 | | | 6 | | 1 | | 8 |
| | | 1 | | | 3 | | 2 | |
| | 4 | | | 7 | | | | |
| 9 | | | 5 | | 7 | 8 | | |
| | | | | 8 | | | 9 | 4 |
| | | | | 2 | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 1 | 5 | 2 | 6 | 4 | 3 |
| 5 | 6 | 2 | 4 | 8 | 3 | 9 | 1 | 7 |
| 1 | 4 | 3 | 7 | 6 | 9 | 8 | 5 | 2 |
| 3 | 5 | 6 | 9 | 1 | 4 | 7 | 2 | 8 |
| 7 | 1 | 4 | 6 | 2 | 8 | 5 | 3 | 9 |
| 2 | 9 | 8 | 5 | 3 | 7 | 4 | 6 | 1 |
| 9 | 3 | 7 | 2 | 4 | 5 | 1 | 8 | 6 |
| 6 | 8 | 5 | 3 | 7 | 1 | 2 | 9 | 4 |
| 4 | 2 | 1 | 8 | 9 | 6 | 3 | 7 | 5 |

ଗତକାଲିର ଉତ୍ତର

# ହ୍ୱାଇଟ୍ ହାଉସ୍‌ର ଭାରତ ଆଭିମୁଖ୍ୟ



ଡ. ସାରଦା ପ୍ରସାଦ କର

ଭାରତ ତା' ପ୍ରତିରକ୍ଷା ସରଞ୍ଜାମ ଆମଦାନୀ କରିବାକୁ ୨୦୦୮ରୁ ଏଯାବତ୍ ୨୦ ବିଲିଅନ ଡଲାରରୁ ଉର୍ଦ୍ଧ୍ୱ ଚୁକ୍ତି କରିଥିବା ବେଳେ ଏବେ ବଜାର ବଦଳାଇ ଆମେରିକା ଅପେକ୍ଷା ରୁଷିଆ, ଫ୍ରାନ୍ସ ଓ ଇସ୍ରାଏଲ ଉପରେ ଅଧିକ ନିର୍ଭର କରିବା କଷ୍ଟ ହେଉଛି ଆମେରିକାକୁ। ଟ୍ରମ୍ପ ପ୍ରଶାସନର ସଦ୍ୟ ଟାରିଫ ଯୁଦ୍ଧ ଅର୍ଥନୈତିକ କାର୍ଯ୍ୟକାରିତାକୁ କମ୍ ଗୁରୁତ୍ୱ ରଖେ ଯେହେତୁ ଏହା ବେଶି ମାତ୍ରାରେ ଭୌଗୋଳିକ-ରାଜନୈତିକ ସମ୍ପର୍କିତ। 'ଆମେରିକାକୁ ଅଗ୍ରାଧିକାର' କଥାଟି ଭାରତୀୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ପୂର୍ବାନୁମାନ କଲେଣି ବିଶ୍ୱର ଅର୍ଥନୀତିଜ୍ଞମାନେ। ସେହି ଦୃଷ୍ଟିରୁ ଟାରିଫ ବିରୋଧରେ ଟାରିଫ ଯାହାକୁ ଟ୍ରମ୍ପ ଦ୍ରବ୍ୟ ବିନିମୟ ଟାରିଫ ବା 'ରେସିପ୍ରୋକାଲ ଡ୍ୟୁଟି' କହୁଛନ୍ତି। ତା'ର ନୂଆ ସଂଜ୍ଞା ଦ୍ୱିପାକ୍ଷିକ ସହମତିରେ ବାହାର କରିବା କଥା। ଭାରତକୁ ବଡ଼ ଟାରିଫ ଅପବ୍ୟବହାରକାରୀ ରାଷ୍ଟ୍ର କହି ଟ୍ରମ୍ପ ଚାହିଁଲେ ବିଧାମାରି ପଣସ ପଚାଇବେ। ମିଠାକଥା କହିଲେ, ବସିବାକୁ ଚୌକି ଦେଇ ଆମେରିକାର ୨ଶହ ବିଲିୟନ ଡଲାର ଅଧିକ ଦ୍ରବ୍ୟ କିଣିବାକୁ ଭାରତକୁ ବାଧ୍ୟ କଲେ । ଭାରତୀୟ ଦ୍ରବ୍ୟ ଉପରେ ଅଧିକ ୨୫ ପ୍ରତିଶତ ଟାରିଫ ଲଗାଇଦେଲେ, ଯାହାର ଫଳସ୍ୱରୂପ ଭାରତ ତା'ର ଉତ୍ପାଦ ଉପରେ ଅଧିକ ଦର ଲଗାଇବ ଆଗାମୀ ଦିନରେ ।

ଆମେରିକା ବାଂଲାଦେଶକୁ ୨୯ ମିଲିୟନ ଆମେରିକୀୟ ଡଲାର ସହାୟତା ବନ୍ଦକରି କହିଲା, ୟୁଏସ୍ ଏଡ୍ ସହାୟତା କାଳେ ବାଂଲାଦେଶର ରାଜନୈତିକ ସ୍ଥିରତା ଆଣିବା ଉଦ୍ଦେଶ୍ୟରେ ଦିଆଯାଇଥିଲା ଏବଂ ଏହି ଧନରାଶି କରଦାତାଙ୍କ ଅର୍ଥ ହୋଇଥିବାରୁ ବନ୍ଦ କରାଗଲା। ଏକଥା କହିବାର ୪ଦିନ ପରେ ଏଲନ୍ ମସ୍କଙ୍କ ମାଧ୍ୟମରେ ବାଂଲାଦେଶକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ବ୍ୟବସାୟ ଆରମ୍ଭ କରିବାକୁ ନିମନ୍ତ୍ରଣ ଦେବା ୱାଶିଂଟନ ପ୍ରଶାସନର ଦୋମୁହାଁ ନୀତି। ଷ୍ଟାରଲିଙ୍କ୍‌କୁ ବାଂଲାଦେଶ ଆସିବାକୁ ନିମନ୍ତ୍ରଣ କରାଯାଇଛି। ପୂର୍ବତନ ରାଷ୍ଟ୍ରପତି ବାଇଡେନ୍ ଏବଂ ବିଲ୍ କ୍ଲିଣ୍ଟନଙ୍କ ନିକଟତର ୟୁନୁସ୍‌ଙ୍କ ବ୍ୟବସାୟ ଭାରତ ଅପେକ୍ଷା ଆମେରିକା ସହ ଅଧିକ ହେବା ଚାହାନ୍ତି ଟ୍ରମ୍ପ। ଭାରତ-ବାଂଲା ସମ୍ପର୍କରେ ସୁଧାର ଆସିବା ପ୍ରଶ୍ନରେ ଏହାକୁ ମୋଦିଙ୍କ ଉପରେ ଛାଡ଼ି ଦେଇଥିବା କହି ପୁରୁଣା ସମ୍ପର୍କ ୨୦୨୦ର 'ହାଓଡି ମୋଦି' କୋଳାକୋଳିରେ ବିଶ୍ୱସନୀୟତା ହରାଇଛନ୍ତି ଟ୍ରମ୍ପ। ଅପରପକ୍ଷରେ, ମସ୍କଙ୍କ ନେତୃତ୍ୱାଧୀନ ବିଭାଗ 'ଏକ୍ସ'ରେ ପାଣ୍ଠି ୨୧ ନିୟୁତ ଡଲାର ସାଧାରଣ ନିର୍ବାଚନ ଜରିଆରେ ଲୋକମତକୁ ଦୁର୍ବଳ କରିବା ପାଇଁ ଉଦ୍ଦିଷ୍ଟ ଥିବା କଥା ଭାରତ ବିରୋଧୀ ଜର୍ଜ ସୋରୋସଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି ।

ବଙ୍ଗୋପସାଗରର ଉତ୍ତର-ପୂର୍ବ ତଥା ବାଂଲାଦେଶ ଦକ୍ଷିଣରୁ କୋକ୍ସବଜାର-ଟେକ୍‌ନାଫ ପେନିନ୍‌ସୁଲାର ୯ କି.ମି. ଆଉ ମ୍ୟାନ୍‌ମାର ଉତ୍ତର-ପଶ୍ଚିମରେ ୮ କି.ମି. ଦୂରରେ ଅବସ୍ଥିତ ସେଣ୍ଟ ମାର୍ଟିନ ଦ୍ୱୀପ ଆମେରିକାକୁ ଦେଇ ବାଂଲାଦେଶର କେତେଜଣ ରକ୍ଷଣଶୀଳ ଛାତ୍ରନେତା ମୌଳବାଦୀ ହେବା ଆମେରିକା ପାଇଁ ୨ଗୁଣା ଖୁସି। ପାକିସ୍ତାନରୁ ମୌଳବାଦୀଙ୍କୁ ଆଣି ଭାରତ ବିରୋଧରେ ଛିଡ଼ା କରାଇବା ଆଉ ଆମେରିକା ଓ ଚାଇନାଠାରୁ ଆଧୁନିକ ଯୁଦ୍ଧ ସରଞ୍ଜାମ କିଣିଲେ ବାଂଲାଦେଶ ଅର୍ଥନୀତିରେ ବ୍ୟାପକ କ୍ଷତି ହେବ ଜାଣି ମଧ୍ୟ ଆମେରିକା ବେପରୁଆ। ପ୍ରଶସ୍ତ ଗହମ, ସୂର୍ଯ୍ୟମୁଖୀ କ୍ଷେତ, ଗଚ୍ଛିତ ୟୁରାନିୟମ ଆଉ ବିଶ୍ୱର ବୃହତ୍ ଝାପରଝିଆ ପରମାଣୁ କେନ୍ଦ୍ରକୁ ଜିଭ ବୁଲାଇ ଆମେରିକା କେମିତି ୟୁକ୍ରେନ୍ ବରବାଦରେ ପ୍ରମୁଖ ଅଂଶୀଦାର ହେଲା ଦେଖିଲେ। ୟୁକ୍ରେନ୍ ଯେତେଦିନ ଯୁଦ୍ଧ କରିବ ରୁଷିଆର ଆର୍ଥିକ ଦୁର୍ଗତି ବଢ଼ିବ। ୟୁକ୍ରେନ୍ ହାତ ଟେକିଲେ ଆମେରିକା ବାକି ଇଲାକାର ମାଲିକ ହୋଇଯିବ। ବ୍ରିକ୍ସ ଦେଶକୁ ନେଇ ଭାରତର ଗୁରୁତ୍ୱ ନ ବଢୁ ଆଉ ରୁଷିଆରୁ କମ୍ ଦରରେ ଅଶୋଧିତ ତୈଳ କିଣିବା ଅପେକ୍ଷା ଆମେରିକାର ତୈଳଭଣ୍ଡାର ଖାଲିକରୁ ଏହା ଟ୍ରମ୍ପ ପ୍ରଶାସନର କୂଟନୀତି ।



ଭାରତୀୟ ରପ୍ତାନି ସାମଗ୍ରୀରେ ଶହେ ପ୍ରତିଶତ ଟାରିଫ ଧମକ ପରେ ଆମେରିକାରୁ ଅଧିକ ଆଲୁମିନିଅମ କିଣିବା ଜିଦ୍‌ରେ ମୋଦିଙ୍କୁ ଦସ୍ତଖତ କରାଇନେବା ଟ୍ରମ୍ପଙ୍କ ଭାରତ ଉପରେ ବାଣିଜ୍ୟ ବିଜୟର ଦିନ ଥିଲା । ଆମେ ଦେଖିଛୁ ବାଇଡେନ୍ ପ୍ରଶାସନ ସମୟରେ ମହମ୍ମଦ ୟୁନୁସ, ଜୁନିୟର ସୋରୋସଙ୍କୁ ଭେଟିଥିଲେ। ଭାରତକୁ ଅସ୍ଥିର କରୁଥିବା ଚାଇନା ବିରୋଧରେ ନା କେବେ ୟୁରୋପୀୟ ସଂଘ ନିନ୍ଦା କରିଛି ନା ଚାଇନାକୁ ସୁଶିକ୍ଷା ଦେଇଛି । ଏବେ ମାନବିକ ଆଧାରିତ ଧାରା-୧ (ମିଳିତ ଦାୟିତ୍ୱ), ଧାରା-୨ (ସାର୍ବଭୌମ ସମାନତା) ଏବଂ ଧାରା-୫୫ (ମାନବାଧିକାର) ଅନୁଯାୟୀ ନିରାପତ୍ତା ପରିଷଦ ସଦସ୍ୟମାନେ ମୌଳିକ ସ୍ୱାଧୀନତା ସୁରକ୍ଷା କଥାଟି ମାରିଦେଇଛନ୍ତି ଯେମିତି ମଧ୍ୟପ୍ରାଚ୍ୟର ଗାଜାଷ୍ଟ୍ରିପ୍‌ରେ ଆଉ ଦକ୍ଷିଣ ଏସୀୟ ଦେଶ ବାଂଲାଦେଶରେ । ସେଖ୍ ହାସିନାଙ୍କ ପରେ ଭାରତ ରାଜନୈତିକ ବ୍ୟବସ୍ଥାକୁ ଅସ୍ଥିର କରିବା ପ୍ରୟାସ ଅନ୍ତତଃ ଜୁନିୟର ସୋରୋସଙ୍କ କଥାରୁ ସ୍ପଷ୍ଟ ହୋଇଛି।

ଶ୍ରୀଲଙ୍କାର ଆନ୍ତର୍ଜାତିକ ଋଣ ୩୪.୮ ବିଲିଅନ ଆମେରିକା ଡଲାର ଛୁଇଁବାରେ ବର୍ଷ ୨୦୨୦ରେ ମୋଦି ସରକାର ମାନବିକ ଆଧାରରେ ଔଷଧ, ଚାଉଳ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦେଇ ଦେଶର ଖରାପ ବେଳରେ ବନ୍ଧୁତାର ହାତ ବଢ଼ାଇଥିଲେ । ଦକ୍ଷିଣ ଏସିଆର ୨ ପାରମ୍ପରିକ ଶତ୍ରୁ ରାଷ୍ଟ୍ରଙ୍କୁ ଏହା ବାଧିଥାଇପାରେ । ହେଲେ ନିଜର ଧନମାନର ଗୁଣ ଗାଉଥିବା ମାର୍କିନ ରକ୍ତରେ ଏହା ବିଷମୟ ହେବା ବି ନୁହେଁ । ଭାରତ, ଆଫଗାନିସ୍ତାନ ପୁନର୍ଗଠନ କାର୍ଯ୍ୟକ୍ରମ ପାଇଁ ବାର୍ଷିକ ୨ଲକ୍ଷ ଆମେରିକୀୟ ଡଲାର ବିଶ୍ୱବ୍ୟାଙ୍କ ଜରିଆରେ ଦେବାରେ ପାକିସ୍ତାନର ଅସହିଷ୍ଣୁତା ଯେତିକି ତାହା ଅପେକ୍ଷା ଅଧିକ ହେଉଛି ଆମେରିକାର । ନିଜ ୧ ବିଲିୟନ ଡଲାର ଗୋଳା, କମାଣ, ଟ୍ୟାଙ୍କ ଆଉ ଜାହାଜ ଛାଡ଼ି ଦେଶରୁ ରାତିଅଧିଆ ପଳାୟନ କରିଥିବା ଆମେରିକା କେମିତି ଚାହିଁବ ଭାରତ-ଆଫଗାନିସ୍ତାନ ସମ୍ପର୍କ ଭଲ ରହୁ ଆଉ ଭାରତ ଉପମହାଦେଶରେ ଶାନ୍ତି ବିରାଜୁ!

ଜାତିସଂଘ ମାନବ ଅଧିକାର ସନନ୍ଦ ଧାରା-୧, ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ନେଇ ଆମେରିକା ତୁଣ୍ଡ ଖୋଲିଲା ନାହିଁ। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଭାରତର ନଦୀଜଳ, ଅପେକ୍ଷାକୃତ କମ୍ ବ୍ୟୟର ଚିକିତ୍ସା ଆଉ ବ୍ୟବସାୟିକ ଫାଇଦା ପାଇଁ ନିର୍ଭରଯୋଗ୍ୟ ବିକଳ୍ପ ପଡ଼ୋଶୀ ଚାଇନା କିମ୍ବା ନେପାଳ ନୁହନ୍ତି, ଏ କଥା ଆମେରିକା ଜାଣେ । ପଞ୍ଚମ ପିଢ଼ିର ତଥା ସଫ୍ଟୱେର ତ୍ରୁଟିଥିବା ଏଫ୍-୩୫ ବିମାନ ଭାରତକୁ ବିକି ଗୋଦାମ ଖାଲିକରିବା ଆଉ ଆଗାମୀ ଦିନରେ ବାଂଲାଦେଶକୁ ଫୋପଡ଼ା ଯୋଗ୍ୟ କ୍ଷେପଣାସ୍ତ୍ର, ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବିକି ନିଜ ଭଣ୍ଡାରରେ ବୈଦେଶିକ ମୁଦ୍ରା ବଢ଼ାଇବା ଲକ୍ଷ୍ୟରେ ରହିଛି ଆମେରିକା। ଚାଇନାକୁ ହଟାଇ ନେପାଳ ଓ ବାଂଲାଦେଶରେ ବଜାର ବଢ଼ାଇବା 'ଆମେରିକା ଫାଷ୍ଟ'ର ଚାଲ୍ । ୨୦୪୭ ବେଳକୁ ଦୁନିଆର ବିଶାଳ ଅର୍ଥନୀତି ଆଡ଼କୁ ଗତିକରୁଥିବା ଭାରତର ବିକାଶ ପଥରେ ପଡ଼ୋଶୀ ରାଷ୍ଟ୍ରଦ୍ୱୟଙ୍କୁ ଛିଡ଼ାକରାଇ ଗୋଟେ ଗୁଳିରେ ଦୁଇ ଶିକାର ଟ୍ରମ୍ପଙ୍କ ଲକ୍ଷ୍ୟ ଜଣାପଡୁଛି। ପାକିସ୍ତାନକୁ ପରମାଣୁ ଇନ୍ଧନ ବିକି ଧନ କମାଇଥିବା ଆମେରିକାର ସ୍ଥାନ ଚାଇନା ନେବାରେ ଆମେରିକା ନୂଆ ବ୍ୟବସାୟ ପେଣ୍ଡ ଖୋଜୁଥିଲା । ବ୍ରିକ୍ସ ଦେଶର ଏକାଠି ହେବାକୁ ନିରାପଦ ମନେକରୁ ନ ଥିବା ଆମେରିକା ଚାହେଁ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ସ୍ୱର୍ଗ ଉଚ୍ଚା ହୋଇଯାଉ।

**ଡାକବଙ୍ଗଳା ଛକ,**
**ପୁରୁଣା ଭୁବନେଶ୍ୱର**
**ମୋ: ୮୨୪୯୮୨୭୧୪୮**

## ପାଠକ ଶ୍ରେଷ୍ଠ ବିଚାରକ

### ଏନ୍‌ଏସି ଗଠନ କେବେ ?

ମହାଶୟ,

ବିଗତ ସରକାର ରାଜ୍ୟରେ କେତେକ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ କାର୍ଯ୍ୟରେ ତାହା କରିପାରିଲେ ନାହିଁ। କେତେକ ଜିଲାପାଳ ଆବଶ୍ୟକ ତଥ୍ୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଫଳରେ ଚଣ୍ଡିଖୋଲ ସମେତ ୬୨ଟି ଏନଏସି ଗଠନ ଶୀତଳ ଭଣ୍ଡାରରେ ପଡ଼ିରହିଛି। ତତ୍କାଳୀନ ସରକାରଙ୍କ ଆନ୍ତରିକତା ଅଭାବରୁ ଏନ୍‌ଏସି ଓ ଉପଖଣ୍ଡ ଗଠନ ସମ୍ଭବପର ହୋଇପାରିଲା ନାହିଁ। ନୂତନ ସରକାର ଏ ଦିଗରେ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଉଛି।

**-ନିର୍ମଳ ସାମଲ, ବିରଜା ଭୂମି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେହି ଲୋତକ ହୃଦୟ ଭରି
ନୟନୁଁ ମୋ ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସନ୍ତର।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଚ୍‌ସିଆଇଏଲ୍‌ର ନୂଆ ମାଇଲଷ୍ଟୋନ୍

ନୂଆଦିଲ୍ଲୀ,୧୩।୩

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। କମ୍ପାନୀ ୫୦,୦୦୦ ଏଡିଏଏସ୍ ସମର୍ଥିତ ହୋଣ୍ଡା କାର୍‌ଗୁଡିକୁ ସମ୍ପ୍ରତି ଭାରତୀୟ ସଡ଼କରେ ଚଳାଚଳ କରାଇ ଏକ ନୂଆ ମାଇଲଷ୍ଟୋନ୍ ହାସଲ କରିଛି। ଏହି ସଫଳତା 'ପ୍ରତ୍ୟେକଙ୍କ ପାଇଁ ନିରାପତ୍ତା'ର ବୈଶ୍ୱିକ ଦୃଷ୍ଟିକୋଣ ପ୍ରତି ପ୍ରତିବଦ୍ଧତା ଏବଂ ହୋଣ୍ଡା ମୋଟରସାଇକଲ ଓ ଯାନବାହନଗୁଡିକ ସମ୍ପୃକ୍ତ ଥାଇ




୨୦୫୦ ସୁଦ୍ଧା ଶୂନ୍ୟ ଟ୍ରାଫିକ୍ ଦୁର୍ଘଟଣା ମୃତ୍ୟୁ ଲକ୍ଷ୍ୟ ହାସଲ କରିବା ଦିଗରେ ଏହାର ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରୁଛି। ସେହିଭଳି ହୋଣ୍ଡାର ବୁଦ୍ଧିମାନ ଏଡିଏଏସ୍ (ଆଡଭାନ୍ସଡ୍ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ପ୍ରଯୁକ୍ତି 'ହୋଣ୍ଡା ସେନ୍‌ସିଂ'କୁ ଭାରତରେ ୨୦୨୨ ମେ ମାସରେ ହୋଣ୍ଡା ସିଟି ଇ: ଏଚ୍‌ଇଭି ସହିତ ପ୍ରଥମକରି ପ୍ରଚଳନ କରାଯାଇଥିଲା, ଯାହା ଭାରତର ପ୍ରଥମ ମୁଖ୍ୟସ୍ରୋତ ମଜଭୁତ ହାଇବ୍ରିଡ୍ ଇଲେକ୍ଟ୍ରିକ ଯାନ ହୋଇଛି। ନିରାପତ୍ତାର ବର୍ଦ୍ଧିତ ଗୁରୁତ୍ୱକୁ ହୃଦ୍‌ବୋଧକରି ଏଚ୍‌ସିଆଇଏଲ୍ ତାହାର ଲାଇନ ଅପ୍‌ରେ ଥିବା ହୋଣ୍ଡା ସିଟି (୨୦୨୩ ମାର୍ଚ୍ଚ), ହୋଣ୍ଡା ଏଲିଭେଟ୍ (୨୦୨୩ ସେପ୍ଟେମ୍ବର) ଏବଂ ହୋଣ୍ଡା ଆମେଜ (୨୦୨୪ ଡିସେମ୍ବର) ଭଳି ଅନ୍ୟ ମଡେଲଗୁଡିକରେ ମଧ୍ୟ ଏହାର ପ୍ରୟୋଗକୁ ସମ୍ପ୍ରସାରିତ କରିଛି। ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ଆମେଜ ଭାରତରେ ସର୍ବାଧିକ ସୁଲଭ ଏଡିଏଏସ୍ ସମର୍ଥିତ କାର୍ ହୋଇଛି, ଯାହା ଏହି ଉନ୍ନତ ନିରାପତ୍ତା ପ୍ରଯୁକ୍ତିକୁ ବିସ୍ତାରିତ ବର୍ଗର ଗ୍ରାହକଙ୍କୁ ଯୋଗାଇ ଦେଉଛି।

ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଭିପି (ମାର୍କେଟିଂ ଆଣ୍ଡ ସେଲ୍ସ) କୁନାଲ ବେହଲ କହିଥିଲେ,ଆମେ କରୁଥିବା ପ୍ରତ୍ୟେକଟି କାର୍ଯ୍ୟରେ ନିରାପତ୍ତାମୂଳକ ବିଷୟ ହୋଇଛି। ଭାରତୀୟ ସଡ଼କରେ ୫୦,୦୦୦ ଏଡିଏଏସ୍-ସମର୍ଥିତ ଯାନଗୁଡିକ ଚଳାଚଳ ସଫଳତା ହାସଲ କରିବାରୁ ସମସ୍ତଙ୍କ ନିରାପତ୍ତା ନିମନ୍ତେ ଆମର ଏକନିଷ୍ଠ ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି। ଏହି ସଫଳତା ଆମର ବୈଶ୍ୱିକ ନିରାପତ୍ତା ଦୃଷ୍ଟିକୋଣ ସହ କେବଳ ମେଳଖାଉ ନାହିଁ, ତାହା ସହ ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଉନ୍ନତ ଡ୍ରାଇଭର ଆସିଷ୍ଟାନ୍ସ ପ୍ରଯୁକ୍ତିଗୁଡିକ ପ୍ରତି ବର୍ଦ୍ଧିତ ପସନ୍ଦ ଓ ଗ୍ରହଣୀୟତାକୁ ପ୍ରଦର୍ଶିତ କରୁଛି।


## ଜନ୍ମଦିନ ଶୁଭେଚ୍ଛା



ପ୍ରନୀଲ ଦାଶ (ଜୟ)
ମିଶ୍ରପଡ଼ା, ଅନୁଗୁଳ

ଜନ୍ମଦିନର ଶୁଭ ଅବସରରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ଜେପା, ଜେମା, ଆଇ, ବାପା, ମାମା, ଭାଇନା ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ।

ଧ-୩୨୯୮


# ୨ ବର୍ଷରେ ଦ୍ୱିଗୁଣିତ ଫ୍ଲିଟ୍

ନୂଆଦିଲ୍ଲୀ,୧୩।୩

ଟାଟା ଗ୍ରୁପ୍‌ର ବିମାନ କମ୍ପାନୀ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ୨ ବର୍ଷରେ ଏହାର ଫ୍ଲିଟ୍‌କୁ ପ୍ରାୟ ଦ୍ୱିଗୁଣିତ କରିପାରିଛି। ୨୦୨୨ ଜାନୁଆରୀରେ ଏୟାର ଇଣ୍ଡିଆ ଟାଟା ଗ୍ରୁପ୍‌ରେ ଯୋଗ ଦେବା ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଏକ ଅଭୂତପୂର୍ବ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଦେଇ ଗତି କରିଛି। ବର୍ତ୍ତମାନ କମ୍ପାନୀ ନିକଟରେ ୨୬ଟି ବୋଇଂ ୭୩୭ ଏନ୍‌ଜି ଏବଂ ୨୮ଟି ଏ୩୨୦ ବିମାନ ଥିବା ଏୟାରଲାଇନ୍ସ ଏହାର ଫ୍ଲିଟ୍‌କୁ ପ୍ରାୟ ଦ୍ୱିଗୁଣିତକରି ୧୦୦ଟି ବିମାନରେ ପହଞ୍ଚାଇଛି। ଏୟାର ଇଣ୍ଡିଆ ଏକ୍ସପ୍ରେସର ୧୦୦ତମ ବିମାନ ବୋଇଂ ୭୩୭-୮କୁ କମ୍ପାନୀ ତା'ର ଫ୍ଲିଟ୍‌ରେ ସାମିଲ କରାଇଛି। ଏୟାର ଇଣ୍ଡିଆ ଏକ୍ସପ୍ରେସର ପରିଚାଳନା ନିର୍ଦ୍ଦେଶକ ଆଲୋକ ସିଂହ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ବିମାନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏୟାର ଇଣ୍ଡିଆ ଏକ୍ସପ୍ରେସର ଏମଡି ଆଲୋକେ ସିଂହ କହିଛନ୍ତି, ଆମର ୧୦୦ତମ ବିମାନ ସାମିଲ ହେବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ପାଲଟିଛି।


## Ph.D. ଲାଭ



ଗବେଷିକା ଶ୍ରୀମତୀ ସୁଚିସ୍ମିତା ଦାସ ଶିକ୍ଷା ବିଭାଗରେ ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗରେ ଗବେଷଣା ତତ୍ତ୍ୱାବଧାରକ ଭାବେ ନିୟୋଜିତ ଥିବା Dr. Sankar Prasad Mohanty, Professor of Education, Department of Curriculum Studies & Development NIE, NCERT, New Delhi, Indiaଙ୍କ ଅଧୀନରେ ଗବେଷଣା କରୁଥିଲେ। ଶ୍ରୀମତୀ ଦାସଙ୍କ ସନ୍ଦର୍ଭ Implementation of Major Public Funded interventions for Universalization of School Education in Odisha, Case Study of a Rural Block ୩୧।୦୧।୨୫ ତାରିଖ ଦିନ Department of Education, Jadavpur University, Prof. Bishnupada Nandaଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଶ୍ରୀମତୀ ଦାସ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ୍‌ସ୍ଥିତ କାନ୍ଦୁନ୍‌ଗୋସାହି ନିବାସୀ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦାସ ଓ ଶ୍ରୀମତୀ କାବେରୀ ଦାସଙ୍କ ସୁପୁତ୍ରୀ ତଥା ଢେଙ୍କାନାଳସ୍ଥିତ କୁବୁଲି ଟାଉନ ନିବାସୀ ଶ୍ରୀଯୁକ୍ତ ଲଳିତ ମୋହନ ମହାନ୍ତି ଓ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତିଙ୍କ ପୁତ୍ରବଧୂ ହେବା ସହ ଶ୍ରୀଯୁକ୍ତ ରାକେଶ ମହାନ୍ତିଙ୍କର ଧର୍ମପତ୍ନୀ ଅଟନ୍ତି। ଏହି ସଫଳତା ପାଇଁ ସେ ସମସ୍ତ ଶ୍ରେୟ ଭାଇ ଦୀପ୍ତିରଞ୍ଜନ ଦାସ, ଭାଉଜ, ଝିଅ ଅବନ୍ତିକା, ଭଉଣୀ ମଧୁସ୍ମିତାଙ୍କୁ ପ୍ରଦାନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଗୁରୁଜନ, ବନ୍ଧୁ, ପରିବାରବର୍ଗ ଓ ସହପାଠୀମାନଙ୍କଠାରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏ ଦିଗରେ ନାଉଗାଁ ବ୍ଲକ୍‌ର ସମସ୍ତ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗ ପାଇଁ ଶ୍ରୀମତୀ ଦାସ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଧ-୩୩୦୪


# ବେଦାନ୍ତ ଆଲୁମିନିୟମର 'ବେଦମୂର୍ତ୍ତିକା'

ଭୁବନେଶ୍ୱର,୧୩।୩ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ପ୍ରକଳ୍ପ (ପ୍ରୋଜେକ୍ଟ) ତଥା ଟେରାକୋଟା ଶିଳ୍ପ ତାଲିମ କାର୍ଯ୍ୟକ୍ରମ 'ବେଦମୂର୍ତ୍ତିକା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଝାରସୁଗୁଡ଼ା ଜିଲାର ନକ୍ସାପାଲି ଗ୍ରାମରେ ଏହି ପ୍ରକଳ୍ପ ଏବଂ ଟେରାକୋଟା କ୍ଲଷ୍ଟର ପ୍ରମୋସନ କାର୍ଯ୍ୟକ୍ରମ 'ବେଦମୂର୍ତ୍ତିକା'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜସ୍ମିନ୍ ହସ୍ତଶିଳ୍ପ ପ୍ରମୋସନାଲ ଅଫିସର ଝାରସୁଗୁଡ଼ା, ପ୍ରିୟଦର୍ଶିନୀ ଗୁଘର ସରପଞ୍ଚ ନକ୍ସାପାଲି ଗ୍ରାମ ଏବଂ କୁମୁଦିନୀ ରାଉତ ଉପସଭାପତି ଶୁଭଲକ୍ଷ୍ମୀ ସମବାୟ ସମିତି ଓ ବେଦାନ୍ତର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର




ପ୍ରୋଜେକ୍ଟ ବେଦମୂର୍ତ୍ତିକାର ଶୁଭାରମ୍ଭ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ପ୍ରୋଜେକ୍ଟ ବେଦମୂର୍ତ୍ତିକା, ସାଂସ୍କୃତିକ ସଂରକ୍ଷଣକୁ ଆର୍ଥିକ ସଶକ୍ତୀକରଣ ସହିତ ସୁଗମ କରିଥାଏ ଏବଂ ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା ସହ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପ୍ରତି ଆମର ପ୍ରତିବଦ୍ଧତାର ଏକ ଉପଯୁକ୍ତ ପ୍ରତିଫଳନ କରିଥାଏ। ଝାରସୁଗୁଡ଼ାର ହସ୍ତଶିଳ୍ପ ପ୍ରମୋସନାଲ ଅଫିସର ଜସ୍ମିନ୍ କହିଛନ୍ତି, ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବେଦମୂର୍ତ୍ତିକା ବେଦାନ୍ତର ଏକ ପ୍ରଶଂସନୀୟ ପଦକ୍ଷେପ ହୋଇଥିଲାବେଳେ ଗ୍ରାମୀଣ ସମ୍ପ୍ରଦାୟ ମଧ୍ୟରେ ଅଧିକ ଆତ୍ମନିର୍ଭରଶୀଳତା ବୃଦ୍ଧିକରିବାରେ ସହାୟକ ହୋଇଥାଏ।

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପ୍ରଚାର

ଭୁବନେଶ୍ୱର,୧୩।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱର ସ୍ଥିତ ମଣିପାଲ ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ମାତ୍ର ୨୫ ସପ୍ତାହରେ ଜନ୍ମ ହୋଇଥିବା ୬୮୦ଗ୍ରାମର ଅତି ପ୍ରିମାଚ୍ୟୁର ଶିଶୁର ଜଟିଳ ଅସ୍ତ୍ରୋପ୍ରଚାର ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ସଫଳତାର ସହ ଶେଷ ହୋଇଛି। ଉଲ୍ଲେଖଯୋଗ୍ୟ, ବୌଦ୍ଧ ଜିଲା ସୋନପୁରରୁ ଆସିଥିବା ଏହି ଶିଶୁର ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଭଲ ଅଛି। ଅପରପକ୍ଷରେ ମାତୃଗର୍ଭଜନିତ ଜଟିଳ ହେବାରୁ ସ୍ଥାନୀୟ ଏକ ବେସରକାରୀ ନର୍ସିଂହୋମ୍‌ରେ ପ୍ରସବ ହୋଇଥିଲା। ଶିଶୁଟି ମାତ୍ର ୨୫ ସପ୍ତାହରେ ଜନ୍ମ ହୋଇଥିବାରୁ ଏବଂ ତା'ର ଓଜନ ୬୮୦ ଗ୍ରାମ ହୋଇଥିବାରୁ ଜନ୍ମ ପରେ ତାକୁ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ ହେବାରୁ ତାଙ୍କ ପରିବାର ସଦସ୍ୟମାନେ ଜନ୍ମର ୨ଘଣ୍ଟା ମଧ୍ୟରେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲକୁ ନେଇ ଆସିଥିଲେ। ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ, ଡା ଅଭିଲିପ୍ସା ଆଚାର୍ଯ୍ୟ ଓ ତାଙ୍କ ଟିମ୍ ତୁରନ୍ତ ଶିଶୁର ଚିକିତ୍ସା ଆରମ୍ଭ କରିଥିଲେ। ଫଳରେ ଶିଶୁର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ପରବର୍ତ୍ତୀ ସମୟରେ ହସ୍ପିଟାଲର ଶିଶୁଶଲ୍ୟ ବିଶେଷଜ୍ଞ ଡା. ବୈକୁଣ୍ଠନାଥ ମିଶ୍ର ୫ ଘଣ୍ଟା ଧରି ତା'ର ଅପରେଶନ କରିଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଶିଶୁରୋଗ ପାଇଁ ସମସ୍ତ ପ୍ରକାର ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତର, ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ ଅଛି ବୋଲି ସୂଚନା ଦେଇଛନ୍ତି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୩।୩

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୧(୨୦୦.୮୫) ପଏଣ୍ଟ ହ୍ରାସ ଘଟି ୭୩,୮୨୯ (୭୩,୮୨୮.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୩ (୭୩.୩୦) ପଏଣ୍ଟ କମି ୨୨,୩୯୭ (୨୨,୩୯୭.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଫୋର୍ସ ନେକ୍ସଟ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୩।୩

ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏକ ପ୍ରିମିୟମ ଲାଇନ 'ଫୋର୍ସ ନେକ୍ସଟ୍'ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫୋର୍ସ ନେକ୍ସଟ୍‌ର ନୂତନତମ ଟେଲିଭିଜନ ବିଜ୍ଞାପନ (ଟିଭିସି) ବୋଲ୍ଡ ଟ୍ୟାଗ୍‌ଲାଇନ 'ଫର୍ ହ୍ୱାଟସ୍ ନେକ୍ସଟ୍' ପ୍ରଚଳନଟି ଏବଂ କିପରି ଇନର ୱେର, ଖେଳକୁଦ ଏବଂ ଆକ୍ଟିଭ, ବ୍ୟକ୍ତିଗତ ଶୈଳୀ, ଆତ୍ମବିଶ୍ୱାସ ଏବଂ ଆତ୍ମପ୍ରକାଶନର ଅବିଚ୍ଛେଦ୍ୟ ଉପାଦାନ ପାଲଟିଛି। ତାହା ଉପରେ ଏହି ଟିଭିସି ବିସ୍ତୃତ ଭାବେ ଆଲୋକପାତ କରିଥାଏ। ସେହିଭଳି ଆଧୁନିକ ପୁରୁଷଙ୍କ ଇନର ୱେର, ଖେଳକୁଦ ଏବଂ ଆକ୍ଟିଭ ପୋଷାକ ପାଇଁ ଏକ ସର୍ବୋତ୍ତମ ବ୍ରାଣ୍ଡ, ଆରାମ, ଶୈଳୀ ଏବଂ ଆତ୍ମବିଶ୍ୱାସକୁ ମିଶ୍ରଣ କରିଥାଏ। ଏ ସମ୍ପର୍କରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଥିଲେ, ଇନର ୱେର, ଖେଳକୁଦ ଏବଂ ଆକ୍ଟିଭ ପୋଷାକ ଆଉ କେବଳ କାର୍ଯ୍ୟକ୍ଷମ ନୁହେଁ। ସେଗୁଡ଼ିକ ଆତ୍ମ ପ୍ରକାଶନ, ଆତ୍ମବିଶ୍ୱାସ ଏବଂ ଶୈଳୀର ଏକ ଅଂଶ ପାଲଟିଯାଇଛନ୍ତି। ଆମର ନୂତନତମ ଟିଭିସି ସହିତ ଆମେ ଫୋର୍ସ ନେକ୍ସଟ୍ କିପରି ଇନର ୱେରକୁ ପୁନଃ ପରିଭାଷିତକରେ ତାହା ଉପରେ ଆଲୋକପାତ କରୁଛୁ।


# Classified Everyday
0674-2580101, 9692975378



REAL ESTATE
SALE

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

Triplex at Jharpada, Bhubaneswar, 200mtrs from Cuttack Road. Call-8917520527. D-3296

**Gharabari plot sale near SUM Hospital-2, Trinath Bazar, Phulnakhara, 1250/- per sqft. whatsapp-9437011506, 6371462496.** D-3297

**Duplex sale with gated society near AIIMS Hospital, Bhubaneswar. 9777433701.** D-76248




13500sft facing to NH side open space with Compound wall 10 KM from Nakhara. 7809525452. D-76427




Newly open Jyoti spa positively health benefits (Expert therapist). 8458067955. D-76200

Positively health benifited spa by expert therapist. 8658088274. D-76903

**Full body massage experience, good looking therapist @999 (Bhubaneswar). 9078484455.** D-3280

Positively health benefited SPA by expert female therapist, Bapujinagar. 8018429809. D-76901

**Relax, Refresh your body, mind at Saikrupa Spa with best therapies. 8984068077.** D-3288



CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction-9438315332.** D-3206

LOST

By virtue of an affidavit sworn before Notary Public, Bhubaneswar, dated 13.03.2025, I, SHIVAM BATRA, declare that the original Sale Deed & Property document bearing document No.-11082111689, dated 01.10.2021 of Mouza-Goutam Nagar, Khata No.-1331/814, Plot No.-229, Mutation Khata No.- 1331/1549 has been lost on 10.03.2025 in between Jayadurga Nagar to Laxmisagar Square, Bhubaneswar. Ph No- 9811891119. D-3294

AFFIDAVIT

By virtue of an affidavit No.-195, date 11.03.2025 sworn before the Notary Public, Deogarh, I, Rinki Kisan, D/o- Jay Kisan, R/o- Village- Kalkath, P.O.- Basalai, Dist.- Deogarh declare that my name, father's name and address has been wrongly mentioned as Kuni Kisan, C/o- Haresh Kisan, At- Bhojpur, P.O.- Godrapada, Dist.- Sambalpur, Odisha- 768107 in my Aadhaar Card bearing No.xxxx xxxx 3894. Now I have changed my name, my father's name and address as Rinki Kisan, D/o- Jay Kisan, R/o- Village- Kalkath, P.O.- Basalai, Dist.- Deogarh, Odisha- 768108 for all purposes. D-3302

By virtue of an affidavit sworn before Executive Magistrate, Basta, dated 11.03.2025 I, Jasmita Sahu, D/o- Narayan Sahu, W/o- Sanjay Behera of Vill-Mahadebsarai, P.O./P.S.-Basta, Dist.- Balasore, Odisha declare that wrongly my name is mentioned as Jasmiita Sahu in my Aadhaar Card bearing No.-xxxx xxxx 7104. The above two name is same & same person. Henceforth, I shall be known as Jasmita Sahu for all purposes. D-3301

I, Santosh Kumar Panda, S/o- Late Jagannath Panda, At-Borapada Khamar, P.O.-Gahamkhunti, P.S.-Sadar, Dist.-Dhenkanal, PIN-759027, Odisha declare by this affidavit No.- 1814, dtd. 12.03.2025 that now onwards I shall be known as SANTOSH KUMAR PANDA for all future purposes. D-75496

By virtue of an affidavit sworn before the Executive Magistrate, Dharmasala, dated 01.03.2025, I, UMARANI SAHOO, Address: AT-Narasinghpur, P.O.-Nahangapatana, P.S.-Dharmasala, Dist.- Jajpur, Odisha-755008 declare that I have changed my name from UMAMANI SAHOO to UMARANI SAHOO. Henceforth, I shall be known as UMARANI SAHOO for all purposes.
UMARANI SAHOO D-3299

Affidavit No.-184, dt-10.03.2025 before Executive Magistrate, Khurda, my name has changed from Tanmay Kumar Mahapatra to Tanmaya Kumar Patra. Henceforth, I shall be known as Tanmaya Kumar Patra, S/o- Manoj Kumar Patra, At-Jhadeswarpur, P.O.-Haladia, Dist.-Cuttack-754207 for all purpose. D-3271

By virtue of an affidavit No.-652, dt. 10.03.2025 before the Executive Magistrate and Tahasildar Basta, I, Babuli Murmu, S/o- Late BHUJU MURMU, At/P.O.- DANDIKA, P.S.-Basta, Dist.- Bls. Want to correction my name as BAGHARAY MURMU of same Aadhaar No.-xxxx xxxx 3568 for LIC purpose. D-3287

By virtue of an affidavit sworn before the Executive Magistrate, Mahanga, CTC, Odisha, dated 10.03.2025, Address: At/P.O.- Ostapur, P.S.- Bhadreswar, Dist.- Cuttack, PIN-754207 declare that I have changed my name from BIMBALA MAHARANA to BASANTI MAHARANA. Henceforth, I shall be known as BASANTI MAHARANA for all purposes. D-3295

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ଚିନ୍ମୟୀ ମହାନ୍ତି
ଅବଦଲପୁର, ନାଉଗାଁ, ଜଗତ୍‌ସିଂହପୁର
ଆବିର୍ଭାବ-୨୫।୧୧।୧୯୪୭
ତିରୋଧାନ-୦୪।୦୩।୨୦୨୫

ବୋଉ, ଚାହୁଁ ଚାହୁଁ ସମୟର କରାଳ ସ୍ରୋତରେ ତୁମେ ଆମକୁ ଛାଡ଼ି ଚାଲିଯିବା ଆଜକୁ ଏଗାର ଦିନ ବିତିଗଲାଣି। ତୁମ ଡାକ ଶୁଣିବା ପାଇଁ ଆମେ ବ୍ୟାକୁଳ। କିନ୍ତୁ ଆମେ ଜାଣିଛୁ ଅଫେରା ରାଇଜରୁ ତୁମେ ଆଉ ଫେରିବନି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାର ଓ ବନ୍ଧୁ ପରିଜନ।
ଧ-୩୩୦୫

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଇଂ. ବିଶ୍ୱନାଥ ସ୍ୱାଇଁ
ଜଗତର ନାଥ ଜଗନ୍ନାଥଙ୍କର ଚରଣାରବିନ୍ଦରେ ଆପଣଙ୍କର ଅମର ଆତ୍ମା ଶାନ୍ତିଲାଭ କରୁ।
Jagannath Institute of Engg. & Technology (J.I.E.T.)ର ପ୍ରତିଷ୍ଠାତା ଭାବରେ ଆପଣ ଚିର ନମସ୍ୟ।
ଦୁଃଖରେ ଅଭିଭୂତ ଜଗନ୍ନାଥ ଯାନ୍ତ୍ରିକ ତଥା ପ୍ରାଦ୍ୟୋଗିକ ଅନୁଷ୍ଠାନ (J.I.E.T.), ଜଗତପୁର, କଟକର ସମସ୍ତ କର୍ମଚାରୀବୃନ୍ଦ।
ଧ-୩୨୯୧

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୪/୨୦୨୫ Bhubaneswar, Friday, March 14/ 2025

# ମୁମ୍ବାଇ ଇଣ୍ଡିଆନ୍ସର ଦୃଢ଼ ବ୍ୟାଟିଂ

**ମୁମ୍ବାଇ, ୧୩।୩**

ଚଳିତ ଓମେନ୍ସ ପ୍ରିମିୟର ଲିଗ (ଡବ୍ଲ୍ୟୁପିଏଲ୍)ରେ ଗୁରୁବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଓମେନ (ଏମଆଇଡବ୍ଲ୍ୟୁ) ଓ ଗୁଜରାଟ ଜାଏଣ୍ଟ୍ସ ଓମେନ (ଜିଜିଡବ୍ଲ୍ୟୁ) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ଗୁଜରାଟ ଆଗରେ ୨୧୪

**ଡବ୍ଲ୍ୟୁପିଏଲ୍**

ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି। ଏହି ମ୍ୟାଚର ବିଜେତା ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ ଓମେନକୁ ଭେଟିବ।

ଗୁଜରାଟ ଜାଏଣ୍ଟ୍ସ ଅଧିନାୟିକା ଆଶଲେ ଗାର୍ଡନର ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ୟସ୍ତିକା ଭାଟିଆଙ୍କ ଉଇକେଟ ହରାଇଥିଲା। ସେ ୧୪ ବଲରେ ୩ ଚୌକା ସହିତ ୧୫ ରନ କରି ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ପାଇଁ ହେଲି ମାଥ୍ୟୁସ ଓ ନାଟ ସ୍କିଭର ବ୍ରଣ୍ଟ ୭୧ ବଲରେ ବିସ୍ଫୋରକ ୧୩୩ ରନ ଯୋଡ଼ିଥିଲେ। ସେମାନଙ୍କୁ ଗୁଜରାଟ ଦଳର ଖରାପ ଫିଲ୍ଡିଂ ଖୁବ ସହାୟତା କରିଥିଲା। ଦଳୀୟ ସ୍କୋର ୧୫୯ ରନ ହୋଇଥିବା ବେଳେ ମାଥ୍ୟୁସ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୫୦ ବଲରେ ୧୦ ଚୌକା ଓ ୩ ଛକା ସହିତ ୭୭ ରନ କରିଥିଲେ। ତାଙ୍କ ପରେ ସ୍କିଭର ବ୍ରଣ୍ଟ ୪୧ ବଲରେ ୭୭ ରନ କରି ଆଉଟ ହୋଇଥିଲେ। ତାଙ୍କ ଇନିଂସରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା। ଚଳିତ ସିଜନରେ ଏହା ତାଙ୍କର ପଞ୍ଚମ ଅର୍ଦ୍ଧଶତକ ଥିଲା। ଏହାପରେ ଅଧିନାୟିକା ହରମନପ୍ରୀତ କୌର ଦଳୀୟ ସ୍କୋରକୁ ୨୧୩ ରନରେ ପହଞ୍ଚାଇଥିଲେ। ଇନିଂସର ଶେଷ ବଲରେ ଆଉଟ ହୋଇଥିବା ହରମନପ୍ରୀତ ୧୨ ବଲରେ ୨ ଚୌକା ଓ ୪ ଛକା ସହିତ ୩୬ ରନ କରିଥିଲେ।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ନାଟ୍ ସ୍କିଭର ବ୍ରଣ୍ଟ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ଓମେନ ୨୦ ଓଭରରେ ୨୧୩/୪(ହେଲି ମାଥ୍ୟୁସ-୭୭, ସ୍କିଭର ବ୍ରଣ୍ଟ-୭୭, ହରମନପ୍ରୀତ କୌର-୩୬ ୟସ୍ତିକା ଭାଟିଆ-୧୫, ଡାନିଏଲ ଗିବସନ-୨/୪୦, କାଶଭି ଗୌତମ ୧/୩୦)।

# ୩ ସଂଘର ସମ୍ପାଦକଙ୍କୁ ଭେଟିଲେ ଏଓସିଏ କର୍ମକର୍ତ୍ତା

**ଭୁବନେଶ୍ୱର, ୧୩।୩ (ତପନ ସ୍ୱାଇଁ)**

ସର୍ବ ଭାରତୀୟ ଚେସ୍ ମହାସଂଘର ଇଭେଣ୍ଟ କମିଟି ସଦସ୍ୟ ତଥା ଆୟକର ଅଧିକାରୀ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ନୂତନ ଭାବେ ନିର୍ବାଚିତ ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ)ର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଓ କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ କୁମାର ମହାନ୍ତି ବାରବାଟୀ ଷ୍ଟାଡିୟମ୍‌ରେ ୩ ସଂଘର ସମ୍ପାଦକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ଅଲିମ୍ପିକ୍ସ ସଂଘ ସମ୍ପାଦକ ଅଭିଜିତ ପାଲ୍ ଓ ଓଡ଼ିଶା ଫୁଟବଲ ସଂଘ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ସାକ୍ଷାତ ଅବସରରେ ଚେସ୍ ଖେଳ ଓ ଖେଳାଳିମାନଙ୍କ ଉନ୍ନତି ପାଇଁ ଆଲୋଚନା ହୋଇଛି। ଏହି ଅବସରରେ ୩ ସଂଘର ସମ୍ପାଦକ ଆଗାମୀ ଦିନରେ ଚେସ୍ ସଂଘ ସହ ସୁସମ୍ପର୍କ ରଖି ସହଯୋଗର ହାତ ବଢ଼େଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଏଓସିଏ ସଭାପତି ସତ୍ୟରଞ୍ଜନ ପ୍ରକାଶ କରିଛନ୍ତି।


ଏଓସିଏ କର୍ମକର୍ତ୍ତାମାନେ ଗୁରୁବାର ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ସାକ୍ଷାତ କରୁଛନ୍ତି।

# ତନ୍ମୟୀଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଓଡ଼ିଶା ପରାସ୍ତ

**୨୩ ବର୍ଷରୁ କମ୍ ମହିଳା କ୍ରିକେଟ**


ତନ୍ମୟୀ ବେହେରା


ସୋନାଲି ହେମ୍ବ୍ରମ

**ଭୁବନେଶ୍ୱର, ୧୩।୩ (ବିଜୟ ରଣା)**

ପୁଦୁଚେରୀସ୍ଥିତ ସିଏପି ଗ୍ରାଉଣ୍ଡ-୩ରେ ଖେଳାଯାଇଥିବା ବିସିସିଆଇ ୨୩ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟ୍ରଫି ମ୍ୟାଚରେ ପଞ୍ଜାବ ୫ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ତନ୍ମୟୀ ବେହେରାଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ବିନିମୟରେ ୧୮୫ ରନ କରିଥିଲା। ତନ୍ମୟୀ ୬୫ ବଲ୍‌ରୁ ୧ଚୌକା ସହ ୫୯ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନଶ୍ରୀ ରଞ୍ଜନା ୩୬ ବଲ୍‌ରୁ ୨୯ ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ସୁରଭି (୩/୨୯) ଓ ମମତା ରାଣୀ (୩/୩୩) ତିନୋଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବ ୪୮.୨ ଓଭରରେ ୫ ଉଇକେଟ ବିନିମୟରେ ୧୮୭ ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ବଂଶିକା ମହାଜନ ୪୨ ଓ ସ୍ମୃତି ଯାଦବ ୩୯ ରନ କରିଥିଲେ। ଓଡ଼ିଶା ତରଫରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ସୋନାଲି ହେମ୍ବ୍ରମ ୩୦ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଶୁଭ୍ରା ନିରଞ୍ଜନୀ ସ୍ୱାଇଁ ୩୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ।

## କୋକେନ ମାମଲା: ମ୍ୟାକ୍‌ଗିଲ ଦୋଷୀ ସାବ୍ୟସ୍ତ

**ସିଡ୍‌ନୀ, ୧୩।୩ (ପି.ଟି.):** ଅଷ୍ଟ୍ରେଲିଆର ପୂର୍ବତନ ସ୍ପିନର ଷ୍ଟୁଆର୍ଟ ମ୍ୟାକ୍‌ଗିଲ ଗୁରୁବାର କୋକେନ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କିନ୍ତୁ ବହୁ ପରିମାଣରେ ଡ୍ରଗ୍ସ ଯୋଗାଣ କାରବାର ଅଭିଯୋଗରୁ ସେ ଛାଡ଼ ପାଇଛନ୍ତି। ଏକ ସିଡ୍‌ନୀ ଜିଲା କୋର୍ଟର ବିଚାରପତି ୨୦୨୧ ଏପ୍ରିଲରେ ୩୩୦,୦୦୦ ଅଷ୍ଟ୍ରେଲୀୟ ଡଲାର ମୂଲ୍ୟର ଏକ କେଜି ଓଜନର କୋକେନ ବିକ୍ରିବଟା କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରୁ



ଦୋଷମୁକ୍ତ କରିଛନ୍ତି। ମାତ୍ର ଡ୍ରଗ୍ସ ଯୋଗାଣ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ସେ ଦୋଷୀ ସାବ୍ୟସ୍ତ ଥିଲେ। ମ୍ୟାକ୍‌ଗିଲ୍ ଅଷ୍ଟ୍ରେଲିଆ ତରଫରୁ ୪୪ ଟେଷ୍ଟ ଖେଳିଛନ୍ତି। ରାୟ ପ୍ରକାଶ ବେଳେ ସ୍ୱଳ୍ପ ଭାବ ପ୍ରବଣତା ଦେଖାଇଥିଲେ। କୋର୍ଟ ଶୁଣିବାକୁ ପାଇଥିଲେ ଯେ, ମ୍ୟାକଗିଲ ତାଙ୍କ ନିୟମିତ ଡ୍ରଗ୍ ଡିଲରଙ୍କୁ ସିଡ୍‌ନୀରେ ଥିବା ରେସ୍ତୋରାଁରେ ତାଙ୍କ ସମ୍ପର୍କୀୟ ଭାଇ ମାରିନୋ ସୋଟିପପ୍‌ଲସ୍‌ଙ୍କ ସହିତ ଭେଟ କରାଇଥିଲେ। ତେବେ ପ୍ରସିକ୍ୟୁଟର କୋର୍ଟରେ ଦର୍ଶାଇଥିଲେ ମ୍ୟାକ୍‌ଗିଲଙ୍କ ବିନା ସମ୍ପୃକ୍ତିରେ ଡ୍ରଗ୍ସ କାରବାର ହୋଇ ନ ଥିବ। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର କିନ୍ତୁ ଏବିଷୟରେ ତାଙ୍କୁ ଜଣାନାହିଁ ବୋଲି ସଫେଇ ଦେଇଥିଲେ।

# ଓଡ଼ିଶାର ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ


ସ୍ୱର୍ଣ୍ଣ ପଦକ ସହ ସୁଚିତ୍ରା ପରିଡ଼ା।

**ଭୁବନେଶ୍ୱର, ୧୩।୩ (ତପନ ସ୍ୱାଇଁ)**

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି**

ନୂଆଦିଲ୍ଲୀରେ ଚାଲିଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରିରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସୁଚିତ୍ରା ପରିଡ଼ା। ସେ ମହିଳା ଏଫ୍-୫୫ ଜାଭେଲିନ୍ ଥ୍ରୋରେ ୧୫.୯୩ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। କାଜାଖସ୍ତାନର ଭିକ୍ଟୋରିଆ ଭୋରୋବେ ୧୪.୬୪ ଓ ଅନ୍ୟତମ ଭାରତୀୟ ପୂଜା ୧୩.୮୧ ମିଟର ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନିଜର ଏହି ପଦକକୁ ସୁଚିତ୍ରା କୋଚ୍ ଓ ଟିମ୍ ମେଟ୍‌ଙ୍କୁ ଉତ୍ସର୍ଗ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ବୁଧବାର ଜୟନ୍ତୀ ବେହେରା ମହିଳା ୧୦୦ ମିଟର ଟି-୪୭ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରି ସେ ୧୩.୬୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ହାସଲ କରିଥିଲେ।

## ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ

**ବର୍ମିଂହାମ୍, ୧୩।୩ (ପି.ଟି.):** ଭାରତର ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ସେ ବିଶ୍ୱର ୨ନମ୍ବର ଖେଳାଳି ଇଣ୍ଡୋନେସିଆର ଜୋନାତନ କ୍ରିଷ୍ଟିଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଲକ୍ଷ୍ୟ ୨୧-୧୩, ୨୧-୧୦ରେ କ୍ରିଷ୍ଟିଙ୍କୁ ପରାସ୍ତ କରି ଥିଲେ। ଏହି ଏକତରଫା ମ୍ୟାଚ ମାତ୍ର ୩୬ ମିନିଟରେ ଶେଷ ହୋଇଥିଲା।

## ବେନ୍ ଶେଲ୍‌ଟନ ବିଜୟୀ

**ଇଣ୍ଡିଆନ୍ ୱେଲ୍ସ, ୧୩।୩ (ପି.ଟି.):** ୨୦୦୪ରେ ଆଣ୍ଡି ରଡିକଙ୍କ ପରେ ବେନ୍ ଶେଲ୍‌ଟନ ଏଠାରେ ଚାଲିଥିବା ବିଏନ୍‌ପି ପାରିବାସ ଓପନ ଟେନିସ ପ୍ରତିଯୋଗିତାରେ ଆମେରିକାର ସର୍ବକନିଷ୍ଠ ଖେଳାଳି ହିସାବରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୨ ବର୍ଷୀୟ ଶେଲ୍‌ଟନ ୭-୬ (୬), ୬-୧ରେ ବ୍ରାଣ୍ଡନ ନାକାଶିମାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ କାର୍ଲୋସ ଅଲ୍‌କାରାଜ ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେ ୧୪ତମ ସିଡ୍ ଗ୍ରିଗୋର୍ ଦିମିତ୍ରିଭଙ୍କ ବିପକ୍ଷ ମ୍ୟାଚକୁ ୬-୧, ୬-୧ରେ ଜିତି ନେଇଛନ୍ତି। ମହିଳା ବିଭାଗରେ ୩ୟ ସିଡ୍ କୋକୋ ଗଫଙ୍କୁ ଅଣସିଡ୍ ବେଲିଣ୍ଡା ବେନ୍‌ସିକ୍ ୩-୬, ୬-୩ ୬-୪ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

## ଡୋମେନିକାଲିଙ୍କ କାର୍ଯ୍ୟକାଳ ଆଉ ୫ବର୍ଷ ବୃଦ୍ଧି

**ୱାଶିଂଟନ, ୧୩।୩ (ଏପି):** ଷ୍ଟିଫାନୋ ଡୋମେନିକାଲି ଆଉ ୫ବର୍ଷ ପାଇଁ ଅର୍ଥାତ ୨୦୨୯ ପର୍ଯ୍ୟନ୍ତ ଫର୍ମୁଲା ୱାନ୍ ସଭାପତି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ରହିବା ଲାଗି ରାଜି ହୋଇଛନ୍ତି। ଗ୍ଲୋବାଲ ରେସିଂ ସିରିଜ ତଥା ଓନରଶିପ୍ ଗ୍ରୁପ୍ ଲିବର୍ଟି ମେଡିଆ ତରଫରୁ ଏହା ଘୋଷଣା କରାଯାଇଛି। ତାଙ୍କ କାର୍ଯ୍ୟକାଳ ସମୟରେ ଫର୍ମୁଲା-୧ର ଉଲ୍ଲେଖନୀୟ ଉନ୍ନତି ଘଟିବା ସହ ଏହି ଖେଳର ଲୋକପ୍ରିୟତା ଯଥେଷ୍ଟ ବୃଦ୍ଧି ପାଇଛି। ଇଟାଲୀର ଏହି ୫୯ ବର୍ଷୀୟ ବ୍ୟକ୍ତି ୨୦୨୧ରେ ଫର୍ମୁଲା-୧ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ରେସ୍ ସଂଖ୍ୟା ୨୪କୁ ବୃଦ୍ଧି ପାଇଥିବା ବେଳେ ସ୍ପ୍ରିଣ୍ଟ ରେସ୍‌କୁ ସାମିଲ କରାଯାଇଛି।

# ଜୁନିୟର ଶୁଟିଂ ବିଶ୍ୱକପ୍: ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

ଆସନ୍ତା ମେ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀରେ ହେବାକୁ ଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ଲାଗି ଜାତୀୟ ରାଇଫଲ ମହାସଂଘ (ଏନ୍‌ଆର୍‌ଏଆଇ) ପକ୍ଷରୁ ୩୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳ ୩ଟି ମିକ୍ସଡ ଟିମ୍ ଇଭେଣ୍ଟ ସମେତ ମୋଟ ୧୫ଟି ଇଭେଣ୍ଟରେ ଅଂଶଗ୍ରହଣ କରିବ। ପ୍ୟାରିସ ଅଲିମ୍ପିଆନ ରାଇଜା ଢିଲନ ୧୨ ଜଣିଆ ଶଟଗନ ଦଳରେ ସ୍ଥାନ ପାଇଛନ୍ତି। ପେରୁଠାରେ ଅନୁଷ୍ଠିତ ଜୁନିୟର ୱାର୍ଲ୍ଡ ଚାମ୍ପିୟନଶିପରେ ଉଲ୍ଲେଖନୀୟକ ପ୍ରଦର୍ଶନ କରିଥିବା ମୁକେଶ ନେଲାଭଲି ଓ ଦିଭାଂଶି ମଧ୍ୟ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ଆଗାମୀ ସେପ୍ଟେମ୍ବରରେ ଆମେ ଜୁନିୟର ୱାର୍ଲ୍ଡକପ୍ ଆୟୋଜନ କରିବୁ। ଏଥିପୂର୍ବରୁ ଜୁନିୟର ଶୁଟରମାନେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭବିଷ୍ୟତର ତାରକାଙ୍କ ଉପରେ ଆମର ବିଶ୍ୱାସ ରହିଛି। ସେମାନଙ୍କ ଉପରେ ଅଭିଜ୍ଞ କୋଚଙ୍କ ନଜର ରହିଛି ଏବଂ ସରକାରଙ୍କଠାରୁ ଭଲ ସମର୍ଥନ ମିଳୁଛି। ଆମେ ପଦକ ତାଲିକା ଶୀର୍ଷରେ ରହିବା ଆଶାରେ ଅଛୁ ବୋଲି ଏନ୍‌ଆର୍‌ଏଆଇ ସଭାପତି କଳିକେଶ ନାରାୟଣ ସିଂ ଦେଓ କହିଛନ୍ତି।

# ଭୁବନେଶ୍ୱର ଭଲିବଲ ଦଳ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୧୩।୩(ତପନ ସ୍ୱାଇଁ)**

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ୭୧ତମ ରାଜ୍ୟ ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ରାଜ୍ୟ ସଂଘର ଏକ ଅନୁବନ୍ଧିତ ସଂସ୍ଥା ଭାବେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଏଥିରେ ଭାଗନେବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଦଳର ଚୟନ ପ୍ରକ୍ରିୟା ଆସନ୍ତା ୧୬ ତାରିଖରେ ୟୁନିଟ୍-୪ସ୍ଥିତ ପୁରୁଣା ଏଜି କଲୋନିରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଚୟନ ଟ୍ରାଏଲ୍ସ ହେବ। ଆଗ୍ରହୀ ଖେଳାଳିମାନେ ଆସୋସିଏଶନର ଭଲିବଲ ସମ୍ପାଦକ ରାଜେଶ ସାହୁଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଜିତିଲା ଭାରତ

**ଭୁବନେଶ୍ୱର, ୧୩।୩ (ବିଜୟ ରଣା)**

ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତର ବଧିର କ୍ରିକେଟ ଦଳ ସେଠାରେ ଆୟୋଜକ ଦେଶ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ୩-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଏହି ଦଳର ଦୁଇ ଖେଳାଳି ସିବୁନ ନନ୍ଦ ଓ ସନ୍ତୋଷ କୁମାର ମହାପାତ୍ର ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତଜାତୀୟ

**ବଧିର ଅନ୍ତର୍ଜାତୀୟ ଦିନିକିଆ**

ବିମାନବନ୍ଦରରେ ଓହ୍ଲାଇବା ପରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବୁଧବାର ସିରିଜର ଅନ୍ତିମ ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ୪୩.୩ ଓଭରରେ ୧୯୫ ସ୍କୋରରେ ଅଷ୍ଟ୍ରେଲିଆକୁ ଅଲ୍ ଆଉଟ କରିଦେଇଥିଲା। ଜବାବରେ ଭାରତ ୩୮.୨ ଓଭରରେ ୮ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଶା ଅଲରାଉଣ୍ଡର ସିବୁନ ନନ୍ଦ ଦଳ ପକ୍ଷରୁ ସର୍ବାଧିକ ୩୯ ରନ କରିଥିଲେ।


ବିମାନ ବନ୍ଦରରେ ସିବୁନ ନନ୍ଦ ଓ ସନ୍ତୋଷ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଉଦ୍‌ଯାପିତ

**ସ୍ୱସ୍ତି ସିଂଙ୍କୁ ରୌପ୍ୟ ପଦକ**

**ଭୁବନେଶ୍ୱର, ୧୩।୩ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟ୍ରାକ୍ ସାଇକ୍ଲିଂ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟି (ଏଆଇୟୁ) ଦ୍ୱାରା ଅନୁମୋଦିତ ଏବଂ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସହଯୋଗରେ ଏହି ପ୍ରତିଯୋଗିତା କିସ୍ କ୍ୟାମ୍ପସରେ ନବନିର୍ମିତ ମୀନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍‌ରେ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟର ସ୍ୱସ୍ତି ସିଂ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ସ୍କ୍ରାଚ୍ ରେସ୍‌ରେ ଏହି ସଫଳତା ପାଇଛନ୍ତି। ପୂର୍ବରୁ ୩ କିଲୋମିଟର ମହିଳା ପର୍ଶୁ୍ୟଟରେ ମଧ୍ୟ ସ୍ୱସ୍ତି ରୌପ୍ୟ ପଦକ ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ, ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡ଼ାବିତ୍ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମୀନତି ମହାପାତ୍ର, କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, ଏଆଇୟୁ ପର୍ଯ୍ୟବେକ୍ଷକ ଅନିଲ କୁମାର, ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୪୧ ବିଶ୍ୱବିଦ୍ୟାଳୟର ୪୦୦ ପ୍ରତିଯୋଗୀ ଓ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପ୍ରଥମସ୍ଥାନ ଅଧିକାର କରିଥିଲା। ୟୁନିଭର୍ସିଟି ଅଫ୍ କେରଳର ଅଥର୍ବ ପାଟିଲ ଶ୍ରେଷ୍ଠ ପୁରୁଷ ଓ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ପୂଜା ଧନୋଲେ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ।


ପୁରୁଷ ବିଭାଗରେ ଚାମ୍ପିୟନ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ପୃଷ୍ଠା-୮+୮

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, March 14/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୧୧୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 110 ମୂଲ୍ୟ₹୭/-


# +୨ ପରେ ପଢ଼ିହେବ ବି.ଏଡ୍

**ଭୁବନେଶ୍ୱର, ୧୩।୩(ସୁଚିସ୍ମିତା ସାହୁ)**

- **୪ ବର୍ଷିଆ ହେବ ପାଠ୍ୟକ୍ରମ**
- **ଆଇଟିଇପି ପାଇଁ ୮ ମହାବିଦ୍ୟାଳୟ ସହ ଏମ୍ଓୟୁ**

ଯୁକ୍ତ୨ ପରେ ଛାତ୍ରୀଛାତ୍ର ବି.ଏଡ୍ ପଢ଼ିପାରିବେ। ପୂର୍ବରୁ ଯୁକ୍ତ ୩ ସରିବା ପରେ ଦୁଇବର୍ଷ ବି.ଏଡ୍ ପଢ଼ିବାକୁ ପଡୁଥିଲା। ଏଥିପାଇଁ ୫ବର୍ଷ ସମୟ ଯାଉଥିଲା। ହେଲେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ଯୁକ୍ତ୨ ଛାତ୍ରୀଛାତ୍ର ସିଧାସଳଖ ବି.ଏଡ୍ କରିପାରିବେ। ୪ ବର୍ଷ ମଧ୍ୟରେ ବି.ଏଡ୍ ପାଠ୍ୟକ୍ରମ ଶେଷ ହେବ ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୧୬ଟି ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ରହିଛି। ସେଥିରୁ ୮ଟି ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ନିକଟସ୍ଥ ମହାବିଦ୍ୟାଳୟ ସହ ଏମ୍ଓୟୁ ସ୍ୱାକ୍ଷର କରିଛି। ଏସବୁ ଶିକ୍ଷାନୁଷ୍ଠାନରେ ନୂଆ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେଶନ ପ୍ରୋଗ୍ରାମ ବା ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଆଇଟିଇପି) କୋର୍ସ ପଢ଼ାଯିବ। ନୂଆ ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନେକ ସୃଜନଶୀଳ କାର୍ଯ୍ୟକ୍ରମ କରାଯାଉଛି। ଏଥିମଧ୍ୟରେ ଆଇଟିଇପି ଅନ୍ୟତମ। ବର୍ତ୍ତମାନ ବି.ଏଡ୍ ପାଠ୍ୟକ୍ରମ ପାଇଁ ଯୁକ୍ତ୩ରେ ୫୦ପ୍ରତିଶତ ମାର୍କ ରଖିବା ବାଧ୍ୟତାମୂଳକ ଥିବାବେଳେ ବି.ଟେକ୍ ଓ ବି.ଇ. ଗ୍ରାଜୁଏଟ୍ଙ୍କ ପାଇଁ ୫୫ ପ୍ରତିଶତ ମାର୍କ ରଖିବା ଆବଶ୍ୟକ ଥିଲା। ଅନ୍ୟପକ୍ଷେ ନମ୍ବରକୁ ନେଇ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ର ଏବଂ ଅନୁସୂଚିତ ଜାତି ଜନଜାତିଙ୍କ ପାଇଁ ବି.ଏଡ୍ ପାଠ୍ୟକ୍ରମ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଡିଗ୍ରୀଧାରୀ ଛାତ୍ରୀଛାତ୍ର ହିଁ ବି.ଏଡ୍ ପଢ଼ିବା ପାଇଁ ଆବେଦନ କରିପାରୁଥିଲେ। କିନ୍ତୁ ଖୁବ୍‌ଶୀଘ୍ର ଏ ନିୟମରେ ପରିବର୍ତ୍ତନ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟରେ ଅଣାୟତ୍ତ ଜଙ୍ଗଲ ନିଆଁ




**ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ)**

ବନାଗ୍ନିକୁ ନେଇ ଏବେ ଚିନ୍ତା ବଢ଼ିଛି। ଖରାଦିନ ଆରମ୍ଭରୁ ଏବେ ଓଡ଼ିଶାର ଅଧା ଜଙ୍ଗଲ ଜଳୁଛି। ଚଳିତବର୍ଷ ଜାନୁଆରୀ ୧ରୁ ଫେବୃଆରୀ ୨୮ ମଧ୍ୟରେ ୩,୧୦୭ଟି ସ୍ଥାନରେ ନିଆଁ ଲାଗିଥିଲା। ତେବେ ଚଳିତ ମାସର ମାତ୍ର ୧୩ଦିନରେ ୧୦,୦୫୬ଟି ସ୍ଥାନରେ ନିଆଁ ଲାଗିଥିବାବେଳେ କେବଳ ଦିନକରେ ଅର୍ଥାତ୍ ମାର୍ଚ୍ଚ ୧୩ ଗୁରୁବାରରେ ରାଜ୍ୟର ବିଭିନ୍ନ ଜଙ୍ଗଲର ୧୨୮୨ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଜାନୁଆରୀ ୧ରୁ ମାର୍ଚ୍ଚ ୧୩ ମଧ୍ୟରେ ୧୩,୧୬୩ଟି ସ୍ଥାନରେ ନିଆଁ ଲାଗିଛି। ରାଉରକେଲା ସର୍କଲରେ ସର୍ବାଧିକ ୨୮୩୫ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ସମ୍ବଲପୁର ସର୍କଲର ୨୭୫୦ଟି ସ୍ଥାନରେ, ଭବାନୀପାଟଣା ସର୍କଲର ୨୬୪୭ଟି ସ୍ଥାନରେ, ☞ପୃଷ୍ଠା-୬






# ସୁନା ଦର ୮୯,୪୫୦ ଟଙ୍କା

**ନୂଆଦିଲ୍ଲୀ, ୧୩।୩ (ପି.ଟି.)**

ଦିଲ୍ଲୀରେ ସୁନା ଦର ଗୁରୁବାର ୧୦ ଗ୍ରାମ୍ ପ୍ରତି ୬୦୦ ଟଙ୍କା ବୃଦ୍ଧି ପାଇ ସର୍ବାଧିକ ୮୯,୪୫୦ ଟଙ୍କାରେ ପହଞ୍ଚିଛି। ବୁଧବାର ୯୯.୯ ପ୍ରତିଶତ ଶୁଦ୍ଧ ସୁନା ଦାମ୍ ୧୦ ଗ୍ରାମ୍‌କୁ ୮୮,୮୫୦ ଟଙ୍କା ରହିଥିଲା। ସେହିପରି ୯୯.୫ ପ୍ରତିଶତ ବିଶୁଦ୍ଧ ସୁନା ଦର ୬୦୦ ଟଙ୍କା ବୃଦ୍ଧି ପାଇ ଗୁରୁବାର ୮୯,୦୫୦ ଟଙ୍କା ହୋଇଛି। ପୂର୍ବଦିନ ଏହାର ଦର ୮୮,୪୫୦ ଟଙ୍କା ଥିଲା। ସୂଚନାଯୋଗ୍ୟ, ଫେବୃଆରୀ ୨୦ରେ ୯୯.୯ ପ୍ରତିଶତ ଏବଂ ୯୯.୫ ପ୍ରତିଶତ ଶୁଦ୍ଧ ସୁନା ଦାମ୍ ଯଥାକ୍ରମେ ସର୍ବାଧିକ ୮୯,୪୫୦ ଟଙ୍କା ଏବଂ ୮୯.୦୫୦ ଟଙ୍କା ରହିଥିଲା। ସେହିପରି ରୁପା ଦର ମଧ୍ୟ ୧,୦୦୦ ☞ପୃଷ୍ଠା-୬










**ଯାଦବ ସମାଜ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ**

**ସିନାପାଲି(ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧଠାରେ ଆଞ୍ଚଳିକ ଯାଦବ ସମାଜ ତରଫରୁ ଦୋଳ ଉତ୍ସବ ଉପଲକ୍ଷେ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଅଧିବାସ ପୂଜାରେ ଶତାଧିକ ମହିଳାପୁରୁଷ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଦାୟିତ୍ୱ ଡିଙ୍ଗର ବାଗ ଓ ପତ୍ନୀ ରେବତୀ ବାଗ ତୁଲାଉଥିବା ବେଳେ ପୂଜକ ଭାବେ ଜାନକୀ ପ୍ରସାଦ ସୁପକାର ଅଛନ୍ତି। ସଭାପତି କୃତ୍ତିବାସ ତେଜୀ, ଉପସଭାପତି ଲୋଚନ ବାଗ, ସମ୍ପାଦକ ଡିଙ୍ଗର ବାଗ ପ୍ରମୁଖ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ ନେଇ ଲୋକେ ଅତିଷ୍ଠ

**ଲାଞ୍ଜିଗଡ଼, ୧୩।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ କାଟ ଯୋଗୁ ବ୍ଲକର ଦୁର୍ଗମ ଅଞ୍ଚଳରେ ଚୋରି ଓ ଦୁର୍ଘଟଣା ବୃଦ୍ଧି ପାଉଥିବାବେଳେ ଅନେକ ଛୋଟବଡ଼ ବିଦ୍ୟୁତ୍ ଚାଳିତ କଳକାରଖାନା ବନ୍ଦ ହୋଇଯାଇଛି। ବର୍ତ୍ତମାନ ଗ୍ରୀଷ୍ମତାତି ବଢ଼ୁଥିବାବେଳେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନ ଓ ରାତିସାରା ଲୋକେ ପ୍ରବଳ ଗରମରେ ସିଝୁଥିବା ବେଳେ ମଶାକାମୁଡ଼ା ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଉଛି। ଅନ୍ୟପଟେ ବିଦ୍ୟୁତ୍‌ସେବା ଅନୁପାତରେ ହିଁ ବିଲ୍ ଦେବାକୁ ଜନସାଧାରଣ ମନସ୍ଥ କରିଥିବା ସୂଚନା ମିଳିଛି। ଏପରି ହେଲେ ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗର ରାଜସ୍ୱ ଆଶାତୀତ ଭାବେ ହ୍ରାସ ପାଇବ। ତେଣୁ ବେଳ ଥାଉଣୁ କମ୍ପାନୀ ବିଦ୍ୟୁତ୍ ଯୋଗାଣରେ ସୁଧାର ଆଣିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

### ମହିଳା କଲେଜ ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ଖଡ଼ିଆଳ, ୧୩।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା କଲେଜ ଇତିହାସ ବିଭାଗ ପକ୍ଷରୁ ଲୋକକଳା, ଲୋକ ସଂସ୍କୃତି ନେଇ ଗୁରୁବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ତଥା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଡ଼. ମେଜର ରାମଚନ୍ଦ୍ର ମିଶ୍ର ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇଥିବା ବେଳେ କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ସଭାରେ ଇତିହାସ ବିଭାଗ ଅଧ୍ୟାପିକା ସସ୍ମିତା ବିଶି ମଞ୍ଚାସୀନ ଥିଲେ। କଲେଜ ଛାତ୍ରୀ ସସ୍ମିତା ଶବର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଛାତ୍ରୀମାନେ ନିଜ ବିଷୟ ଆଧାରିତ ପାଠ୍ୟବସ୍ତୁ ଉପସ୍ଥାପନ କରିଥିଲେ। ଚଉଷଠି ଯୋଗିନୀ ମନ୍ଦିର, ଆଦିମ ଜନଜାତି ସାମାଜିକ ପରମ୍ପରା ଓ ସଂସ୍କୃତି ବୈଭବ, ପ୍ରାକ୍ ଇତିହାସ ଯୁଗରେ ଖଡିଆଳ ଭଳି ଅନେକ ଆଲୋଚ୍ୟ ବିଷୟ ଉପରେ ଆଲେଖ୍ୟ ପ୍ରଦାନ କରିଥିଲେ।

# ଗରିବଙ୍କୁ ମିଳୁନି, ଧନୀ ମାଡ଼ିବସିଛନ୍ତି

**ଭବାନୀପାଟଣା, ୧୩।୩ (ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ଜିଲା**
- ଜବରଦଖଲରେ ୬୪୬୩ ଏକର ଜମି
- ଜୁନାଗଡ଼ରେ ୪୭୭ ଜଣ ମାଡି ବସିଛନ୍ତି ୩୯ ଏକର ସରକାରୀ ଜମି

କଳାହାଣ୍ଡି ଜିଲାରେ ୬୪୬୩.୬୫ ଏକର ଜମି ଜବରଦଖଲ ହୋଇଥିବାବେଳେ ସେଥିରୁ ଏବେ ୬୦୩୬.୫ ଏକର ଉଚ୍ଛେଦ କରାଯାଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ସୂଚନା ଦେଇଛନ୍ତି। ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ ରାଜ୍ୟରେ କେତେ ସରକାରୀ ଜମି ଜବରଦଖଲ ହୋଇଛି ଓ ଉଚ୍ଛେଦ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ମନ୍ତ୍ରୀ ପୂଜାରୀ ରାଜ୍ୟର ସମସ୍ତ ଜିଲାରେ ଜବରଦଖଲ ଓ ଉଚ୍ଛେଦ ହୋଇଥିବା ଜମି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସୂଚନାକୁ ଦେଖିଲେ କଳାହାଣ୍ଡି ଜିଲାରେ ଉଚ୍ଛେଦ ପ୍ରକ୍ରିୟା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ମୁଖ୍ୟାଳୟ ଭବାନୀପାଟଣା ଓ ଜୁନାଗଡ଼ ସହରରେ ଏବେ ମଧ୍ୟ ବଡ଼ବଡିଆମାନେ ସରକାରୀ ଜମି ମାଡିବସି ବିଭିନ୍ନ ଦୋକାନ ଦେଇ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଗରିବଙ୍କୁ ରହିବା ପାଇଁ ଜାଗା ମିଳୁ ନ ଥିବାବେଳେ ଧନୀମାନେ ଏକର ଏକର ଜମି ମାଡି ବସୁଛନ୍ତି। ଜବରଦଖଲ ଯୋଗୁ ରାସ୍ତା ସଙ୍କୁଚିତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ଜୁନାଗଡ଼ ତହସିଲରୁ ମିଳିଥିବା ସୂଚନା ଅନୁଯାୟୀ ଜୁନାଗଡ଼ ସହରର ୪୭୭ ଜଣ ବ୍ୟକ୍ତି ୩୯ ଏକର ସରକାରୀ ଜମି ଜବରଦଖଲ କରିଛନ୍ତି। ଜବରଦଖଲକାରୀଙ୍କ ମଧ୍ୟରେ ପୂର୍ବତନ ବିଧାୟକ, ଆଇନଜୀବୀ, ଖବରଦାତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ସାମାଜିକ କର୍ମୀ ତଥା ଅନେକ ପ୍ରଭାବଶାଳୀ ଲୋକ ରହିଥିବା ଏକ ରିପୋର୍ଟରୁ ଜଣାପଡିଛି। କିଛିବର୍ଷ ତତ୍କାଳୀନ ତହସିଲଦାର ଉପେନ୍ଦ୍ର ଲୁହା ଏହି ଜବରଦଖଲକାରୀଙ୍କୁ ଚିହ୍ନଟ କରିବା ସହ ତହସିଲ ପକ୍ଷରୁ ନୋଟିସ ମଧ୍ୟ କରାଯାଇଥିଲା। ତେବେ ତାଙ୍କ ବଦଳିପରେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ଜୁନାଗଡ଼ ସହରରେ ୧୨ଟି ୱାର୍ଡ ରହିଥିବାବେଳେ ୨୦୧୧ ଜନଗଣନା ଅନୁସାରେ ମୋଟ ୧୯ହଜାର ୬୫୬ ଲୋକ ବସବାସ କରୁଥିଲେ। ବର୍ତ୍ତମାନ ଏହି ସଂଖ୍ୟା ପ୍ରାୟ ୨୫ ହଜାରରେ ପହଞ୍ଚିଲାଣି। ଜୁନାଗଡ ସହରର ଅସଲି ଜୁନାଗଡିଆ ବନ୍ଧହୁଡାରେ ବାସ କରୁଥିବାବେଳେ ମୁଷ୍ଟିମେୟ ଲୋକମାନେ ପ୍ରଶାସନ ଓ ରାଜନେତାଙ୍କୁ ହାତବାରିସି କରି ସରକାରୀ ଜମି ଜବରଦଖଲ କରି ରହିଆସୁଛନ୍ତି। ଯଦି କୌଣସି ପ୍ରଶାସନିକ ଅଧିକାରୀ ଏ ନେଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କଲେ ସ୍ଥାନୀୟ ରାଜନେତାମାନେ ଉକ୍ତ ଅଧିକାରୀମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସରକାରଙ୍କୁ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଜୁନାଗଡ ସହରରେ ଗତ ୧୯୬୮ରୁ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ଚିହ୍ନଟ ହୋଇଥିବାବେଳେ କିଛି ପ୍ରଭାବଶାଳୀ ଲୋକ ରାଜନେତାମାନଙ୍କ ଭୋଟ ବ୍ୟାଙ୍କ ଭାଙ୍ଗିବା ଭୟରେ ଏହା କରାଯାଇ ନାହିଁ। ଫଳରେ ଦିନକୁ ଦିନ ସେମାନେ ସାମ୍ରାଜ୍ୟ ବଢାଇବାରେ ଲାଗିଛନ୍ତି। ଅଗଷ୍ଟ ୧୪ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭବାନୀପାଟଣାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ରାସ୍ତା କଡରେ ଜବରଦଖଲ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହାସହ ବସ୍ତି ବାସିନ୍ଦାକୁ ମଧ୍ୟ ଚିହ୍ନଟ କରି ଥଇଥାନ କରାଯିବ ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।



କରାଟେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର।

# କରାଟେ କଲର ବେଲ୍ଟ ପରୀକ୍ଷାରେ ୨୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

**ଲାଞ୍ଜିଗଡ, ୧୩।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ବେଦାନ୍ତ କଲୋନୀ କ୍ଲବ ହାଉସଠାରେ କରାଟେ କଲର ବେଲ୍ଟ ପରୀକ୍ଷା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲ ଫାଉଣ୍ଡର ସେଭେନ ଡନ ବ୍ଲାକ ବେଲ୍ଟ ହନସୀ ଡ଼. ହରି ପ୍ରସାଦ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲା ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ସେକେଣ୍ଡ ଡନ ବ୍ଲାକ ବେଲ୍ଟ ସେନପାଇ କ୍ଷମାନିଧି ମହାଖୁଡଙ୍କ ନେତୃତ୍ୱରେ କରାଟେ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୟେଲୋ ବେଲ୍ଟ ପରୀକ୍ଷାରେ ରୋନକୀ ବଂଶୀଲ, ସ୍ଲୋକ କୁମାର ନାୟକ, ଅରେଞ୍ଜ ବେଲ୍ଟ ପରୀକ୍ଷାରେ ରୁଦ୍ରାଂଶୁ ପ୍ରଧାନ, ଗ୍ରୀନ ବେଲ୍ଟ ପରୀକ୍ଷାରେ କୁସୁମପ୍ରଭା ମାଝୀ, ବ୍ଲୁ ବେଲ୍ଟ ପରୀକ୍ଷାରେ ଅର୍ଶିକା ପାଣ୍ଡେ, ସୋୟମ ଓଡିଆ, ମୋହିତ ବେମାଲ, ପୁଷ୍ପେନ୍ଦୁ ବିଶ୍ୱାଳ, ରିୟାନ ମିଶ୍ର, ସୋର୍ଣିମା ମହାପାତ୍ର, ହେମନ୍ତ ମଲ୍ଲିକ, ସିଏଚ୍ ସାଇ ଶାଶ୍ୱତ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିପରି ବ୍ରାଉନ ବେଲ୍ଟ ଥାର୍ଡ କ୍ୟୁ ପରୀକ୍ଷାରେ କାବ୍ୟଶ୍ରୀ ମହାପାତ୍ର, ଆରାଧ୍ୟା ଆରଧନା, ଲୋକେଶ ବିଶ୍ୱାଳ, ଅଭିଲିପ୍ସା ପଲେଇ, ବ୍ରାଉନ ବେଲ୍ଟ ସେକେଣ୍ଡ କ୍ୟୁ ପରୀକ୍ଷାରେ ସୋନକ ସମଦର୍ଶୀ ସାହୁ, ଆର୍ଶୀବାଦ ବାଡ଼ତିଆ, ଅର୍ପିତା ବାଡ଼ତିଆ, ଗଙ୍ଗାଧର ମଲ୍ଲିକ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବେଲ୍ଟ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

### ସଫଳତାର ସହ ଘୁମୁରା ଆୟୋଜନ ନେଇ ସମ୍ବର୍ଦ୍ଧନା ସଭା

**ବେହେରା, ୧୩।୩(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ଠାରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ସଫଳତାର ସହିତ ଆୟୋଜନ ନେଇ ଏକ ସମ୍ବର୍ଦ୍ଧନା ସଭା ଗୁରୁବାର ବ୍ଲକ୍ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ଉତ୍ସବ କମିଟି ଅଧ୍ୟକ୍ଷ ଉପଜିଲାପାଳ ଧୀମାନ ଚକମାଙ୍କ ଅଧ୍ୟକ୍ଷତାରେ ଡିଏସ୍‌ପି ମନୋଜ କୁମାର ବେହେରା, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଅତିରିକ୍ତ ଜିଲାପାଳ ଅଜୟ କୁମାର ତର୍କୀ, ଅତିରିକ୍ତ ଉପଜିଲାପାଳ ଅଜିତ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମଗଡଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସଫଳତାର ସହିତ ଅନୁଷ୍ଠିତ ହେବା ନେଇ ସମସ୍ତଙ୍କୁ ଉପଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ସଫଳତାର ସହ ଆୟୋଜନ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଥିବା ଉପଜିଲାପାଳ ଚକମାଙ୍କୁ ଉତ୍ସବ କମିଟି କର୍ମକର୍ତ୍ତା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କର୍ମକର୍ତ୍ତାଙ୍କ ସହଭାଗିତାକୁ ସମ୍ମାନ ଜଣାଇ ଉପଜିଲାପାଳ ବିଭିନ୍ନ ଉପ କମିଟିର କର୍ମକର୍ତ୍ତା ଓ ସରକାରୀ ପଦାଧିକାରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

**ଧର୍ମଗଡ଼, ୧୩।୩(ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ କାଶିବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବିଇଓ ପଙ୍କଜିନୀ ମାଝିଙ୍କ ସଭାପତିତ୍ୱରେ ଧର୍ମଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ମୁଖ୍ୟ ଅତିଥି ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ, ସମାଜସେବୀ ମନୋଜ କୁମାର ପାଟଯୋଶୀ, ଏବିଇଓ ବିଶ୍ୱଜିତ ବେହେରା, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ସାହୁ ଓ ନୋଡାଲ ସିଆର୍‌ସିସି ସୁଧାନ୍ୟ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲୋ। ଉଦ୍‌ଯାପନୀ ସମାରୋହରେ ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମା ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ଖବରଦାତା ବିରଞ୍ଚି ନାରାୟଣ ଜାଲ, ବିଆର୍‌ସିସି ଅରୂପାନନ୍ଦ ଭୋଇ, ଏବିଇଓ ବିଶ୍ୱଜିତ ବେହେରା, ସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ ସାହୁ, ସମାଜସେବୀ ଉମାକାନ୍ତ ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ପରେ ପ୍ରତ୍ୟେକ କ୍ଲଷ୍ଟରର ସର୍ବୋତ୍ତମ ଏଫ୍‌ଏଲ୍‌ଏନ୍ ଗ୍ରେଡ଼ ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆର୍‌ସିସିଙ୍କୁ ପ୍ରଶଂସା ପତ୍ର ଓ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରାହ୍ମଣ ଛେଣ୍ଡିଆ ସିଆର୍‌ସିସି ଟିକେଶ୍ୱର ନାଏକ, କାଶୀବାହାଲ ସିଆର୍‌ସିସି ରାଜେନ୍ଦ୍ର ଦୁରିଆ ପରିଚାଳନା କରିଥିବା ବେଳେ ସିଆର୍‌ସିସି ସୂର୍ଯ୍ୟ ନାରାୟଣ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସୁରଗଡ଼ ସାଗରର ପଙ୍କ ଉଦ୍ଧାର ଦାବି



ଦଳରେ ଭର୍ତ୍ତି ହୋଇଥିବା ଅସୁରଗଡ଼ ସାଗର।

**ପଲମ, ୧୩।୩ (ଭିକାରି ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ମାଣ୍ଡେଲ ପଞ୍ଚାୟତ ସ୍ଥିତ ଅସୁରଗଡ ସାଗରର ପଙ୍କ ଉଦ୍ଧାର ପାଇଁ ଦାବି ହୋଇଛି। କିମ୍ବଦନ୍ତୀ ଅନୁସାର ଗୋସିଂହ ଦୈତ୍ୟଙ୍କ ରାଜୁତି କାଳରେ ଏହି ପୋଖରୀ ଖନନ ହୋଇଥିଲା। ଦୁର୍ଗ ସମ୍ମୁଖରେ ପ୍ରାୟ ୨୫୦ ଏକର ପରିମିତ ଜମିରେ ଅସୁରଗଡ଼ ସାଗର ନାମରେ ଏକ ବିରାଟକାୟ ପୋଖରୀ ରହିଛି। ଉକ୍ତ ପୋଖରୀ ଉପରେ ମାଣ୍ଡେଲ ପଞ୍ଚାୟତର ୪ଖଣ୍ଡ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ପୋଖରୀ କୂଳରେ ଜିଲା ମତ୍ସ୍ୟ ବିଭାଗ ତରଫରୁ ମାଛ ଯାଆଁଳ ପ୍ରସ୍ତୁତ କରି ସ୍ଥାନୀୟ ମାଛ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିଲା। କିନ୍ତୁ ଦୁଇବର୍ଷ ହେବ ପୋଖରୀରେ ୧ଫୁଟ ବହଳର ଦଳ ଭର୍ତ୍ତିହୋଇ ରହିଥିବାରୁ ସ୍ନାନ ଶୌଚ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଗୋରୁ ମଧ୍ୟ ପାଣି ପିଇବାରୁ ବଞ୍ଚିତ ରହୁଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପୋଖରୀର ପଙ୍କ ଉଦ୍ଧାର ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଖଡ଼ିଆଳ, ୧୩।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଲଛିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଡଦୋହେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ତୋଷ ମିଶ୍ର ମୁଖ୍ୟ ଅତିଥି, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଖେମରାଜ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁମନ୍ତ ମହାଉତୀ ଓ କମିଟିର ସମସ୍ତ ସଦସ୍ୟ, ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ଧରଣୀଧର ପଣ୍ଡା ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଭେଜିପଦର ସ୍କୁଲରେ ଶିଶୁ ସ୍ୱାସ୍ଥ୍ୟ ଶିବିର

**ଭବାନୀପାଟଣା, ୧୩।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଶିଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏସ୍‌ବିଆଇ ଫାଉଣ୍ଡେଶନ, ରାମକି ଫାଉଣ୍ଡେଶନ ଓ ଭେଜିପଦର ପ୍ରାଥମିକ ବିଦ୍ୟାଳୟ ଭବାନୀପାଟଣାର ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଭବାନୀପାଟଣା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟନାରଣ ମାଝୀ ଓ ସିଆର୍‌ସିସି ସୂର୍ଯ୍ୟନାରାୟଣ ମହାନ୍ତି ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ସାହୁ ଓ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଶିବପ୍ରସାଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୩୧୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଅଂଶୁଘାତ ଉପରେ ସଚେତନ କରାଯାଇଥିଲା। ରାମକି ଫାଉଣ୍ଡେଶନର ଚିକିତ୍ସକ ଡାକ୍ତର ବିମଲ କୁମାର ଷଡଙ୍ଗୀ ଶିବିର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଖମାରି, ଚିନ୍ମୟ ମହାନ୍ତି, ପଦ୍ମନାଭ ମହନନ୍ଦ, ଶିକ୍ଷୟିତ୍ରୀ ସ୍ୱାଗତିକା ନେଗୀ, ସୁଚାରିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ

**କୋମନା, ୧୩।୩ (ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ କୋଟ୍ରିବାହାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ମାଝି ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଦିଲୀପ ଭୋଇ ମୁଖ୍ୟ ଅତିଥି, ସିଆର୍‌ସିସି ବିଜୟ ମଲ୍ଲିକ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ହଂସ, ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁର ଚାରିତ୍ରିକ ଗଠନ ସହ ଗୁଣାତ୍ମକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ଶିକ୍ଷକ କେଶବ ଗହୀର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ତାଲିମ ଶିବିର

**କର୍ଲାମୁଣ୍ଡା, ୧୩।୩ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିକ୍ଷଣ ପ୍ରଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ଏବିଇଓ ରାମଚନ୍ଦ୍ର ସା, ଗୋପମଣୀ ସାହୁ, ରୋହିତ କୁମାର ରଣା, ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ଓ କର୍ଲାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ରଙ୍କ ଉପସ୍ଥିତିରେ ବ୍ଲକ୍‌ର ୮ କ୍ଲଷ୍ଟରରୁ ୨୪ ଶିକ୍ଷକଙ୍କୁ ନେଇ ଟିଏଲ୍‌ଏମ୍ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟରେ କିଭଳି କମ ଖର୍ଚ୍ଚରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦେଇହେବ ସେ ଉପରେ ଅତିଥିମାନେ ମତ ରଖିଥିଲେ। ଶେଷରେ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା।

# ଉତ୍ସାହ, ଉଦ୍ଦୀପନାର ପ୍ରତୀକ ହେଉଛି 'ପ୍ରାରମ୍ଭ'

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ**

**ଭବାନୀପାଟଣା, ୧୩।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ 'ପ୍ରାରମ୍ଭ' ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି କହିଥିଲେ, 'ପ୍ରାରମ୍ଭ' ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରେରଣାର ଉତ୍ସ। ଏକ ଅଭିନବ ରୂପରେ ଏହା ବିଶ୍ୱବିଦ୍ୟାଳୟରେ ଜନ୍ମ ନେଇଛି। ଉତ୍ସାହ ଓ ଉଦ୍ଦୀପନାର ପ୍ରତୀକ ହେଉଛି 'ପ୍ରାରମ୍ଭ'। ସମାରୋହରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢି ଦ୍ୱାରା ସବୁ ସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଭବାନୀପାଟଣା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଏସ୍.ଏସ୍. ଦାସ ଶୃଙ୍ଖଳା ତଥା ସଂସ୍କାର ହେଉଛି ଛାତ୍ରୀଛାତ୍ରଙ୍କ ଭୂଷଣ ବୋଲି ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶହୀଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟର ଡିନ୍ ପ୍ରଫେସର ବସନ୍ତ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ର ତ୍ୟାଗୀ, ଉଚ୍ଚ ଅଭିଳାଷୀ ତଥା ଜିଜ୍ଞାସୁ ପ୍ରବୃତ୍ତିର ହେବା ଉଚିତ ବୋଲି କହିଥିଲେ। କୁଳସଚିବ ପୀତାମ୍ବର ଭୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡ. ମଧୁଲିକା ସାହୁ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ପ୍ରବନ୍ଧ, ବକ୍ତୃତା, କବିତା ଲିଖନ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ବାଦ୍ୟବାଦନ, କୁଇଜ୍ ପ୍ରଭୃତି କ୍ଷେତ୍ରରେ ରାଜ୍ୟ ତଥା ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିଷଦ, ପରୀକ୍ଷା ବିଭାଗ, ମହାବିଦ୍ୟାଳୟ ବିକାଶ ପରିଷଦ, ଛାତ୍ର ମଙ୍ଗଳ, ଗବେଷଣା ପରିଷଦ ତଥା ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

# ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ପ୍ରେରଣା ତାଲିମ କାର୍ଯ୍ୟକ୍ରମ

**କୋକସରା, ୧୩।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ୍‌ର ଟେମରା ଇନ୍ଦିରା ମେମୋରିଆଲ ହାଇସ୍କୁଲରେ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରେରଣା ତାଲିମ କାର୍ଯ୍ୟକ୍ରମ ସମାପନ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ ନିର୍ଦ୍ଦେଶାଳୟ ଓ ପରିଷଦର କାର୍ଯ୍ୟଶୈଳୀ ବିଷୟରେ ଅବଗତ କରାଯାଇଥିଲା। ଏହାସହ ବିଦ୍ୟାଳୟରେ ସମ୍ପାଦିତ ହେଉଥିବା ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟର ଗୁରୁତ୍ୱ, ଭୟମୁକ୍ତ ବିଦ୍ୟାଳୟ ପରିବେଶ ଉପରେ ବରିଷ୍ଠ ଶିକ୍ଷକ ଓ ସିଆର୍‌ସିସି ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ମୋଟ ୪୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ।




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ।



## ସଂକ୍ଷେପରେ

### ଆଲୋକରେ ଶବ୍ଦନୃତ୍ୟ ଉନ୍ମୋଚନ ପ୍ରସ୍ତୁତି ବୈଠକ

ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ଏକ ବୈଠକ ସ୍ଥାନୀୟ ଏ .ଇ. ମିଶନ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ତପସ୍ୱିନୀ ଗୁରୁ ସଭାପତିତ୍ୱ କରିଥିଲେ। ପ୍ରୀତମ ସିଂ ଏବଂ ଦଧିବାବନ ଶତପଥୀ ବୈଠକ ସଂଯୋଜନା କରିଥିଲେ। ଆସନ୍ତା ୧୬ ତାରିଖ ସ୍ଥାନୀୟ ଗାନ୍ଧୀ ଭବନରେ ଶବ୍ଦନୃତ୍ୟର ପ୍ରଣେତା ଗୁରୁ ଭଗବାନ ସାହୁଙ୍କ ଆଦର୍ଶ ପଟ୍ଟଶିଷ୍ୟ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ)ଙ୍କ ରଚିତ ଶାସ୍ତ୍ରୀୟ ପ୍ରାମାଣିକ ପୁସ୍ତକ 'ଆଲୋକରେ ଶବ୍ଦ ନୃତ୍ୟ'ର ପ୍ରଥମ ଭାଗ ଉନ୍ମୋଚନ ପାଇଁ ବୈଠକରେ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଥିଲା। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କୃଷ୍ଣଚନ୍ଦ୍ର ପଣ୍ଡା, ଯୁଗଳ ପ୍ରାସାଦ ସିଂ, ଅଚ୍ୟୁତାନନ୍ଦ ବାରିକ, ଡ. ରବିନାରାୟଣ ସାହୁ, ଉଦ୍ଧବ ବେହେରା, ସନ୍ତୋଷ କୁମାର ଦାଶ, ଶିବାନନ୍ଦ ମଟାରୀ, ସାରଥି ମେହେର, ସଂଘମିତ୍ରା ପଟେଲ, ବିମଳ କୃଷ୍ଣ ମିଶ୍ର, ମନୋଜ ବାଗ, ପ୍ରଦୀପ କୁମାର ମିଶ୍ର, ସୁଶାନ୍ତ ପାଢ଼ୀ, ଅଜିତ ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ପଦ୍ମପୁର ବନ ବିଭାଗର ବନାଗ୍ନି ନିୟନ୍ତ୍ରଣ

ପଦ୍ମପୁର,୧୩।୩ (ପ୍ରଦୀପ୍ତ ଦାଶ): ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲାଙ୍କ ନେତୃତ୍ୱରେ ବନ ବିଭାଗ ଟିମ ଗୁରୁବାର ଗନ୍ଧମାର୍ଦ୍ଦନ ଅମରାଖୋଲ ଏବଂ ଜମରତଳା ବ୍ରାହ୍ମଣୀ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ କରିଛନ୍ତି । ଏହା ସହ ସ୍ଥାନୀୟ ଲୋକଙ୍କୁ ନିଆଁ ନ ଲଗାଇବା ନେଇ ସଚେତନତା ମଧ କରିଛନ୍ତି । ନିଆଁଲିଭା ଟିମରେ ରାଧାକାନ୍ତ କୁମ୍ଭାର, ବନପାଳ ଦିବାକର ପଧାନ, ବନପାଳ ପୃଥୀରାଜ ଭୋଇ, ବନରକ୍ଷୀ କାକୟା ବେସନ, ବନରକ୍ଷୀ ପଦ୍ମିନୀ ଭୋଇ, ବନପାଳ ଚିନ୍ମୟୀ ମହାପାତ୍ର ସମେତ କର୍ମଚାରୀ ସାମିଲ ହୋଇଥିଲେ।

### ପଗାରପାଣି ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

ଝାରବନ୍ଧ,୧୩।୩(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଅନ୍ତର୍ଗତ ପଗାରପାଣି ଜୟ ଶ୍ରୀ ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା



ନୂତନ ଭାବେ ନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ୯ ତାରିଖରୁ ଆରମ୍ଭ ହୋଇ ଗୁରବାର ସମ୍ପନ୍ନ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠା ପାଇଁ ୧୦୮ କଳସ ସ୍ଥାନୀୟ ପୋଖରୀରୁ ଗାଁ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଗାଁର ଗୌନ୍ତିଆ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର ପୂଜାକାର୍ଯ୍ୟ ତୁଲାଇ ଥିବା ବେଳେ ପଣ୍ଡିତ ଝସକେତନ ନନ୍ଦ, ଚନ୍ଦ୍ରଶେଖର ମିଶ୍ର, ପଞ୍ଚାନନ ଦାସ ଯଜ୍ଞ ପୂଜା କାର୍ଯ୍ୟ ତୁଲାଇଥିଲେ। ରାଧାକୃଷ୍ଣ ବିଗ୍ରହକୁ ଧାନ୍ୟ ଭିଷେକ, ଅନ୍ନଭିଷେକ, ବିଗ୍ରହ ମହା ସ୍ନାନ, ବସ୍ତ୍ରାଭିଷେକ ପରେ ନୂତନ ବିଗ୍ରହଙ୍କ ମନ୍ଦିର ପ୍ରବେଶ କରାଯାଇଥିଲା। ଏହି ଅବସରରେ ଷୋହଳ ପ୍ରହରୀ ନାମ ଯଜ୍ଞ, ବିନୋଦିନୀ ସାହୁଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ରେଶ୍ମା ହାତୀ ଓ ସାଥୀଙ୍କ ଦ୍ୱାରା ପଲାପରିବେଷଣ କରାଯାଇଥିଲା। ବଣ୍ଡାମୁଣ୍ଡା, ସାନକୁଞ୍ଜରୀ, ଜଳଗଡ଼, ଭେଙ୍ଗରାଜ ପୁର, ପଗାରପାଣି ଦଳ ଅଂଶ ଗ୍ରହଣ କରି ଅଖଣ୍ଡ ହରିନାମ ସଂକୀର୍ତ୍ତନ ଗାନ କରିଥିଲେ। ଗଙ୍ଗାଧର ଶଗର, ନୀଳମଣି ନାଏକ, ପଦୁଲାଲ ଭିଲ, କିଶୋର ଶଗର, ରାଜିମ ଶଗର ସହିତ ପଗାରପାଣିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ନକଲି ମଦ କାରଖାନା ଠାବ, ଅଭିଯୁକ୍ତ ଗିରଫ

- କୁକୁଡ଼ା ଫାର୍ମ ଭିତରେ ଚାଲିଥିଲା ପ୍ରସ୍ତୁତି
- ପାଣି ପାଉଚ୍ ମେଶିନରେ ହେଉଥିଲା ସିଲ୍
- ମାଡ଼ି ବସିଲା ଭ୍ରାମ୍ୟମାଣ ଅବକାରୀ ଟିମ୍
- ଦେଶୀମଦ ସହ ବ୍ୟବହୃତ ସାମଗ୍ରୀ ଜବତ





ନକଲି ଦେଶୀମଦ ପ୍ରସ୍ତୁତିରେ ବ୍ୟବହୃତ ମେଶିନ। ଜବତ ହୋଇଥିବା ନକଲି ଦେଶୀମଦ, ବାଇକ୍।

ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅବକାରୀ ବିଭାଗ ଗୁରୁବାର ଜିଲାର ମେଲଛାମୁଣ୍ଡା ଥାନା ଅନ୍ତର୍ଗତ କୁଚିପାଲି-କଟାପାଲି ରାସ୍ତାରେ ଥିବା କୁକୁଡ଼ା ଫାର୍ମ ଭିତରେ ଚାଲିଥିବା ଏକ ନକଲି ଦେଶୀମଦ କାରଖାନା ଠାବ କରିଛି। ସେଠାରୁ ବିପୁଳ ପରିମାଣରେ ଦେଶୀମଦ ଏବଂ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ମହେଶ୍ୱର ମେହେରଙ୍କୁ ଗିରଫ କରି ସାହେଲା କୋର୍ଟକୁ ଚାଲାଣ କରାଯାଇଛି। ତାଙ୍କ ବିରୋଧରେ ଏକ ମାମଲା ରୁଜୁକରି ଅବକାରୀ ବିଭାଗ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ମହେଶ୍ୱରୀ ତାଙ୍କ କୁକୁଡ଼ା ଫାର୍ମ ଭିତରେ ନକଲି ଦେଶୀମଦ ପ୍ରସ୍ତୁତ କରୁଥିବା ନେଇ ଜିଲା ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାରକରି ଅବକାରୀ ଅଧୀକ୍ଷକ ସୁବନ କୁମାର ନାଏକଙ୍କ ନିର୍ଦ୍ଦେଶକ୍ରମେ ସକାଳୁ ଜିଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉରେ ସେଠାରୁ ୧୧୦୦ ଲିଟର ଦେଶୀମଦ, ଗୋଟିଏ ପାଣି ପାଉଚ୍ ମେଶିନ, ୧୩ଟି ୫୦ଲିଟର କ୍ଷମତା ସମ୍ପନ୍ନ ଜାର୍‌କିନ୍, ୨୦୦ଲିଟର କ୍ଷମତାସମ୍ପନ୍ନ ଗୋଟିଏ ଡ୍ରମ୍, ଗୋଟିଏ ବାଇକ୍ ଏବଂ ଅନ୍ୟ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

ଏ ସମ୍ପର୍କରେ ଡେପୁଟି ଅବକାରୀ ଅଧୀକ୍ଷକ ଦିବ୍ୟରଞ୍ଜନ ରାଉତ କହିଛନ୍ତି, ହୋଲିରେ ଯେଭଳି କୌଣସି ଅଘଟଣ ନ ଘଟିବ, ତାକୁ ଦୃଷ୍ଟିରେ ରଖି ଜିଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ଉପରେ ନଜର ରଖିଛି। ଏହି କ୍ରମରେ ଉକ୍ତ ବେଆଇନ ମଦ କାରଖାନା ଠାବ ହୋଇଛି। ଏହି କାରବାରେ ମହେଶ୍ୱର ନା ଆଉ କେହି ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଡେପୁଟି ଅବକାରୀ ଅଧୀକ୍ଷକ ରାଉତ କହିଛନ୍ତି।

## କଳଙ୍ଗା ସମ୍ପ୍ରଦାୟଙ୍କୁ ଏସ୍‌ଟି ମାନ୍ୟତା ମିଳୁ: ଏମ୍‌ପି

ବରଗଡ଼,୧୩। ୩(ପ୍ରେମାନନ୍ଦ ଖମାରୀ)



ପ୍ରଦୀପ ପୁରୋହିତ ।

କଳଙ୍ଗା ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି(ଏସ୍‌ଟି)ର ମାନ୍ୟତା ଦିଆଯାଉ ବୋଲି କେନ୍ଦ୍ର ସରକାରଙ୍କ ନିକଟରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଦାବି ରଖିଛନ୍ତି। କଳଙ୍ଗା ସମ୍ପ୍ରଦାୟକୁ ଏସ୍‌ଟିର ମାନ୍ୟତା ଦିଆଯାଉ ବୋଲି ଅନେକ ଦିନରୁ ଦାବି ହୋଇ ଆସୁଛି । ଏମ୍‌ପି କହିଛନ୍ତି, ବହୁ ପୂର୍ବରୁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏହି ସମ୍ପ୍ରଦାୟଙ୍କୁ ଏସ୍‌ଟିରେ ସାମିଲ କରାଯାଇଛି। କଳଙ୍ଗା ସମ୍ପ୍ରଦାୟ ମୁଖ୍ୟତଃ ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ବସବାସ କରନ୍ତି। ଏହି ସମାଜର ଲୋକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଭଳି ମୌଳିକ ସୁବିଧା ବଞ୍ଚିତ। ଅନୁସୂଚିତ ଜନଜାତିର ମାନ୍ୟତା ମିଳିଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଏମାନେ ସାମିଲ ହୋଇପାରିବେ। ଶିକ୍ଷାରେ ସଂରକ୍ଷଣ, ଆର୍ଥିକ ସହାୟତା ଓ ଅନ୍ୟ ଜନକଲ୍ୟାଣକାରୀ ଯୋଜନାର ମଧ ଲାଭ ଉଠାଇପାରିବେ ଓ କଳଙ୍ଗା ସମ୍ପ୍ରଦାୟଙ୍କୁ ଧାରା ୩୪୨ ଆଧାରରେ ଅନୁସୂଚିତ ଜନଜାତି ସୂଚୀରେ ସଂଶୋଧନକରି ଏସ୍‌ଟି ସୂଚୀରେ ସାମିଲ କରିବାକୁ ଏମ୍‌ପି ପୁରୋହିତ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ସେମାନେ ଏହି ବର୍ଗରେ ସାମିଲ ହେଲେ ସେମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ ବୋଲି ପୁରୋହିତ କହିଛନ୍ତି।

# ପଞ୍ଚାୟତ ମହାବିଦ୍ୟାଳୟରେ ଏଡ୍-ଅନ୍ ପାଠ୍ୟକ୍ରମ ଆରମ୍ଭ

ବରଗଡ଼, ୧୩।୩(ପ୍ରେମାନନ୍ଦ ଖମାରୀ)




ପଞ୍ଚାୟତ ମହାବିଦ୍ୟାଳୟରେ ଏଡ-ଅନ ପାଠ୍ୟକ୍ରମ ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଏକାଡେମିକ ଦକ୍ଷତା ବୃଦ୍ଧି ସକାଶେ ମହାବିଦ୍ୟାଳୟ ପକ୍ଷରୁ ଏକ 'ଏଡ-ଅନ ପାଠ୍ୟକ୍ରମ' ଆରମ୍ଭ କରାଯାଇଛି । ଏହାର ଉଦ୍‌ଘାଟନୀ ପର୍ବ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକଙ୍କ ଉପସ୍ଥିତି ଏବଂ ମିଳିତ ବୈଠକରେ ଆୟୋଜିତ ହୋଇଥିଲା। ଅଧକ୍ଷ ପ୍ରଫେସର ଡଃ ନକୁଳ ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡଃ ଉମେଶ ଚନ୍ଦ୍ର ମହାପାତ୍ର, ଏକାଡେମିକ ମୁଖ୍ୟ ପ୍ରଫେସର ଡଃ ବିଦ୍ୟୁତ୍ ପ୍ରଭା ମହାନ୍ତି ଏବଂ ଏଡ ଅନ ପାଠ୍ୟକ୍ରମର ସଂଯୋଜିକା ସହକାରୀ ପ୍ରଫେସର ଡଃ ସଂଯୁକ୍ତା ମହାରଣା ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇଥିଲେ। ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ନିମିତ୍ତ ଉଦ୍ଦିଷ୍ଟ ଏହି ପାଠ୍ୟକ୍ରମରେ ଆଗ୍ରହୀ ଛାତ୍ରୀଛାତ୍ର ଚଳିତ ମାସ ୧୩ ରୁ ୧୯ ତାରିଖ ମଧ୍ୟରେ ମହାବିଦ୍ୟାଳୟରୁ ସୃଷ୍ଟି କରାଯାଇଥିବା ଅନ ଲାଇନ ଗୁଗଲ ଫୋରମ ଜରିଆରେ ନିଜର ନାମ ପଞ୍ଜୀକରଣ କରିପାରିବେ । ଏହାଛଡା ଏହି ଏଡ-ଅନ ଏକାଡେମିକ ଦକ୍ଷତା ବୃଦ୍ଧି(ଅଫ ଲାଇନ)ପାଠ୍ୟକ୍ରମର କ୍ଲାସ ଗୁଡିକ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହେବ ଏବଂ ଏହା ଦୁଇ ମାସ ମଧ୍ୟରେ ସମାପ୍ତ ହେବ। ମହାବିଦ୍ୟାଳୟର ଏହି ଏଡ ଅନ ପାଠ୍ୟକ୍ରମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଚାରୋଟି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସେଗୁଡିକ ହେଲା ଓଡିଆ, ଇତିହାସ, କମ୍ପ୍ୟୁଟର ସାଇନ୍ସ ଏବଂ ଇଂରାଜୀ। କମ୍ପ୍ୟୁଟର ସାଇନ୍ସ ବିଭାଗର ପାଠ୍ୟକ୍ରମ ରହିଛି ରିପୋର୍ଟ ପ୍ରସ୍ତୁତି ନିମିତ୍ତ 'ଲାଟେକ୍ସ' । ଏଥିରେ ଲାଟେକ୍ସର ସମ୍ୟକ ସୂଚନା ଏବଂ ରିପୋର୍ଟ ପ୍ରସ୍ତୁତି, ଟାଇପ ସେଟିଂ, ବିବିଧ ଡକ୍ୟୁମେଣ୍ଟ ପ୍ରସ୍ତୁତି ଏବଂ ଏହାର ସଂରକ୍ଷଣ, ଗବେଷଣା ପତ୍ରିକା, ନିବନ୍ଧ ତଥା ଗ୍ରନ୍ଥ ପ୍ରସ୍ତୁତି ଏବଂ ଉପସ୍ଥାପନ କୌଶଳ ଆଦି ବିଷୟବସ୍ତୁ ରହିଛି । ଇଂରାଜୀ ବିଭାଗର ପାଠ୍ୟକ୍ରମ ହେଉଛି ସଂରଚନାତ୍ମକ ଇଂରାଜୀ। ଏଥିରେ ରହିଛି ଇଂରାଜୀ ଭାଷାରେ ଶ୍ରବଣ, କଥନ, ପଠନ, ଏବଂ ଲିଖନ କ୍ଷେତ୍ରରେ ସ୍ପଷ୍ଟତା, ସ୍ୱଚ୍ଛତା ଓ ସାମର୍ଥ୍ୟ ବୃଦ୍ଧି, ଉତ୍ତମ ଯୋଗାଯୋଗ ସ୍ଥାପନ ନିମିତ୍ତ ଇଂରାଜୀ ଶବ୍ଦକୋଷ ଏବଂ ବ୍ୟାକରଣ ଜ୍ଞାନ ଆହରଣ ଓ ସଂପ୍ରସାରଣ ଆଦି ରହିଛି। ସେହିପରି ଇତିହାସ ବିଭାଗର 'ପଶ୍ଚିମ ଓଡିଶାର ପର୍ଯ୍ୟଟନ ଓ ଐତିହ୍ୟ ଏବଂ ଓଡ଼ିଆ ବିଭାଗର' ଗଙ୍ଗାଧର ମେହେରଙ୍କ ଅମୃତମୟ ସୃଷ୍ଟି ଓ ଦର୍ଶନରେ ବିଭିନ୍ନ ବିଷୟ ରହିଛି। କମ୍ପ୍ୟୁଟର ସାଇନ୍ସ ବିଭାଗ ପାଠ୍ୟକ୍ରମର ସଂଯୋଜକ ଭାବରେ ସହକାରୀ ପ୍ରଫେସର ଡଃ କିଶୋର କୁମାର ନାୟକ, ଇଂରାଜୀ ବିଭାଗ ପାଠ୍ୟକ୍ରମର ସଂଯୋଜକ ଭାବରେ ସହକାରୀ ପ୍ରଫେସର ଡଃ ଉମେଶ ଚନ୍ଦ୍ର ମହାପାତ୍ର, ଇତିହାସ ବିଭାଗ ପାଠ୍ୟକ୍ରମର ସଂଯୋଜକ ଭାବରେ ସହକାରୀ ପ୍ରଫେସର ଡଃ ପୁଷ୍ପିତାରାଣୀ ବେହେରା ଏବଂ ଓଡ଼ିଆ ବିଭାଗର ପାଠ୍ୟକ୍ରମର ସଂଯୋଜକ ଭାବରେ ସହକାରୀ ପ୍ରଫେସର ଡଃ ଶେଷନ ବିଶି ମହାବିଦ୍ୟାଳୟର ଅଧକ୍ଷଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ମହାବିଦ୍ୟାଳୟର ଏପରି ଏକ ଅଭିନବ ପ୍ରୟାସ ବାସ୍ତବିକ ଛାତ୍ରୀଛାତ୍ରଙ୍କ ଆନୁଷ୍ଠାନିକ ପାଠ୍ୟକ୍ରମର ଦକ୍ଷତା ବୃଦ୍ଧି ନିମିତ୍ତ ସହାୟକ ହେବ ବୋଲି ମହାବିଦ୍ୟାଳୟର ସମସ୍ତ ସହକର୍ମୀ ଆଶାବାଦୀ ଅଛନ୍ତି ।

### ଜର୍ଜ ହାଇସ୍କୁଲରେ ସମ୍ବର୍ଦ୍ଧନା ସମାରୋହ

ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲରେ ଗୁରୁବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସଭାପତିତ୍ୱ କରିଥିଲେ। ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଗେମ୍ସ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ୨ଭଉଣୀ ଅନୁପମା ଘିବିଲା ଓ ଅରୁଣା ଘିବିଲାଙ୍କୁ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଶ କୁମାର ଦାଶ, ହରିଶ ପାତ୍ର, ସଦାନନ୍ଦ ଜାଲ, ଦୁଷ୍ମନ୍ତ ଭୁଏ, ମାନସ ଜାଲ, ନରେନ୍ଦ୍ର କୁମ୍ଭାର, ପଦ୍ମଜା ପତି, ମମତା ବିଶି, ଜୟଶ୍ରୀ ପ୍ରଧାନ, ମଧୁମିତା ପୁରୋହିତ, ପୂର୍ଣ୍ଣମା ପ୍ରଧାନ, ସୁରେଖା ସାହୁ, ସଞ୍ଜୁବାଲା ପୃଷ୍ଟି, ଜ୍ୟୋତି ଦାଶ ଓ ବୀଣାପାଣି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ

ବରପାଲି,୧୩।୩(ଚିତ୍ତରଞ୍ଜନ ସାହୁ): ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ପଣ୍ଡିତ କୃଷ୍ଣ ଚନ୍ଦ୍ର ଦେବତାଙ୍କ ଅଧକ୍ଷତାରେ ସ୍ଥାନୀୟ ନୃସିଂହ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷପରିଚଳିତ ବର୍ଷ ମଧ ଆସନ୍ତା ଏପ୍ରିଲ ୩୦ ତାରିଖ ପର୍ଶୁରାମ ଜୟନ୍ତୀ ପାଳନ କରାଯିବ। ବୈଠକରେ ଗତ ସାମୂହିକ ବ୍ରତର ଆୟ ବ୍ୟୟକୁ କୋଷାଧକ୍ଷ ଆନନ୍ଦ କୁମାର ଦାଶ ପଠନ କରିଥିଲେ। ପ୍ରସ୍ତାବିତ ପର୍ଶୁରାମ ଭବନ କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି ସମ୍ପାଦକ ଅରୁଣ କୁମାର ପଣ୍ଡା ପ୍ରକାଶ କରିଥିଲେ।

## ଜାତୀୟ ମାଷ୍ଟର ଗେମ୍ସ, ବିଦ୍ୟାଧରଙ୍କୁ ସ୍ୱର୍ଣ୍ଣ ପଦକ

ବରଗଡ଼, ୧୩।୩(ପ୍ରେମାନନ୍ଦ ଖମାରୀ)



ବିଦ୍ୟାଧର ସାହୁ।

ସପ୍ତମ ଜାତୀୟ ମାଷ୍ଟର ଗେମ୍ସ ପ୍ରତିଯୋଗିତାରେ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ଗ୍ରାମର ବିଦ୍ୟାଧର ସାହୁ କ୍ରୀଡ଼ାରେ ରେକର୍ଡ ସୃଷ୍ଟି କରିଛନ୍ତି । ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବ୍ୟକ୍ତିଗତ ଇଭେଣ୍ଟ ୪୦୦ ମି.ରେ ବ୍ରୋଞ୍ଜ, ଲମ୍ଫ ଡିଆଁରେ ରୌପ୍ୟ ଏବଂ ଓଡ଼ିଶା ମାଷ୍ଟର ରିଲେ ଦଳରେ ଭାଗ ନେଇ ସେଠାରେ ୪୦୦ ମି. ରିଲେ ଦୌଡ଼ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଜାତୀୟ ପ୍ରତିଯୋଗୀତା ମାଷ୍ଟର ଗେମ୍ସ ଫାଉଣ୍ଡେସନର ସାଧାରଣ ସମ୍ପାଦକ କୋଚ ଶିବ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

## ବେଆଇନ ପାଚେରି ନିର୍ମାଣ ବନ୍ଦ କରିବାକୁ ନିର୍ଦ୍ଦେଶ

ପଦ୍ମପୁର ୧୩.୩ (ପ୍ରଦୀପ୍ତ ଦାଶ)

ପଦ୍ମପୁର କଚେରୀ ଛକଠାରେ ଥିବା ଖାତା ନଂ ୧୩୧୯ର ପ୍ଲଟ ନଂ ୧୭୭୬ସର୍ବ ସାଧାରଣ ସ୍ଥାନ ଭାବରେ ନାମିତ ଅଛି। କିନ୍ତୁ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆ ପକ୍ଷରୁ ପାଚେରି କରାଯାଉଥିଲା। ତାକୁ ବିରୋଧ କରି ପ୍ରଦୀପ ଦାସ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ପୁନଶ୍ଚ ଉକ୍ତ ଜାଗାରେ ନିର୍ମାଣକୁ ନେଇ ୨୦୦୯ରେ ଚର୍ଚ୍ଚ ଓ ଏନ୍‌ଏସି ମଧ୍ୟରେ ସିଭିଲ ସୁଟ ୪୫/୨୦୦୮ ଓ ପରେ ଅତିରିକ୍ତ ଜିଲା ଜଜ୍ କୋର୍ଟଅପିଲ ନଂ ୪୭/୪୫,୨୦୧୦/୧୩ ଓ ଉଚ୍ଚ ନ୍ୟାୟଳୟ ୨୦୧୭କୁ ବିନା ସର୍ତ୍ତରେ ପ୍ରତ୍ୟାହାର କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପାଚେରୀ ନିର୍ମାଣ ଆରମ୍ଭ କରାଯାଇଥିଲା। ପ୍ରଦୀପ ଦାସଙ୍କ ଜନସ୍ୱାର୍ଥ ମାମଲା ଅନୁସାରେ ତହସିଲଦାରଙ୍କୁ ଚର୍ଚ୍ଚ ପକ୍ଷରୁ ହେଉଥିବା ଅତିକ୍ରମଣ ହଟାଇ ସର୍ବସାଧାରଣ ସ୍ୱାର୍ଥରେ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତହସିଲଦାର କୌଣସି ପଦକ୍ଷେପ ନେଇ ନଥିବାରୁ ଡବ୍ଲୁ ପି (ସି)୪୦୯୨/୨୦୨୫ ପିଆଇଏଲ ଶୁଣାଣି କରି ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାସଙ୍କ ଏତାଦୃଶ କାର୍ଯ୍ୟ କଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରୁଛନ୍ତି।

## ପାଇକମାଳ ହାଇସ୍କୁଲରେ ପଞ୍ଚଦିବସୀୟ ପ୍ରସ୍ତୁତି ଶିବିର

ପାଇକମାଳ, ୧୩।୩(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚ ଦିବସୀୟ ପ୍ରସ୍ତୁତି ଶିବିର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେରଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରଫୁଲ୍ଲ କୁମାର ଓଦୁ ଯୋଗଦାନ କରି ପ୍ରାକ ପ୍ରାଥମିକ ଶିକ୍ଷାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରାକ ପ୍ରାଥମିକ ସ୍ତରରେ ବିଦ୍ୟାଳୟର ପରିବେଶ ଘର ପରି ଗଢି ମାତୃ ହୃଦୟ ସହ କାର୍ଯ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରସନ୍ନ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ପାଇକମାଳ ବ୍ଲକର ୪୩ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାଧନକର୍ମୀ ପୁରୁଷୋତ୍ତମ ରାଉତ, ଲିଙ୍ଗେଶ୍ୱର୍ ମୁଟକିଆ, ବ୍ରଜକିଶୋର ଭିଲ ଓ ରଞ୍ଜନ କୁମାର ବାଗ ପ୍ରଶିକ୍ଷଣ ଦେଇଥିଲେ। ବସନ୍ତ ସାହୁଙ୍କୁ ମାନପତ୍ର ଓ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣ ପତ୍ର ଦେଇ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ବାସନ୍ତୀ ମେହେର ସ୍ୱାଗତ ସଂଗୀତ ଓ ସନ୍ଧ୍ୟାରାଣୀ ବାଗ ନୃତ୍ୟ ପରିବେଷଣ କରିଥିଲେ। ରଜତ ସାହୁ, ଲଳିତ ବିଶ୍ୱାଳ ପଦ୍ମନ ଲାଇ, ଚୂଡ଼ାମଣି ହଂସ, ସଙ୍କୀର୍ତ୍ତନ ଛତର, ଗୋପାଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ଆଶାମାନଙ୍କୁ ନିୟମିତ ମିଳୁନି ପାଉଣା

ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)

- ସିଡିଏମ୍‌ଓଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ
- ୧୭ସୁଦ୍ଧା ନମିଳିଲେ ୧୮ରୁ କାର୍ଯ୍ୟବନ୍ଦ



ସିଡିଏମଓଙ୍କୁ ଫେରାଦ ହୋଇଥିବା ଆଶାକର୍ମୀ ବୃନ୍ଦ।

ସ୍ୱାସ୍ଥ୍ୟକ୍ଷେତ୍ରରେ ଆଶା(ଏକ୍ରିଡିଏଟେଡ୍ ସୋସିଆଲ ହେଲଥ୍ ଏକ୍ଟିଭିଷ୍ଟ) ମାନଙ୍କ ପ୍ରମୁଖ ଭୂମିକା ରହିଛି। ଏହାସତ୍ତ୍ୱେ ସେମାନଙ୍କ ପ୍ରତି ଅଣଦେଖା କରାଯାଉଛି। ନିୟମିତ ସେମାନଙ୍କୁ ପାଉଣା ମିଳୁ ନଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ଅଲ୍ ଓଡ଼ିଶା ଆଶାକର୍ମୀ ସାମୁଖ୍ୟ ସହବନ୍ଧିତ ବିଜୁ ଶ୍ରମିକ ସାମୁଖ୍ୟ ନେତୃତ୍ୱରେ ବରଗଡ଼ ଜିଲା ଆଶାକର୍ମୀ ସଂଘର ଏକ ପ୍ରତିନିଧି ଦଳ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ) ଡା. ନିରୁପମା ଷଡ଼ଙ୍ଗୀଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୭ତାରିଖ ସୁଦ୍ଧା ସେମାନଙ୍କ ବକେୟା ପାଉଣା ନ ମିଳିଲେ ୧୮ତାରିଖରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତାଠାରୁ ଆରମ୍ଭ କରି ରୋଗୀ, ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ପହଞ୍ଚାଇବା, ସୁରକ୍ଷିତ ପ୍ରସବ, ଜନ୍ମମୃତ୍ୟୁ ପଞ୍ଜୀକରଣ, ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପୁଥିବାବେଳେ ତା'ର ପ୍ରତିଷେଧକ, ପ୍ରତିକାର ବ୍ୟବସ୍ଥା, ଗାଁ କଲ୍ୟାଣ ସମିତି ସହିତ ପରିମଳ ଆଦି ବ୍ୟବସ୍ଥାରେ ଆଶାମାନଙ୍କ ପ୍ରମୁଖ ଭୂମିକା ରହିଛି। କିନ୍ତୁ ସେମାନଙ୍କୁ ଠିକ୍‌ଭାବେ ପାଉଣା ମିଳୁନାହିଁ। ପ୍ରତ୍ୟେକ ମାସ ୧୦ତାରିଖ ସୁଦ୍ଧା ସେମାନଙ୍କ ପାଉଣା ମିଳିଯିବା କଥା, କିନ୍ତୁ ସେଥିରେ ବିଳମ୍ବ କରାଯାଉଥିବାରୁ ସେମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଥିବା ଆଶାମାନେ ଅଭିଯୋଗ କରିଛନ୍ତି।

ସେମାନଙ୍କୁ ମାସିକ ୭୦୦ଟଙ୍କାର ପାଉଣା ମିଳିଥାଏ। କିନ୍ତୁ ତାହା ମଧ ନିୟମିତ ମିଳୁନାହିଁ। ଫଳରେ ପରିବାର ପୋଷଣ କଷ୍ଟସାଧ ହୋଇଛି ବୋଲି ଆଶାମାନେ କହିଛନ୍ତି। ସେହିପରି ଆଶାମାନଙ୍କ ମଧ୍ୟରେ ଅନେକ ବିଧବା ଏବଂ ଛାଡ଼ପତ୍ର ନେଇଥିବା ମହିଳା ରହିଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ସମସ୍ୟା ଆହୁରି ଜଟିଳ ହୋଇ ପଡୁଥିବା ଅଭିଯୋଗ ହୋଇଛି। ମାର୍ଚ୍ଚ ମାସକୁ ଆର୍ଥିକ ବର୍ଷର ଶେଷମାସ କୁହାଯାଇଥାଏ। ଏହାସତ୍ତ୍ୱେ ଚଳିତମାସର ପାଉଣା ସେମାନଙ୍କୁ ଏ ଯାଏ ନ ମିଳିବା ବିଡ଼ମ୍ବନାର ବିଷୟ ବୋଲି ଆଶାମାନେ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଅଗ୍ରୱାଲ କହିଛନ୍ତି, ଆଶାମାନଙ୍କୁ ନିୟମିତ ସେମାନଙ୍କ ପାଉଣା ଦିଆଯିବା ଉଚିତ୍। କିନ୍ତୁ କାହିଁକି ସେଥିରେ ବିଳମ୍ବ ହୋଇଛି ସେ ନେଇ ତଦନ୍ତ କରାଯାଇ ତୁରନ୍ତ ବିହିତ ପଦକ୍ଷେପ ନିଆଯିବ। ରୀତା ବେହେରା, ଭୂମିସୁତା ମହାନନ୍ଦଙ୍କ ସମେତ ଅନେକ ଆଶା ସ୍ମାରକପତ୍ର ପ୍ରଦାନ ପାଇଁ ସିଡ଼ିଏମଓଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# କଳାରୂପକୁ ପୁନର୍ଜୀବିତ କରିବା ପାଇଁ ନାଟ୍ୟ କର୍ମଶାଳା ଆରମ୍ଭ

ପଦ୍ମପୁର,୧୩।୩(ପ୍ରଦୀପ୍ତ ଦାଶ)



ରାଜ କୁମାର ସାହୁ

ପଦ୍ମପୁର ଉପଖଣ୍ଡ ବୋଡ଼ାସମ୍ବର ଅଞ୍ଚଳରେ ଢୋଲବନ୍ଧ ଗ୍ରାମରେ ରାଜକୁମାର ସାହୁଙ୍କ ଦ୍ୱାରା ସ୍ଥାପିତ ସଚେତନ ହେମା ଏକ ସମର୍ପିତ ନାଟ୍ୟ ସଂଗଠନ ଭାବେ ମାର୍ଜିନାଲାଇଜ ଏବଂ ଅବଲୁପ୍ତି ହେଉଥିବା କଳାରୂପଗୁଡ଼ିକୁ ସଂରକ୍ଷଣ ଏବଂ ପୁନର୍ଜୀବିତ କରିବାରେ ଅଗ୍ରଣୀ ଭୂମିକା ନେଇଆସୁଛି। ରାଜକୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନେକ ଶିଶୁ ଆନନ୍ଦମୟ ଏବଂ ସୃଜନାତ୍ମକ ପ୍ରକ୍ରିୟାରେ ନାଟ୍ୟ ଏବଂ ପାରମ୍ପରିକ କଳା ଶିଖିପାରିଛନ୍ତି। ଏହି କଳାରୂପକୁ ପୁନର୍ଜୀବିତ କରିବା ପାଇଁ ନାଟ୍ୟ କର୍ମଶାଳା ଆରମ୍ଭ କରିଛି। ଏହି ପ୍ରୟାସ ଯୁବ ଏବଂ କଳାକାରମାନଙ୍କ ନାଟ୍ୟ ଶିକ୍ଷାରେ ଗୀତିନାଟ୍ୟକୁ ଉଚିତ ରୂପରେ ଅନ୍ତର୍ଭୁକ୍ତ କରିବାର ପ୍ରଥମ ଉଦ୍ୟମ। ଚଳିତ ମାସ ୧୨ ମାର୍ଚ୍ଚରୁ ୨୬ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲୁଥିବା ଏହି କର୍ମଶାଳାରେ ରାମଲୀଳାର ବିଭିନ୍ନ ଦୃଶ୍ୟ ଉପରେ କାର୍ଯ୍ୟ କରାଯିବ। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୁରୁ ଆନନ୍ଦ ବାଗ ଏବଂ ଖ୍ୟାତନାମା ନିର୍ଦ୍ଦେଶକ ଲାଲସାହେବ ସାହୁ ଏହି କର୍ମଶାଳରେ ଶିକ୍ଷାଦାନ କରିବେ। କର୍ମଶାଳା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ସଂରଚନା କରିବା ସହିତ ଅଧିକ ଉତ୍ସାହଦାୟକ କରିବା ପାଇଁ ନାଟ୍ୟକାର ରାଜକୁମାର ସାହୁ ଗୀତ ଏବଂ ସଂଳାପ ରଚନା କରିବେ, ଯାହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ଗଭୀର ଶିକ୍ଷାନୁଭୂତି ଓ ଓଡ଼ିଶାର ଗୀତିନାଟ୍ୟ ପରମ୍ପରାକୁ ସଂରକ୍ଷଣ କରିବ। ଏହି ବୃହତ୍ ନାଟ୍ୟ ଉଦ୍ୟମର ପରିଚାଳନାରେ ମହେନ୍ଦ୍ର ସାହୁ, କୁଳମଣି ପାସୟତ, ଘନଶ୍ୟାମ ସାହୁ, ଘନଶ୍ୟାମ ଭୋଇ ଏବଂ ରୋହିତ ସାହୁ ପ୍ରମୁଖ ସହଯୋଗ କରିବେ।



# ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତାଙ୍କ ଅଭିଭାବକ

## ନାବାଳିକା ବଳାତ୍କାରୀଙ୍କୁ ଗିରଫ ଦାବି ତେଜିଲା

ରାଉରକେଲା, ୧୩।୩(ସଙ୍ଗୀତା ଜେନା)

ଗତ ଫେବୃଆରୀ ୮ ତାରିଖରେ କେ. ବଲାଙ୍ଗ ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ପୀଡ଼ିତାଙ୍କ ପରିବାରବର୍ଗ ସମ୍ପୃକ୍ତ ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଆଣି ପଚରାଉଚୁରା କରିବା ପରେ କୁଆଡେ ଛାଡି ଦେଇଛି। ଏହାକୁ ବିରୋଧ କରି ଗୁରୁବାର ଅପରାହ୍ନ ୨ଟାରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ନେତୃତ୍ୱରେ ପୀଡ଼ିତାଙ୍କ ଅଭିଭାବକ ରାଉରକେଲା ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏ ନେଇ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା (୧୭) ବାପ ଛେଉଣ୍ଡ। ୨୦୨୪ରେ ହାତୀବାରି ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ପରେ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣଙ୍କ ତାଙ୍କୁ ବାରମ୍ବାର ଯୌନ ଶୋଷଣ କରିଆସୁଥିଲେ। ଏହାପରେ ବିବାହ କରିବାକୁ ସେ ଏଡାଇ ଯାଇଥିଲେ। ଫଳରେ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଡାକି ପଚରାଉଚୁରା କରି ୨ଦିନ ପରେ ଛାଡି ଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପୀଡ଼ିତାଙ୍କ ପରିବାରବର୍ଗ ଚେତାବନୀ ଦେଇଛନ୍ତି।



ହୋଲି ପର୍ବ ପାଳନ ଉପଲକ୍ଷେ ଗୁରୁବାର ରାଉରକେଲା ବାସନ୍ତୀ ହୋଲିକା ଦହନ କମିଟି ପକ୍ଷରୁ ହୋଲିକାଙ୍କୁ ପୂଜା କରାଯାଉଛି।

# ଷ୍ଟିଲ୍‌ସିଟିରେ ହୋଲିକା ଦହନ

ରାଉରକେଲା, ୧୩।୩(ଦିନେଶ ମିଶ୍ର)

ଷ୍ଟିଲସିଟି ରାଉରକେଲାରେ ଦୋଳ ମେଳଣ ଆରମ୍ଭ ହୋଇଛି। ଏଥିପାଇଁ ସହରରେ ଗୁରୁବାର ଧୁମ୍‌ଧାମରେ ହୋଲିକା ଦହନ ପାଳିତ ହୋଇଯାଇଛି। ଏହି କ୍ରମରେ ବାସନ୍ତୀ ସାଂସ୍କୃତିକ କମିଟି, ମା' ତ୍ରିଶକ୍ତି, ମିଡ୍‌ଟାଉନ, ହରିୟାଣା ନାଗରିକ କମିଟି ସମେତ ଅନ୍ୟ କମିଟି ପକ୍ଷରୁ ହୋଲିକା ଦହନ କାର୍ଯ୍ୟକ୍ରମ ହୋଇଥିଲା। ହୋଲିକା ଦହନ ପାଇଁ ଜାଳେଣି ମାଧ୍ୟମରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ କରାଯାଇଥିଲା। ଏହି ଅଟ୍ଟାଳିକାରେ ଘସି, କାଠ, ଛଣ, ପତ୍ର ଆଦି ଜାଳେଣି ରଖାଯାଇଥିଲା। ଏହି ନିକଟରେ ମହିଳାମାନେ ପୂଜା ସାମଗ୍ରୀ ଦୀପ, ଧୂପ ଦେଇ ହୋଲିକା ଅଟ୍ଟାଳିକାକୁ ପ୍ରାତଃ ସମୟରେ ପୂଜାର୍ଚ୍ଚନା କରିଥିଲେ। ବିଶେଷ କରି ସହରରେ ବସବାସ କରୁଥିବା ରାଜସ୍ଥାନ ଓ ହରିୟାଣା ସମ୍ପ୍ରଦାୟର ମହିଳାମାନେ ରୀତିନୀତି ଅନୁଯାୟୀ ହୋଲିକା ମାତାଙ୍କୁ ପୂଜା କରିବା ସହ ସମାଜ ଓ ପରିବାରର ମଙ୍ଗଳ କାମନା କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟା ସମୟରେ ବହୁ ଅଣଓଡିଆ ସମ୍ପ୍ରଦାୟର ମହିଳା ଏହି ପର୍ବରେ ଯୋଗଦେଇ ହୋଲିକାରେ ରାତି ୧୧ଟାରେ ଅଗ୍ନି ସଂଯୋଗ କରିଥିଲେ। ଶେଷରେ ହୋଲିକାଙ୍କୁ ପ୍ରସାଦ ସମର୍ପଣ କରିବା ସହ ଆଳତୀ ପ୍ରଦାନ କରି ନିଜ ନିଜର ମନସ୍କାମନା ରଖି ବ୍ରତ ଭଙ୍ଗ କରିଥିଲେ।

# ଭାଷା ମାଧ୍ୟମରେ ହୋଇଥାଏ ଜାତିର ଅସ୍ମିତା ବୋଧ

## ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ

ରାଉରକେଲା, ୧୩।୩(ଦିନେଶ ମିଶ୍ର)

ସେକ୍ଟର-୭ସ୍ଥିତ ପ୍ରଗତି ଉତ୍କଳ ସଂଘ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ବୁଧବାର ସନ୍ଧ୍ୟାରେ ସଂଘ ପରିସରରେ ପାଳିତ ହୋଇଯାଇଛି। ସଂଘର ସମ୍ପାଦକ ଘନଶ୍ୟାମ ଧଳ ଓ ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଓ ଅଧ୍ୟାପକ ଡ. ନଗେନ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାସ୍ତ୍ରୀୟ ଭାଷା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ କଥିତ ଭାଷା ଓ ଲିଖିତ ଭାଷା ମଧ୍ୟରେ ଅନେକ ପ୍ରଭେଦ ରହିଛି। ଶିକ୍ଷାକୁ ଶକ୍ତିଶାଳୀ କଲେ ଭାଷାର ଅବକ୍ଷୟ ହେବନାହିଁ। ଜାତିର ଅସ୍ମିତା ବୋଧ ଭାଷା ମାଧ୍ୟମରେ ହୋଇଥାଏ। ଜ୍ଞାନ ବୃଦ୍ଧି ବଳରେ ସଂସ୍କୃତି ପରିପ୍ରକାଶ ଘଟିଥାଏ। ଜ୍ଞାନ, ସଂସ୍କୃତି ଭାଷା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ମୁଖ୍ୟବକ୍ତା ଡାକ୍ତର ଦାସ ମତପ୍ରକାଶ କରିଥିଲେ। ଆବାହକ ମହାପାତ୍ର ୨୦୧୪ରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇବା ସହ ଏହାର ଐତିହ୍ୟ ଓ ସଂଘର୍ଷମୟ ଇତିହାସ ଉପରେ ପ୍ରମାଣିକ ତଥ୍ୟ ପ୍ରଦାନ କରିଥିଲେ। ପରେ ବଜେନ୍ଦ୍ର ଦାଶ ଏକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ବଳରାମ ରାଉଳଙ୍କ ସଭାପତିତ୍ୱ ଓ କବି ରଶ୍ମି ସାହୁ, ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଅଜୟ ମହାନ୍ତି, ଧୋବେଇ ବେହେରା, କୁଞ୍ଜବିହାରୀ ରାଉତ, ଶ୍ରୀଧର ସୁନା, ନିକୁଞ୍ଜ ବିହାରୀ ଦାସ, ସୁନୀଲ ଦାସ, ସତ୍ୟନାରାୟଣ ଦାସ, ଗଦାଧର ରଥ, ଚିନ୍ମୟୀ ପୁରୋହିତ, ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅରବିନ୍ଦ ପାତ୍ର, ଘନଶ୍ୟାମ ଧଳ, ଇନ୍ଦ୍ରମଣି ମହାପାତ୍ର, ପୁଷ୍ପାରାଣୀ ପଟେଲ, କାଶୀନାଥ ପାତ୍ର, ଧରଣୀଧର ସାମଲ, କୈଳାସ ମହାନ୍ତି, ବସନ୍ତ ନାୟକ, କରୁଣାକର ପାଟ୍ଟଶାଣୀ, ଧରିତ୍ରୀ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କେମିକାଲ ମିଶା ରଙ୍ଗକୁ ନା



ହୋଲି ପର୍ବ ପାଇଁ ପାନପୋଷ ବଜାରରେ ରଙ୍ଗ ପସରା।

## ହୋଲିକୁ ନେଇ ଇସ୍ପାତ ସହର ଚଳଚଞ୍ଚଳ

ରାଉରକେଲା, ୧୩।୩(ଦିନେଶ ମିଶ୍ର)

ହୋଲି ପର୍ବ ପାଇଁ ରାଉରକେଲା ସହର ଚଳଚଞ୍ଚଳ ହୋଇପଡିଛି। ରଙ୍ଗର ପର୍ବ ହୋଲି ପାଳନ କରିବା ପାଇଁ ସହରବାସୀ ବଜାରରେ ଭିଡ଼ ଜମାଇଛନ୍ତି। ଏହି ପର୍ବକୁ ରଙ୍ଗମୟ କରିବା ପାଇଁ ସହରରେ ଶହେରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଡେଲିମାର୍କେଟ, ବାସନ୍ତୀ କଲୋନି, ଟ୍ରାଫିକ୍ ଗେଟ୍, ଆମ୍ବଗାନ, ଛେଣ୍ଡ, ପାନପୋଷ ମାର୍କେଟ, ଉଦିତନଗରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏସବୁ ସ୍ଥାନରେ ରଙ୍ଗବେରଙ୍ଗ ରଙ୍ଗପସରା ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ଏସବୁ ରଙ୍ଗ ଝାଡ଼ଖଣ୍ଡ, କଲିକତା ଓ ବିହାରରୁ ଆଣି ଏଠାରେ ବିକ୍ରି କରୁଛନ୍ତି। କେବଳ ସେତିକି ନୁହେଁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୋଲି ପର୍ବ ପାଳନ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହ ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଗୁରୁବାରଠାରୁ ଫଗୁଖେଳ ଆରମ୍ଭ ହୋଇଛି। ବାସନ୍ତୀ କଲୋନି ଓ ଉଦିତନଗର ରାଧାକୃଷ୍ଣ ମନ୍ଦିରରେ ପଞ୍ଚମୁରୁଜ ରଙ୍ଗ ଭଗବାନଙ୍କୁ ଅର୍ପଣ କରାଯାଇଛି। ସେହିଭଳି ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ସଦସ୍ୟମାନେ କେବଳ ଅବିରରେ ରଙ୍ଗ ଖେଳିବେ ବୋଲି ସୂଚନା ମିଳିଥିବାବେଳେ ଏନ୍‌ଆଇଟି ପକ୍ଷରୁ କାଦୁଅରେ ହୋଲି ଖେଳିବେ ବୋଲି ସୂଚନା ମିଳିଛି। ସେହିଭଳି ଜଳଦାସ୍ଥିତ ସୁବାଷ ବୋଷ କ୍ଲବ ପକ୍ଷରୁ କେମିକାଲ ରଙ୍ଗ ବ୍ୟବହାର ନ କରି ଦୋରସା ମାଟିରେ ହୋଲି ଖେଳିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କେମିକାଲ ରଙ୍ଗ ବ୍ୟବହାର ନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏଥିସହ ବିଭିନ୍ନ ରଙ୍ଗ ଦୋକାନରେ ଚଢ଼ାଉ କରାଯାଇଛି। ହୋଲି ପର୍ବକୁ କିଭଳି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ କଡାକଡି ପାଟ୍ରୋଲିଂ ବ୍ୟବସ୍ଥା ସାଙ୍ଗକୁ ସହରରେ ଥିବା ସମସ୍ତ ମଦଦୋକାନଗୁଡିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଜୀବନଶୈଳୀ ପରିବର୍ତ୍ତନରେ ବର୍ଜ୍ୟବସ୍ତୁ ସୁପରିଚାଳନା ସମ୍ଭବ

## ଇ-ୱେଷ୍ଟ ସଚେତନତା କର୍ମଶାଳା ଉଦ୍‌ଯାପିତ

ରାଉରକେଲା, ୧୩।୩(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଆଇଟିଆଇ ଅଧ୍ୟକ୍ଷ ଇଞ୍ଜିନିୟର ଡମାନ ସୋରେନ୍‌ଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଇ-ୱେଷ୍ଟ ମ୍ୟାନେଜମେଣ୍ଟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ହୁଲ୍ଲାଡେକ୍ ରିସାଇକ୍ଲିଂ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଶାଖାର ସହକାରୀ ପରିବେଶ ଯନ୍ତ୍ରୀ ଇଞ୍ଜିନିୟର ପ୍ରୀତମ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିମୁଖ୍ୟ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଏଗ୍ରିନୋଭେଶନ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ଡ. ସୁସ୍ମିତା ସାହୁ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ପିପିଟି ଉପସ୍ଥାପନ କରିଥିଲେ। ଆଇଟିଆଇର ଉପାଧ୍ୟକ୍ଷ ଉତ୍ତମ କୁମାର ପଟ୍ଟନାୟକ କର୍ମଶାଳାରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପିସିବିର ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି ଓ ହୁଲଡେକ୍ କମ୍ପାନୀର ରାଉରକେଲା ଆଞ୍ଚଳିକ ମୁଖ୍ୟ ଗୌତମ ଜୟସ୍ୱାଲ ମଞ୍ଚାସୀନ ଥିଲେ। ଆବାହକ ଭାବେ ୱାଇଏଫ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କେମିକାଲ ବିଭାଗର ଅଧ୍ୟାପକ ଦେବାଶିଷ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରି ଇ-ଇୱେଷ୍ଟ ହ୍ରାସ, ପୁନଃ ବିନିଯୋଗ ଓ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆମ ଜୀବନଶୈଳୀ ଓ ମାନସିକତାର ପରିବର୍ତ୍ତନ ହେଲେ ବର୍ଜ୍ୟବସ୍ତୁର ସୁପରିଚାଳନା ସମ୍ଭବ ହୋଇପାରିବ ବୋଲି ସେମାନେ ମତପ୍ରକାଶ କରିଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ୧୬ରେ ଦୋଳ ମେଳଣ, ଯୋଗଦେବେ ୪୦ ବିମାନ

ରାଉରକେଲା, ୧୩।୩(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ କେନ୍ଦ୍ରୀୟ ଦୋଳ ମେଳଣ ସମିତି ରାଉରକେଲା ପକ୍ଷରୁ ଚଳିତ ବର୍ଷ ଦୋଳ ମେଳଣ ପ୍ରସ୍ତୁତିକୁ ନେଇ ଏକ ଖବରଦାତା ସମ୍ମିଳନୀ ସଭାପତି ଚୌଧୁରୀ ବିଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସେକ୍ଟର-୭ ସ୍ଥିତ ଦୁର୍ଗାପୂଜା ପଡିଆରେ ଏହି ମେଳଣ ମହାଆଡମ୍ବରରେ ପାଳିତ ହେବ। ଏ ନେଇ ସମିତି ପକ୍ଷରୁ ସହର ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ଓ ଦୋଳ ବିମାନ କମିଟିକୁ ନିମନ୍ତ୍ରଣ କରାଯାଇଛି ବୋଲି ବୋଲି ସମିତି ଅଧ୍ୟକ୍ଷ ହରିହର ରାଉତରାୟ କହିଥିଲେ। ଏହି ମେଳଣରେ ଚଳିତ ବର୍ଷ ୪୦ଟି ଦୋଳ ବିମାନ ଯୋଗଦେବେ। ଏଥିସହ ସେକ୍ଟର-୧୫ସ୍ଥିତ ରାଧାକୃଷ୍ଣ ମନ୍ଦିରର ମୁଖ୍ୟ ଥାନପତି ବିମାନ ମେଳଣ ପଡିଆରେ ପୂଜା ପାଇବା ସହ ମେଳଣକୁ ଆସିଥିବା ସମସ୍ତ ବିମାନଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯିବ ବୋଲି ସଭାପତି ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ପରମ୍ପରା ଓ ସଂସ୍କୃତିର ଉତ୍ସବ ଦୋଳ ମେଳଣକୁ ଅଧିକ ଭାବ ଭକ୍ତିମୟ କରିବା ପାଇଁ ସମିତି ପକ୍ଷରୁ ମେଳଣ ପଡିଆରେ ଏକ ଭଜନ ସନ୍ଧ୍ୟା ଆୟୋଜନ କରାଯିବ। ଏଥିରେ ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ ଓ ସାଥୀମାନେ ଭଜନ ପରିବେଷଣ କରିବେ। ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣି ଓ ଏସ୍‌ପି ନିତେଶ ୱାଧୱାନୀ ଅତିଥି ଭାବେ ଯୋଗଦେଇ ଏହି ମେଳଣକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ସମିତି ପକ୍ଷରୁ ଏକ ସ୍ମରଣିକା 'ପରମ୍ପରା-୨୦୨୫' ଉନ୍ମୋଚନ ହେବ। ଖବରଦାତା ସମ୍ମିଳନୀରେ ସମିତିର ସୂଚନା ଓ ଲୋକ ସମ୍ପର୍କ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ପର୍ଶୁରାମ ପୋଥାଳ, କାର୍ଯ୍ୟକାରୀ ସଭାପତି ଜୟନ୍ତୀ ଦାସ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠାତା ସଦସ୍ୟ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଲିକୁ ନେଇ ପୋଲିସର ବୈଠକ

**ରାଉରକେଲା, ୧୩।୩(ସଙ୍ଗୀତା ଜେନା):** ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବକୁ ନେଇ ରାଉରକେଲା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ଲାଣ୍ଟସାଇଟ୍ ଥାନାରେ ବୁଧବାର ସନ୍ଧ୍ୟା ୭ଟାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ପୋଲିସ ଅଧିକାରୀ, ଇଣ୍ଟିଗ୍ରେସନ୍ ଫୋରମ୍ ସଦସ୍ୟ, ହୋଲି ତଥା ରମ୍‌ଜାନ୍ କମିଟି ସଦସ୍ୟମାନେ ଏଥିରେ ଯୋଗ ଦେଇଥିଲେ। ହୋଲି ପାଳନ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଡିଜେ ଓ ଲାଉଡ୍ ସ୍ପିକର ନିର୍ଦ୍ଧାରିତ ସାଉଣ୍ଡରେ ବଜାଇବାକୁ ନିବେଦନ କରାଯାଇଥିଲା। ନିଶାସେବନ କରି ଜଳସ୍ରୋତରେ ଗାଧୋଇବାକୁ ବାରଣ କରାଯାଇଥିଲା।

# ବର୍ଜ୍ୟଜଳରୁ ଔଷଧୀୟ ପ୍ରଦୂଷଣ ପୃଥକୀକରଣ ପ୍ରକ୍ରିୟା ବିକଶିତ

ରାଉରକେଲା, ୧୩।୩(ସଙ୍ଗୀତା ଜେନା)

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ଅଙ୍ଗନା ସରକାରଙ୍କ ନେତୃତ୍ୱରେ ବର୍ଜ୍ୟଜଳରୁ ଔଷଧୀୟ ପ୍ରଦୂଷଣ ବାହାର କରିବା ପାଇଁ ଏକ ପ୍ରକ୍ରିୟା ବିକଶିତ କରିଛନ୍ତି। ଆଣ୍ଟିବାୟୋଟିକ୍, ଅଣ ଷ୍ଟେରଏଡାଲ୍ ଆଣ୍ଟି ଇନ୍‌ଫ୍ଲାମାଟରୀ ଡ୍ରଗ୍ସ (ଏନ୍‌ଏସ୍‌ଆଇଡି) ଏବଂ କୃତ୍ରିମ ରଙ୍ଗ ସମେତ ବିଭିନ୍ନ ଔଷଧୀୟ ଯୌଗିକ ମୁକାବିଲା ପାଇଁ ଦୁଇ ପର୍ଯ୍ୟାୟ ବିଶିଷ୍ଟ ପ୍ରକ୍ରିୟାରେ ଶୋଷଣ ଓ ବାୟୋଡିଗ୍ରେଡେଶନ ମିଶାଇ ଦିଆଯାଏ। ଏହି ଗବେଷଣା ସମ୍ମାନଜନକ ଜର୍ନାଲ ଅଫ୍ ୱାଟର ପ୍ରୋସେସ୍ ଇଞ୍ଜିନିୟରିଂରେ ପ୍ରକାଶ ପାଇଛି। ସରକାରଙ୍କ ସହ ଉକ୍ତ ଦଳରେ ଡ. କସ୍ତୁରୀ ପୋଦ୍ଦାର, ଡ. ଦେବପ୍ରିୟା ସରକାର (ରିସର୍ଚ୍ଚ ଗ୍ରାଜୁଏଟ୍), ପ୍ରୀତମ ବାଜିରାଓ ପାଟିଲ (ରିସର୍ଚ୍ଚ ସ୍କଲାର) ପ୍ରମୁଖ ଏହି ଗବେଷଣାପତ୍ରକୁ ରଚନା କରିଛନ୍ତି। ଉକ୍ତ ଗବେଷଣା ସମ୍ପର୍କରେ ସରକାର ସୂଚନା ଦେଇ କହିଛନ୍ତି, କୌଣସି ବିଷାକ୍ତ ମାଧ୍ୟମ ବିନା ଜୈବିକ ପଦ୍ଧତି ବ୍ୟବହାର କରାଯାଇଥାଏ। ଏହି ପ୍ରକ୍ରିୟାରେ ବାୟୋଡିଗ୍ରେଡିଂ ବ୍ୟାକ୍ଟେରିଆକୁ ସୁରକ୍ଷା, ବିଷାକ୍ତ ଉପଉତ୍ପାଦ ହ୍ରାସ, ଔଷଧ ପ୍ରଦୂଷଣର ପରିବେଶ ଅନୁକୂଳ ପରିଚାଳନା ଆଦି ଉପଲବ୍ଧି ରହିଛି। ଭବିଷ୍ୟତରେ ଏହାକୁ ଔଷଧ ଶିଳ୍ପ ସହଯୋଗରେ ବୃଦ୍ଧି କରାଯାଇପାରିବ ବୋଲି ସରକାର ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ବିଜ୍ଞାନ ଓ ଇଞ୍ଜିନିୟରିଂ ଗବେଷଣା ବୋର୍ଡ ଦ୍ୱାରା ଏହି ପ୍ରକଳ୍ପକୁ ପାଣ୍ଠି ଯୋଗାଇ ଦିଆଯାଇଥିଲା। ଭାରତର ଅହମ୍ମଦାବାଦସ୍ଥିତ କ୍ୟାଡିଲା ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ସହଯୋଗରେ ଏହି ଗବେଷଣା କରାଯାଇଥିଲା।



ଅଙ୍ଗନା ସରକାର। କସ୍ତୁରୀ ପୋଦ୍ଦାର। ଦେବପ୍ରିୟ ସରକାର। ପ୍ରୀତମ ବାଜିରାଓ ପାଟିଲ।

# ଚୋରି ମୋବାଇଲ ଲକ୍ ଖୋଲିବାକୁ ଆସୁଛି ମେସେଜ

## ବଢୁଛି ଅନ୍ତର୍ଜାତୀୟ ସାଇବର ଅପରାଧ

ରାଉରକେଲା, ୧୩।୩(ସଙ୍ଗୀତା ଜେନା)

ସାଇବର ଅପରାଧୀମାନେ ବିଭିନ୍ନ ଆଳରେ ନିରୀହ ଲୋକଙ୍କୁ ଠକେଇ କରୁଥିବା ଦେଖାଯାଇଛି। ପୂର୍ବରୁ କ୍ରିପ୍ଟୋ କରେନ୍ସିରେ ଏପରି ସାଇବର ଅପରାଧ ଅଧିକ ହେଉଥିବା ଦେଖାଯାଇଥିଲା। ଏବେ ଦାମୀ ମୋବାଇଲ ଚୋରି ହେବା ପରେ ସେଗୁଡିକ ଅନ୍ତର୍ଜାତୀୟ ଅପରାଧୀଙ୍କ ଆୟତ୍ତରେ ରହୁଥିବା ସୂଚନା ମିଳିଛି। ଏପରି ଏକ ଘଟଣା ବନ୍ଧମୁଣ୍ଡା ଅଞ୍ଚଳରେ ଘଟିଛି। ଜନୈକା ଯୁବତୀଙ୍କ ଦାମୀ ମୋବାଇଲ ଫୋନ୍ ଚୋରି ହେବା ପରେ ତାହା ଅନ୍ତର୍ଜାତୀୟ ସାଇବର ଅପରାଧୀଙ୍କ ହାତରେ ଲାଗିଛି। ଅଟୋମେଟିକ୍ ମୋବାଇଲ ଫୋନ୍ ଲକ୍ ହୋଇଯାଇଥିବା ଯୋଗୁ ଏହାକୁ ପୁନଃ ଚାଲୁ କରିବା ପାଇଁ ଅନ୍ତର୍ଜାତୀୟ ସାଇବର ଗ୍ୟାଙ୍ଗ୍ ସଦସ୍ୟମାନେ ଉକ୍ତ ଯୁବତୀଙ୍କ ଅନ୍ୟ ଏକ ଯୋଗାଯୋଗ ନମ୍ବରରେ ମେସେଜ୍ ପଠାଇବା ଆରମ୍ଭ କରିଛନ୍ତି। ଫଳରେ ଯୁବତୀ ଜଣଙ୍କ ଅନ୍‌ଲାଇନ୍ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ(ଏନ୍‌ସିଆର୍‌ପି)ରେ ବୁଧବାର ଅପରାହ୍ନ ୨ଟାରେ ଅଭିଯୋଗ (ନଂ.୨୨୪୦୩୨୫୦୦୦୩୨୪୦) କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅନ୍‌ଲାଇନ୍ ଅଭିଯୋଗ କରିଛନ୍ତି।

ବନ୍ଧମୁଣ୍ଡା ଅଞ୍ଚଳର ଅଭିଯୋଗକାରିଣୀ ନିଶା ରାଣୀଙ୍କ କହିବା ଅନୁସାରେ, ଗତ ମାସ ୧୪ ତାରିଖରେ ସେ ସପରିବାର କୁମ୍ଭମେଳା ଯାଇଥିଲେ। ସେଠାରେ ସେ ଗଙ୍ଗାସ୍ନାନ କରିବା ପରେ ତାଙ୍କର ୨ଟି ନୂଆ ଆଇଫୋନ୍ ମୋବାଇଲ ଚୋରି ହୋଇଥିଲା। ତୁରନ୍ତ ସେ ଅସ୍ଥାୟୀ ପୋଲିସ ଶିବିରରେ ଲିଖିତ ଅଭିଯୋଗ କରିବା ସହ ଅନ୍ୟ ନମ୍ବରରୁ ଉକ୍ତ ଫୋନ୍‌ଗୁଡ଼ିକ ଲକ୍ କରିଥିଲେ। ନିଶା ରାଉରକେଲା ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କୁ ଅଜଣା ନମ୍ବରରୁ ମେସେଜ୍ ବାରମ୍ବାର ଆସୁଛି। ସେଥିରେ ଏକ ଓଟିପି ମଗାଯାଉଛି। ଉକ୍ତ ଓଟିପି ସାହାଯ୍ୟରେ ମୋବାଇଲ ଫୋନ୍‌ଗୁଡ଼ିକ ପୁନଃ ଖୋଲିବାକୁ ପ୍ରୟାସ କରାଯାଉଛି ବୋଲି ଜଣାପଡ଼ିଛି। ନିଶା ବୁଧବାର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କୁ ପଚରାଯିବାରୁ ଅଭିଯୋଗ ଆସିଲେ ନିଶ୍ଚିତ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



### ସମ୍ବଲପୁରକୁ ବାଲି ଯୋଗାଣ ପ୍ରସଙ୍ଗ

# ସମାଧାନ ବାଟ ବାହାର କର

**ସମ୍ବଲପୁର, ୧୩।୩(ଭବାନୀ ଶଙ୍କର ଭୋଇ)**


ଖବରଦାତା ସମ୍ମିଳନୀରେ ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ସଦସ୍ୟ ।

ସମ୍ବଲପୁର ଜିଲାରେ ବାଲି ଯୋଗାଣ ଗତ ଛଅଦିନ ଧରି ବନ୍ଦ ରହିଛି। ଏହାକୁ ନେଇ ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ଗୁରୁବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି)ଙ୍କୁ ଭେଟି ସମାଧାନର ବାଟ ବାହାର କରିବାକୁ ଦାବି କରିଛି। ବିଶେଷ କରି ଝାରସୁଗୁଡା, ସୁନ୍ଦରଗଡ଼, ବୌଦ୍ଧ, ବରଗଡ଼ ଏବଂ ସୁବର୍ଣ୍ଣପୁର ଜିଲାରେ ଥିବା ବାଲିଖଣିଗୁଡିକରୁ ବାଲି ଆଣିବା ସମୟରେ ଆବଶ୍ୟକ ଟ୍ରାଞ୍ଜିଟ ପାସ ପ୍ରଦାନ କରିବାକୁ ଦାବି କରାଯାଇଛି । କେବଳ ସମ୍ବଲପୁର ସହରରେ ପ୍ରତିଦିନ ୨ଶହରୁ ଅଧିକ ହାଇୱା ବାଲିର ଆବଶ୍ୟକତା ରହିଥିବା ସଂଘ ପକ୍ଷରୁ ଆରଡିସିଙ୍କୁ ଅବଗତ କରାଯାଇଥିଲା।

ଦୀର୍ଘ ବର୍ଷ ଧରି ବିଭିନ୍ନ ଜିଲାରୁ ସମ୍ବଲପୁରକୁ ବାଲି ପରିବହନ ହୋଇ ଆସୁଥିଲା। ତେବେ ବିଭିନ୍ନ ଜିଲାରେ ଲିଜ ଦିଆଯାଇଥିବା ବାଲି ଖଣିଗୁଡିକରୁ ସେହି ବାଲି ଯୋଗାଣ ହୋଇ ଆସୁଥିଲା। ହେଲେ ବିଗତ କିଛିଦିନ ହେବ ରାସ୍ତାରେ ହାଇୱାଗୁଡିକୁ ଯାଞ୍ଚ କରାଯାଇ ଫାଇନ ଆଦାୟ କରାଯିବା ପରେ ସେହି ବାଲି ଖଣି ମାଲିକଙ୍କୁ ଟ୍ରାଞ୍ଜିଟ ପାସ ଦେଉ ନ ଥିବା ଅଭିଯୋଗ ହୋଇଛି। ପୁଣି ପାସ ନ ଥିବା ଗାଡିର ଡ୍ରାଇଭରମାନଙ୍କ ନାମରେ ଚୋରାଚାଲାଣ ନେଇ କେସ୍ କରାଯାଇ ହାଜତକୁ ପଠାଯିବା ସହ ପୋଲିସ ଏବଂ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ମନଇଚ୍ଛା ଫାଇନ ଆଦାୟ କରାଯାଉଥିବା ବିଷୟରେ ମଧ୍ୟ ଆରଡିସିଙ୍କୁ ଅବଗତ କରାଯାଇଥିଲା। ଅନ୍ୟପକ୍ଷରେ ଉତ୍ତରାଞ୍ଚଳ ଆରଡିସି ସମସ୍ୟା ବିଷୟରେ ରାଜ୍ୟ ସରକାରଙ୍କୁ ଅବଗତ କରି ସମାଧାନର ବାଟ ବାହାର କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ।

ଆରଡିସିଙ୍କୁ ସାକ୍ଷାତ ପରେ ସଂଘ ପକ୍ଷରୁ ସାମ୍ବାଦିକ ଭବନ ଠାରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇ ସମସ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସଂଘ ସଭାପତି ବିନାୟକ ରାମ କହିଥିଲେ, ସରକାର ଯେତିକି ପରିମାଣର ବାଲି ଉଠାଣ ପାଇଁ ଲିଜ ପ୍ରଦାନ କରୁଛନ୍ତି ତାହା ଯଥେଷ୍ଟ ନୁହେଁ। ତାହାସହ ସ୍ୱଚ୍ଛତା ପାଇଁ ବାଲିର ସର୍ବାଧିକ ବିକ୍ରି ମୂଲ୍ୟ ମଧ୍ୟ ଧାର୍ଯ୍ୟ କରି କ୍ୱାରୀଠାରେ ଉଲ୍ଲେଖ କରାଯିବା ଜରୁରୀ। ପୁଣି ସମ୍ବଲପୁର ଜିଲା ପାଇଁ ଆବଶ୍ୟକ ବାଲି କେଉଁ

**ଆର୍‌ଡିସିଙ୍କୁ ଭେଟିଲା ନିର୍ମାଣ ଯୋଗାଣକାରୀ ସଂଘ**

ଜିଲାରୁ କେତେ ପରିମାଣର ଅଣାଯିବ ତାହା ମଧ୍ୟ ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି। ଯାହାଦ୍ୱାରା ସମ୍ବଲପୁରର ଗାଡି ମାଲିକମାନେ ଆବଶ୍ୟକ ରୟାଲଟି ଦେଇ ସୁବିଧାରେ ସମ୍ବଲପୁର ଜିଲାକୁ ବାଲି ପରିବହନ କରିପାରିବେ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଆରଡିସି ସମସ୍ତ ସମାଧାନର ବାଟ ବାହାର ନ କଲେ ସମ୍ବଲପୁର ଜିଲା ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ପକ୍ଷରୁ ଚକାବନ୍ଦ ଆନ୍ଦୋଳନ କରିବ ବୋଲି ସଂଘର ସଭାପତି ଖବରଦାତା ସମ୍ମିଳନୀରେ ଘୋଷଣା କରିଥିଲେ। ଖବରଦାତା ସମ୍ମିଳନୀରେ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ମନୋଜ ଅଗ୍ରୱାଲ, ଅମିତ ପତି ଏବଂ ଅମିତ ସାମଲ ଉପସ୍ଥିତ ଥିଲେ।

## ଆଜି ଗୁଣ୍ଡିଖାଇ, ଉତ୍ସବର ପରିବେଶ


ସମ୍ବଲପୁର ବଜାରରେ ବିକ୍ରି ହେଉଥିବା ଗୁଣ୍ଡିଖାଇ ସାମଗ୍ରୀ।

**ସମ୍ବଲପୁର, ୧୩।୩(ପ୍ରମୋଦ ବହିଦାର)**

ପଶ୍ଚିମ ଓଡ଼ିଶାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ଗୁଣ୍ଡିଖାଇ। ଫଗୁଣ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହା ପାଳିତ ହୋଇଥାଏ। ଶୁକ୍ରବାର ପଶ୍ଚିମ ଓଡ଼ିଶାର ଘରେଘରେ ହର୍ଷ ଉଲ୍ଲାସର ଏହା ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ବ ପାଇଁ ସମ୍ବଲପୁର ସହରର ଦୋକାନବଜାରରେ ଭିଡ ପରିଲକ୍ଷିତ ହୋଇଛି। ବର୍ଷର ପ୍ରଥମ ଫଳ ଆମ୍ବ, ଚାର, ମହୁଲ, ଆଦି ସହିତ ବାଟବଣା, ସାକରପଚ୍ଛି, ପଳାସ, ଗେଣ୍ଡୁ, ଅରଖ ଫୁଲ, ଆମ୍ବଡାଳ, ଦେବ, ବରକୋଳିପତ୍ର ଆଦି ସହିତ ନଡ଼ିଆ, ଅବିର ଆଦିର ସମ୍ଭାରରେ ଫାଟି ପଡୁଛି ହାଟ। ଗୁଣ୍ଡିଖାଇର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ନୂଆଁଖାଇ ଓ ଗୁଣ୍ଡିଖାଇ ପର୍ବର ପାଳନ ବିଧି ପ୍ରାୟତଃ ସମାନ। ନୂଆଁଖାଇରେ ନବାନ୍ନ ଇଷ୍ଟ ଦେବାଦେବୀଙ୍କୁ ଅର୍ପଣ କରାଯାଉଥାଏ। ସେହିପରି ଗୁଣ୍ଡିଖାଇରେ ପ୍ରକୃତି ମା' କୋଳରେ ଥିବା ବୃକ୍ଷରାଜିରେ ବର୍ଷର ପ୍ରଥମ ଅମୃତ ରୂପି ଫଳକୁ ପୂଜାର୍ଚ୍ଚନା ପୂର୍ବକ ଦେବା ଦେବୀଙ୍କ ନିକଟରେ ଭୋଗ ଲାଗି କରାଯାଇଥାଏ। ସାକରପଚ୍ଛି, ବୁଟଚଣା, ଗୁଡ଼ ଆଦି ଭୋଗରାଗ ସହିତ ଚାର, ମହୁଲ, ଆମ୍ବ ଆଦି ନୂତନ ବନଜାତ ଫଳପୁଷ୍ପାଦିକୁ ବିଧି ପୂର୍ବକ ପୂଜାର୍ଚ୍ଚନା ପୂର୍ବକ ନିଜ ଇଷ୍ଟ ଓ ଗ୍ରାମ୍ୟ ଦେବାଦେବୀଙ୍କ ନିକଟରେ ଅର୍ପଣ କରାଯାଏ। ଏହାବାଦ ସପରିବାର ଭୋଗକୁ ଏକାଠି ଭକ୍ଷଣ ଭୋଜନର ବିଧି ରହିଛି। ଗୁଁଡିଖାଇ ଅବସରରେ ଆୟୋଜିତ ପୂଜାର୍ଚ୍ଚନାରେ ପଳାସ ଫୁଲକୁ ବ୍ୟବହାର କରି ଆଗାମୀ ଜୀବନକୁ ଏହି ଫୁଲ ଭଳି ରଙ୍ଗୀନ ଓ ସରସ ସୁନ୍ଦର କରି ତୋଳିବାକୁ ଦେବାଦେବୀଙ୍କ ଆଶୀର୍ବାଦ କାମନା କରାଯାଏ।

**ସଂକ୍ଷେପରେ**

## ସାଧନା ବଳରେ ଲକ୍ଷ୍ୟ ହାସଲ କରିହେବ

**କୁଶନପୁରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ**

**ପଡିଆବାହାଲ, ୧୩।୩(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ କୁଶନପୁରୀ ସରକାରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୀପକ ରଞ୍ଜନ ଧରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୁକୁଡ଼ାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଶିକ୍ଷକ ତ୍ରିବିକ୍ରମ ମାହାଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ନିରନ୍ତର ସାଧନା ବଳରେ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କମଳାକାନ୍ତ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୀତାଂଶୁ ନନ୍ଦିନୀ ନାୟକ, ସ୍ୱର୍ଣ୍ଣଲତା ଦୀକ୍ଷିତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱଜିତ ନାୟକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ତନୟା ଶାଙ୍କ ପରିଚାଳନା ଓ ପାପୁନ ସେଠୀଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୂପେଶ ଗଡଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସେବା ଯୋଜନାର ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବ ଓ ବିଶ୍ୱ କିଡ୍‌ନୀ ଦିବସ ସଭାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ସମ୍ବଲପୁର, ୧୩।୩(ବି.ଶଙ୍କର)**

ଜାତୀୟ ସେବା ଯୋଜନାର ସମାବର୍ତ୍ତନ ଉତ୍ସବ ଓ ବିଶ୍ୱ କିଡନି ଦିବସ ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷରେ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସକ ତଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜିବ କୁମାର ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସଂପ୍ରତି କିଡ୍‌ନୀ ରୋଗ ଅନେକାଂଶରେ ବିଶ୍ୱକୁ ପ୍ରଭାବିତ କରିଛି। ଏହାର ନିରାକରଣ ପାଇଁ ଖାଦ୍ୟପେୟ, ବ୍ୟାୟାମ, ସୁସ୍ଥ ମାନସିକତା, ଡାକ୍ତରଙ୍କ ପରାମର୍ଶ ଦ୍ୱାରା କିଡନି ସମ୍ବନ୍ଧୀୟ ରୋଗକୁ ଦୂର କରାଯାଇପାରିବ ବୋଲି ଅଧ୍ୟକ୍ଷ ବାବୁ ମତପ୍ରକାଶ କରିଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନାର ବିଦ୍ୟାଳୟ ଦ୍ୱାରା ଆୟୋଜିତ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଉତ୍ସର୍ଗୀକୃତ ସେବା, ଅଭିଜ୍ଞତା ଦେଇ ମାର୍ଗଦର୍ଶନ ଦେଇ ଆସଥିବା ସ୍ୱେଚ୍ଛାସେବୀଙ୍କୁ ସମାବର୍ତ୍ତନ ଉତ୍ସବରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ ଦିବ୍ୟ ସିଂହ ମହନ୍ତ ଓ ଏନ୍‌ଏସ୍‌ଏସ ସଂଯୋଜକ ମନୋରଞ୍ଜନ ମିଶ୍ର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମ ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି.ଭାସ୍କର ରାଓ, ନିର୍ଦ୍ଦେଶକ ଜି ରାମକୃଷ୍ଣ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ନର୍ସି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଇଶ୍ୱର ନାଗ, ବିକାଶ ଦ କନସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶବନ୍ତ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଥିଲା ।

## ପାୱାର ଚ୍ୟାନେଲରେ ବୁଡ଼ି ଭିସୁଟ୍ ଛାତ୍ର ମୃତ

**ସମ୍ବଲପୁର, ୧୩।୩(ପ୍ରମୋଦ ବହିଦାର)**

ବୁର୍ଲା ଥାନା ଅଠର ହଜାର ନିକଟ ପାୱାର ଚ୍ୟାନେଲରେ ବୁଡ଼ି ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଜଣେ ଇଞ୍ଜିନିୟରିଂ ଛାତ୍ର ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ଜଣକ ଭିସୁଟ୍‌ର ପ୍ରଥମ ବର୍ଷ ସିଭିଲ୍ ଇଞ୍ଜିନିୟରିଂ ଛାତ୍ର ଢ଼େଙ୍କାନାଳର ପ୍ରିୟାଂଶୁ ଶେଖର ବେହେରା(୧୯)। ଗୁରୁବାର ମିଡ ସେମିଷ୍ଟର ପରୀକ୍ଷା ଦେଇ ସେ ତାଙ୍କର ଅନ୍ୟ ଦୁଇ ସହପାଠୀଙ୍କ ସହିତ ଗୁରୁବାର ଅପରାହ୍ନରେ ପାୱାର ଚ୍ୟାନେଲକୁ ଯାଇଥିଲେ। ସେମାନେ ଅଠରହଜାର ନିକଟରେ ଗାଧୋଇବା ବେଳେ ପ୍ରିୟାଂଶୁ ହଠାତ ପାୱାର ଚ୍ୟାନେଲର ଗଭୀର ସ୍ରୋତରେ ଭାସି ଯାଇଥିଲେ। ପ୍ରିୟାଂଶୁ ଓ ତାଙ୍କ ବନ୍ଧୁମାନଙ୍କ ମଧ୍ୟରୁ କେହି ହେଲେ ପହଁରା ଜାଣି ନ ଥିବାରୁ ତାଙ୍କୁ ଉଦ୍ଧାର କରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଏହାଦେଖି ଗାଧୋଇବାକୁ ଯାଇଥିବା ତାଙ୍କ ସହପାଠୀ ଦ୍ୱୟ ପୋଲିସ ଓ ଭିସୁଟ୍ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଭିସୁଟ୍‌ର ବହୁ ଛାତ୍ରୀଛାତ୍ରଙ୍କ ସହିତ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏକ ଘଣ୍ଟା ପରେ ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଭିମ୍‌ସାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପ୍ରିୟାଂଶୁଙ୍କ ପରିବାର ଲୋକ ଭିମ୍‌ସାରରେ ପହଞ୍ଚିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଲା ପୂଜା ସାମଗ୍ରୀ

**ସମ୍ବଲପୁର, ୧୩।୩(ଭବାନୀ ଶଙ୍କର ଭୋଇ)**



ସମ୍ବଲପୁର ଦାନିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରକୁ ଗୁରୁବାର ଧନକଉଡା ବ୍ଲକ ତାଲବର ଯୁବଚାଷୀ ବିବେକାନନ୍ଦ ଭୋଇ ପଳାସ ଫୁଲ, ବିଭିନ୍ନ ଫଳ, ପଳାସ ପତ୍ରର ଦନା ତିଆରି କରି ମନ୍ଦିର ପୂଜା ପ୍ରମୁଖ ଦେବୀ ପ୍ରସାଦ ଭୋଇଙ୍କୁ ଅର୍ପଣ କରିଥିଲେ। ଶୁକ୍ରବାର ଫାଲଗୁନ ପୂର୍ଣ୍ଣମୀ ଦିନ ଗୁଣ୍ଡିଖାଇ ପର୍ବ ଅବସରରେ ନୂଆ ଫଳ ଆମ୍ବ, ଚାର, ନୂଆ ଫୁଲ ମହୁଲ, ପଳାସ ଫୁଲ ଏବଂ ପତ୍ର, ଚଣା, ସାକରପଟିର ଭୋଗ ପାରମ୍ପରିକ ରୀତିନୀତି ଅନୁସାରେ ରଣେଶ୍ୱର ରାମଚଣ୍ଡୀଙ୍କଠାରେ ଅର୍ପଣ କରାଯିବ। ଏଥିପାଇଁ ଶୁକ୍ରବାର ସକାଳ ୭.୩୯ରୁ ସକାଳ ୯.୦୩ ମଧ୍ୟରେ ରଣେଶ୍ୱର ରାମଚଣ୍ଡୀ ଏବଂ ଅନ୍ୟାନ୍ୟ ଦେବା ଦେବୀଙ୍କୁ ଗୁଁଡ଼ି ଖାଇ ଭୋଗ ଅର୍ପଣ କରା ଯିବା ନେଇ ମନ୍ଦିରର ପୂଜା ପ୍ରମୁଖ ସୂଚନା ଦେଇଛନ୍ତି।

## ସାନମୁଣ୍ଡାଲୋଇ, ଡୁଲେସରାରେ ସ୍ୱାସ୍ଥ୍ୟ ଶିବିର

**କୁଚିଣ୍ଡା, ୧୩।୩(ବିରଞ୍ଚି ଦର୍ବା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁ.ଗମନକିରା ପଞ୍ଚାୟତର ସାନମୁଣ୍ଡାଲୋଇ ଓ ସାଲେଭାଡି ପଞ୍ଚାୟତ ଡୁଲେସରାରେ ନାବାର୍ଡ ଓ ସାର୍କର ମିଳିତ ଆନୁକୂଲ୍ୟରେ ପୃଥକ ଭାବେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ହୋଇଥିବା ଉଭୟ ଶିବିରରେ ଡା.ରାଜାରାମ ଷଡଙ୍ଗୀ ଯୋଗଦେଇ ମାତୃ ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ସଚେତନତା ହେବାକୁ ପରାମର୍ଶ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ବିଭିନ୍ନ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସାନମୁଣ୍ଡାଲୋଇ ଶିବିରରେ ୬୦ଜଣ ଏବଂ ଡୁଲେସରା ଶିବିରରେ ୪୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଦ୍ୱିତୀୟା କିଷାନ, ଗୋପାଳ କିଷାନ ଓ ସରୋଜିନୀ କାଲୋ ପ୍ରମୁଖ ସହଯୋଗ କରିଥିଲେ।

## ହାତୀ ଭାଙ୍ଗିଲା ଘର


ହାତୀ ଭାଙ୍ଗିଥିବା ଘର।

**ପଡିଆବାହାଲ, ୧୩।୩(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଡିଆବାହାଲ ବନଖଣ୍ଡ ଅଧିନ ଗ୍ରାମଗୁଡିକରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ଏଥିଯୋଗୁ ଯୋଗୁ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଛି। ବନବିଭାଗ ହାତୀ ଘଉଡ଼ାଇବା ଉଦ୍ୟମ କରୁଥିଲେ ବି କୌଣସି ସୁଫଳ ମିଳିନାହିଁ। ବୁଧବାର ସନ୍ଧ୍ୟାରେ ପୁଡାପଡା ଟୋଲଗେଟ ନିକଟରେ ରାସ୍ତା ପାର ହୋଇଥିବା ହାତୀ ରାତି ୨ଟା ବେଳେ ବାହାମ ଡୁମୁରିପାଲି ହରିଜନ ପଡା ୱାଡସଭ୍ୟ ଚିନ୍ତାମଣି ଗର୍ଡିଆଙ୍କ ଘର ଭାଙ୍ଗିଦେଇଛି। ଏହି ହାତୀଟି ଗତ ଶନିବାର ରାତିରେ ପଡ଼ାସ୍ଥିତ ଜିତେନ୍ଦ୍ର ସୁନା ଓ ଉପେନ୍ଦ୍ର ସୁନାଙ୍କ ଘର ଭାଙ୍ଗିବା ସହ ବଗିଚାରେ ଫସଲ ନଷ୍ଟ କରିଥିଲା। ଗ୍ରାମବାସୀଙ୍କ କହିବାନୁସାରେ ହାତୀ ତାଙ୍କ ଗ୍ରାମକୁ ନିୟମିତ ବ୍ୟବଧାନରେ ଆସୁଛି ଓ କ୍ଷୟକ୍ଷତି କରୁଛି। ହେଲେ ବାପା ଅଜା ଅମଳରୁ ରହି ଆସୁଥିବା ଅଧିକାଂଶ ଲୋକଙ୍କ ପାଖରେ ଘରର ପଟ୍ଟା ନଥିବାରୁ କ୍ଷତି ହେଉଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ କହିଛନ୍ତି।

## ଶୃଙ୍ଖଳା ଜ୍ଞାନ ସଫଳତାରେ ସହାୟକ ହୁଏ

**ସମ୍ବଲପୁର, ୧୩।୩(ବି.ଶଙ୍କର)**


ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ରମାନେ।

ସମ୍ବଲପୁର ଜିଲା ଧନକଉଡା ବ୍ଲକ ନିର୍ଗୁଣପଡା ୟୁଜି ଏମଇ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଧନକଉଡା ବ୍ଲକ ଗୋଷ୍ଠୀ ଅଧିକାରୀ ସେବଶ୍ରୀ ଭୋଇ ମା ସମଲେଶ୍ୱରୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ଆଶାପଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରେଶ୍ୱର କର, ସମାଜିକ କର୍ମୀ ଶେଷଦେବ ଗୁରୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅପିନ ଓରାମ, ଦେବାଶିଷ ଭୋଇ, ରୂପେନ ଡୁମଡୁମ, ଶତ୍ରୁଘ୍ନ ସେଠ ଓ ଦୁଲାଲ ଚନ୍ଦ୍ର ରାୟ ସମ୍ମାନିତ ଭାବେ ଯୋଗଦେଇ ଥିଲେ। ପାଠପଢ଼ା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରୀଡା, ନୃତ୍ୟ, ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗୀତା ହେବା ଆବଶ୍ୟକତା ରହିଛି। ଯଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭା ପରିପ୍ରକାଶ ହୋଇପାରିବ । ଫଳରେ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ସଫଳତାର ଶୀର୍ଷକୁ ଛୁଇଁପାରିବେ। ସେଥିପାଇଁ ଛାତ୍ରୀଛାତ୍ରମାନେ ଶୃଙ୍ଖଳା ଜ୍ଞାନ ମଧ୍ୟ ଆହରଣ କରିବା ଜରୁରି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିର୍ଗୁଣପଡା ୟୁଜି ଏମଇ ସରକାରୀ

**ନିର୍ଗୁଣପଡା ୟୁଜି ଏମଇ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ବିଦ୍ୟାଳୟ ପ୍ରଧାନଶିକ୍ଷକ ବବୃବାହନ ଭୋଇ ସଭାରେ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରୀମାନଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୋଇଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାପରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ଓ ଗୀତ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୀତାରାଣୀ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସୁଲଚନା ମିଶ୍ର, ମମତା ସାହୁ, ତନ୍ମୟା ମାଝୀ, ବିଷ୍ଣୁପ୍ରିୟ ରଥ, କାମିନୀ ମୁଣ୍ଡା, ଅବନ୍ତି ଓରାମ ସହଯୋଗ କରିଥିଲେ।

## ବ୍ରହ୍ମାକୁମାରୀ ଶିବ ଦର୍ଶନ ଭବନରେ ହୋଲି ପର୍ବ

**ସମ୍ବଲପୁର, ୧୩।୩(ପ୍ରମୋଦ ବହିଦାର)**

ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଦ୍ୟାଳୟ ସମ୍ବଲପୁର ଶାଖାର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ହୃଦୟ ମୋହିନୀଙ୍କ ସ୍ମୃତି ଦିବସରେ ଗୁରୁବାର ହୋଲି ପର୍ବ ପାଳିତ ହୋଇଯାଇଛି। ପବିତ୍ର ଜଳ ଓ ପୁଷ୍ପ ବର୍ଷା ମଧ୍ୟରେ ସମସ୍ତେ ହୋଲି ଖେଳିଥିଲେ। ଏହି ପରିପ୍ରେକ୍ଷୀରେ ବ୍ରହ୍ମାକୁମାରୀ ଶିବ ଦର୍ଶନ ଭବନରେ ବ୍ରହ୍ମାକୁମାରୀ ସମ୍ବଲପୁର ଉପକ୍ଷେତ୍ର ନିର୍ଦ୍ଦେଶିକା ରାଜଯୋଗିନୀ, ବ୍ରହ୍ମାକୁମାରୀ ପାର୍ବତୀ ଦିଦିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ଡେପୁଟି ଜିଲାପାଳ ତଥା ସମାଜସେବୀ ସୀତାଂଶୁ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଦାଦୀ ହୃଦୟମୋହିନୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତ୍ରିପାଠୀ ନିଜ ବକ୍ତବ୍ୟ ରଖି ସମାଜରେ ଆଧ୍ୟାତ୍ମିକ ଭାବନା ହ୍ରାସ ପାଇବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ଏଭଳି ପରିସ୍ଥିତିରେ ସମାଜରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ଜାରି ରଖିଥିବା କେତେକ ଧାର୍ମିକ ସଂସ୍ଥା ମଧ୍ୟରେ ବ୍ରହ୍ମାକୁମାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

## ରେଡ୍‌କ୍ରସ୍ ସ୍ୱେଚ୍ଛାସେବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସମ୍ବଲପୁର, ୧୩।୩(ଭବାନୀ ଶଙ୍କର ଭୋଇ)**

ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଧନକଉଡା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ଜମନକିରା, ନାକଟିଦେଉଳ, ରେଢ଼ାଖୋଲ, ମାନେଶର ଓ ଯୁଯୁମୁରା ଆଦି ୫ ଟି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ପ୍ରାୟ ୭୫ରେଡକ୍ରସ କାଉନସେଲର ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ ଓ ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥିଭାବେ ହୋମିଓପାଥିକ ଡକ୍ଟର ଡ. ରାମଚରଣ ପ୍ରଧାନ ଯୋଗଦେଇ କାଉନସେଲରମାନଙ୍କୁ ନିଶା ନିବାରଣ ବିଷୟରେ ସଚେତନ କରିଥିଲେ। ସେ କବିତା ମାଧ୍ୟମରେ ଏହାର ବିଭିନ୍ନ କୁପ୍ରଭାବ ଓ ନିରାକରଣ ବିଷୟରେ ସଚେତନ କରାଇଥିଲେ। ସେ କହିଥିଲେ, ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ଭୂମିକା ଆକସ୍ମିକ ଦୁର୍ଘଟଣାରେ ସମୟରେ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ରେଡକ୍ରସ କାଉନସେଲରମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସମ୍ବଲପୁର ହୋପସ୍କୋପ ଡ୍ରାଇଭିଂ ସ୍କୁଲ ପକ୍ଷରୁ ସଡକ ସୁରକ୍ଷା ବିଷୟରେ କାଉନସେଲରମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟ ପ୍ରଶିକ୍ଷକ ପ୍ରତାପ ସେନାପତି ପ୍ରାଥମିକ ଚିକିତ୍ସା ବାବଦରେ ପ୍ରାକ୍ଟିକାଲ ସିପିଆର ଓ ପ୍ରାଥମିକ ଚିକିତ୍ସା ବିଷୟରେ ବ୍ୟାଖ୍ୟା କରିଥିଲେ। ରାଜ୍ୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଆନନ୍ଦ ଦଣ୍ଡସେନା, ସତ୍ୟ ନାରାୟଣ ପଣ୍ଡା, ପଙ୍କଜିନୀ ନାୟକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।





# ପଞ୍ଚଦୋଳ

■ ଡା. ଉମେଶ ଚନ୍ଦ୍ର ପାତ୍ର



ଶ୍ରୀପଞ୍ଚମୀ ଅବସରରେ ହିଁ ପ୍ରେମର ପ୍ରତୀକ ଅବିର ଖେଳର ଶୁଭାରମ୍ଭ ହୋଇଥାଏ। ଏହି ପର୍ବର ଅନ୍ତିମ ତିଥି ହେଉଛି ପଞ୍ଚଦୋଳ। ଦୋଳ ପୂର୍ଣ୍ଣିମାରୁ ପାଞ୍ଚଦିନ ପରେ ହିଁ ଏହି ତିଥି ପଡ଼ିଥାଏ। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପରେ ଏହି ତିଥି ପଡୁଥିବାରୁ ଏହାକୁ ପଞ୍ଚଦୋଳ କୁହନ୍ତି। ଏହି ତିଥିକୁ ନେଇ ପୌରାଣିକ କଥାବସ୍ତୁ ସେପରି କିଛି ନାହିଁ; ତଥାପି ଓଡ଼ିଶାର ଜନଜୀବନରେ ଏହି ପର୍ବ ବେଶ୍ ପ୍ରଭାବ ବିସ୍ତାର କରିଛି। କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ଏପରି କି ସାରା ବିଶ୍ୱରେ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ଲୀଳା ପ୍ରଚଳିତ ଅଛି। ରୂପ ଓ ରସର ଏହା ଅପୂର୍ବ ଲୀଳା। ସମଗ୍ର ମାନବୀୟ ଚିନ୍ତାଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଛି। ହୋଲି ବା ଦୋଳ ଉତ୍ସବ ହେଉଛି ବିଜୟର ପର୍ବ। ଅଜ୍ଞାନ ଅନ୍ଧକାରକୁ ଦୂରେଇ ଆଲୋକ ଓ ଆନନ୍ଦକୁ ଆହ୍ୱାନ କରିବା ହେଉଛି ଏ ପର୍ବର ମୁଖ୍ୟ ଆଧାର। ଏହି ପର୍ବ ଉତ୍ତରା ଫାଲ୍‌ଗୁନୀ କ୍ଷେତ୍ରାରାଶି ପୂର୍ଣ୍ଣିମା ତିଥିରେ ହିଁ ଅନୁଷ୍ଠିତ ହୋଇଥାଏ। ଫାଲ୍‌ଗୁନ ପୂର୍ଣ୍ଣିମାର ପୂର୍ବରାତ୍ରିରେ ମେଢ଼ାସୁର ଏବଂ ହୋଲିକା ରାକ୍ଷସୀକୁ ବଧ କରି ସେମାନଙ୍କ ମରଦେହକୁ ନିଆଁରେ ଭସ୍ମ କରିବା ପାଇଁ ଅଗ୍ନି ଉତ୍ସବର ଆୟୋଜନ କରିଥିଲେ। ଏହି ଅଗ୍ନିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରି ବ୍ରଜବାସୀଗଣ ଆନନ୍ଦରେ ବିଭୋର ହୋଇ ଅବିର ଖେଳରେ ମଜି ଯାଇଥିଲେ। ଶତ୍ରୁ ନିପାତର ଆନନ୍ଦରେ ପାଞ୍ଚଦିନବ୍ୟାପୀ ଏହି ପର୍ବ ପାଳନ କରିଥିଲେ। ବାଲୁତ କୃଷ୍ଣଙ୍କୁ ଦୋଳିରେ ବସାଇ ଦୋଳ ଉତ୍ସବ ପାଳିଥିଲେ। ପ୍ରେମମୟୀ ରାଧା ବିଭିନ୍ନ ରଙ୍ଗ ଅବିର ଧରି ଗୋପ ଗୋପାଳୁଣୀଙ୍କ ସହ ଦିବା ଆନନ୍ଦରେ ବିଭୋର ହୋଇ ଉଠିଥିଲେ। ଏହି ଗୌରବ ମହାଆନନ୍ଦର ସ୍ମୃତିକୁ ସମଗ୍ର ବିଶ୍ୱ ମାନବଙ୍କ ପାଖରେ ପହଞ୍ଚାଇବା ପାଇଁ ହିଁ ଦୋଳ ଉତ୍ସବର ସୃଷ୍ଟି।

ଏହି ପର୍ବ ଦୀର୍ଘ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହୁଏ। ଏହାକୁ ପଞ୍ଚଦୋଳ କୁହନ୍ତି। ଫଗୁ ଦଶମୀ ତିଥିରୁ ପ୍ରେମପୁରୁଷ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ବିମାନରେ ବସି ଚାଚେରି ଭୋଗ ବା ଦ୍ୱାରି ଭୋଗ ଖାଇବାକୁ ବାହାରନ୍ତି। ଏହା ପଞ୍ଚଦୋଳରେ ସମାପ୍ତ ହୁଏ। ଏହି ପାଞ୍ଚଦିନବ୍ୟାପୀ ଯାତ୍ରା କେବଳ ବିଶ୍ୱାସ, ଭରସା, ସ୍ନେହ ଓ ଶ୍ରଦ୍ଧାର ଯାତ୍ରା ଭାବରେ ପ୍ରତିଟି ମଣିଷର ହୃଦୟରେ ଅନୁରଞ୍ଜିତ ହୋଇଥାଏ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଗଭୀର ବିଶ୍ୱାସ ଏଇଠି ପ୍ରକଟିତ ହୁଏ। ପ୍ରତିଟି ସଞ୍ଜରେ ଖୋଳ, ତାଳ, କାହାଳିର ଶବ୍ଦରେ ଗାଆଁଠୁ ସହର ମୁଖରିତ ହୋଇଉଠେ। ମୁଠାମୁଠା ଅବିର ସମଗ୍ର ପରିବେଶକୁ ଅବିରମୟ କରିଦିଏ। ପ୍ରଭୁଙ୍କର ଏଇ ଭୋଗଖିଆ ପର୍ବ ଭକ୍ତଜନଙ୍କୁ ବିଭୋର କରେ। ପ୍ରତ୍ୟେକ ଦ୍ୱାର ଅଗଣାରେ ଭକ୍ତଜନ ଗୋମୟ ଲେପନ କରି ଚିତା ପକାଇ କଳସ ସ୍ଥାପନ କରି ଭୋଗ ନୈବେଦ୍ୟ ଧରି ଅପେକ୍ଷା କରିଥାଆନ୍ତି ବିମାନକୁ। ଏଇ ପ୍ରତୀକ୍ଷାର ପର୍ବ ପଞ୍ଚଦୋଳ ପର୍ଯ୍ୟନ୍ତ ଚାଲେ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅପୂର୍ବ ସଂଯୋଗ ଥାଏ ଏହି ପଞ୍ଚଦୋଳ ପର୍ଯ୍ୟନ୍ତ। ଓଡ଼ିଶାରେ ପାଳିତ ହେଉଥିବା ପ୍ରତ୍ୟେକ ପର୍ବପର୍ବାଣିରେ ସାମାଜିକତା ବେଶ୍ ସ୍ପଷ୍ଟ ହୋଇଉଠେ। ପ୍ରେମ ଓ ବିଶ୍ୱାସଭାବ ଓ ସାମାଜିକ ସଦ୍‌ଭାବନା ବୃଦ୍ଧି ପାଇଁ ହିଁ ହୋଲି ପର୍ବର ସୃଷ୍ଟି। ନିଜେ ଆନନ୍ଦିତ ହେବା ସହ ଅନ୍ୟକୁ ଆନନ୍ଦ ପ୍ରଦାନ କରିବା ହିଁ ଏ ପର୍ବର ମୂଳ ଉଦ୍ଦେଶ୍ୟ। ରଙ୍ଗର ପସରା ନେଇ ହୋଲି ସାମାଜିକ ଜୀବନଧାରାକୁ ବେଶ୍ ଆନନ୍ଦମୁଖର କରେ। ସେଇଥିପାଇଁ ଏହି ପର୍ବ ପାଞ୍ଚ ଦିନ ଧରି ସମଗ୍ର ଭାରତବର୍ଷର କୋଣଅନୁକୋଣରେ ନିଜର ଗୁରୁତ୍ୱ ପ୍ରତିପାଳିତ କରିଥାଏ। ମଥୁରା ଓ ଗୋପପୁରରେ ଏହା ଦଶଦିନ ଧରି ଆନନ୍ଦ ଉତ୍ସାହ ସହକାରେ ପାଳିତ ହୋଇଥାଏ। କଥିତ ଅଛି ଦ୍ୱାପରରେ କୃଷ୍ଣଙ୍କର ବସନ୍ତ ରାସ ଦୀର୍ଘ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହୁଏ। ଏହି ସମୟରେ ପ୍ରଭୁ ରାଧାକୃଷ୍ଣଙ୍କର ଲୀଳାଖେଳା ସମ୍ବନ୍ଧରେ ବହୁ ଆଲୋଚନା ହେବା ସହ ସଙ୍ଗୀତ ଓ ନୃତ୍ୟଭିତ୍ତିକ ଅନେକ କାର୍ଯ୍ୟକ୍ରମ ଚାଲୁରହେ। ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ଭୋଗ ଖାଇସାରିବା ପରେ ହିଁ ପଞ୍ଚଦୋଳର ଅପରାହ୍ନରେ ମେଣ୍ଢାକୁଡ଼ିଆ ବା ଅଗ୍ନି ଚାରିପାଖରେ ସାତଘେରା ପରିକ୍ରମା କରନ୍ତି। ଫଗୁ ଦଶମୀ ତିଥିରେ ପ୍ରଭୁଙ୍କ ଯୁଗଳ ପ୍ରତିମା ରତ୍ନସିଂହାସନରୁ ଅବତରଣ କରି ବିମାନରେ ବସି ପ୍ରଥମେ ଅଗ୍ନିକୁ ସାତଘେରା ପରିକ୍ରମା କରି ଦ୍ୱାରି ଭୋଗ ପାଇଁ ସଜ ହୁଅନ୍ତି। ଦ୍ୱାରି ଭୋଗ ଖାଇବା ଶେଷ କରି ଦୋଳମଣ୍ଡପରେ ଝୁଲି ସାରିବା ପରେ ଅଗ୍ନି ଚାରିପାଖରେ ସାତଘେରା ଅତିକ୍ରମ ପରେ ଯମୁନା ସ୍ନାନ ସମାପନ କରି ପୁନରାୟ ରତ୍ନମଣ୍ଡପକୁ ବିଜେ କରନ୍ତି।

ପଞ୍ଚଦୋଳ କହିଲେ ପଞ୍ଚଶତ୍ରୁର ବିଦାୟ ଅର୍ଥାତ୍ କାମ, କ୍ରୋଧ, ଅହଙ୍କାର, ଅସତ୍ୟ ଓ ଅଧର୍ମର ବିନାଶର ତିଥି ହିଁ ପଞ୍ଚଦୋଳ। ପ୍ରତିଟି ମଣିଷ ଏଇ ମହାଶତ୍ରୁର ବିନାଶ ଘଟାଇ ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ନିଜକୁ ପ୍ରସ୍ତୁତ ହେବା ଦରକାର। ପ୍ରଭୁ ରାଧାକୃଷ୍ଣ ଦୋଳବେଦିରେ ବସି ଝୁଲିବା ବେଳେ ଏଇ ମହାନ୍ ଆଦର୍ଶ ବାର୍ତ୍ତା ପ୍ରଦାନ କରିଥାଆନ୍ତି। କାଳିକା ନିଜକୁ ଅଗ୍ନିଦେହରେ ଝାସଦେଇ ପୃଥିବୀରେ ମହାସତ୍ୟର ମହାନ୍ ବାର୍ତ୍ତା ପ୍ରଦାନ କରି ଯମୁନା ସ୍ନାନ କରନ୍ତି ଓ ଗୋଟିଏ ବର୍ଷ ପାଇଁ ଭକ୍ତଜନଙ୍କଠାରୁ ମେଲାଣି ନେଇ ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ପଞ୍ଚଦୋଳ ପାଞ୍ଚ ମହାଶତ୍ରୁର ବିନାଶର ତିଥି। ବିପଥଗାମୀ ମନୁଷ୍ୟକୁ ସଦ୍‌ଗତି ଦେଇ ମହାସତ୍ୟର ଦିଗ୍‌ଦର୍ଶନ ଦିଅନ୍ତି।


–ସହପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ :୯୪୩୭୦୫୧୯୫୭


# ଲୋକପର୍ବ: ଦିପୋଟି ମେଳଣ

■ ବିଜୟ କୁମାର ମହାନ୍ତି

ଚୈତ୍ର କୃଷ୍ଣପକ୍ଷ ତୃତୀୟା ତିଥିର ରାତି ବଢ଼ିଆସେ। ମଝି ରାତିରୁ ଆରମ୍ଭ ହୁଏ ରୋଶଣି। ଅନୁକୂଳ ବାଣ ଫୁଟିଲେ ଚାଉଁକିନା ଭାତନିଦ ଭାଙ୍ଗିଯାଏ। ବୟସ୍କମାନେ ଉଠିପଡି ପିଲାଙ୍କୁ ଉଠାନ୍ତି – ଉଠ, ଥାନପତି ବାହାରିଲେଣି। ସମସ୍ତେ ଧଡପଡ ହୋଇ ବାହାରନ୍ତି ଜମାଣ ଦେଖିବାକୁ। ଆଲୁଅରେ ଝଲସି ଉଠୁଥାଏ ଦେବବିମାନ। ଛତ୍ରି, ତରାସ, ମଶାଲ ସହ ଢୋଲ, ପେଁକାଳି ଓ ନାନା ବାଜା ବାଜଣା ଭିତରେ ବିଜେ କରନ୍ତି ଠାକୁର। ଆକାଶରେ ବିଛୁରି ଯାଏ ବାଣର ଫୁଆରା। ଉଚ୍ଛୁଳି ଉଠେ କଟକ ଜିଲା ନିଆଳି ଅନ୍ତର୍ଗତ କସର୍ଦାର ଛିଣ୍ଡା ଓ ଦଧିଭଦ୍ରାର ତୀର। ଦିପୋଟି ମେଳଣର ଏହି ଅବସର ସାରା ଅଞ୍ଚଳର ଲୋକଙ୍କ ଭିତରେ ଧର୍ମୀୟ ଭାବନାକୁ ଉଜ୍ଜୀବିତ କରିଥାଏ। ମେଳଣ ଦେଖିବାକୁ ଘରେଘରେ ପୂରିଥା'ନ୍ତି ବନ୍ଧୁବାନ୍ଧବ। ଏହା ଗୋଟିଏ ଦିନ ଚାଲୁଥିଲେ ମଧ୍ୟ ଦୋକାନ ବଜାର ପ୍ରାୟ ପନ୍ଦର ଦିନଧରି ଚାଲିଥାଏ। ଲୋକାରଣ୍ୟ ହୋଇଉଠେ ନଈକୂଳ ଆଉ ସାରା କଖାରୁମୁଣ୍ଡା ତୋଟା। ଆଗେଆଗେ ଯାଉଥା'ନ୍ତି ଥାନପତି, କସର୍ଦାର ଲକ୍ଷ୍ମୀନାରାୟଣ। ପଛକୁ ଅନ୍ୟ ସବୁ ଠାକୁର। ଥାନପତି ବସିବା ପରେ ଅନ୍ୟ ଠାକୁରମାନେ ତାଙ୍କ ଡାହାଣରେ ବସନ୍ତି। ଶେଷକୁ ବିଜେ କରନ୍ତି ଗୋପାଳଜୀଉ। ସବୁ ଠାକୁରଙ୍କ ପାଇଁ ତିଆରି ହୋଇଥାଏ ଦୋଳବେଦି। ଚୂନପାଣି ପକାଇ ପବିତ୍ରକରଣ ସହ ଗୋବର ଲିପାଯାଇ ପଡେ ଝୋଟି, ମୁରୁଜ। ଆଗରେ ପୋତାଯାଇଥାଏ କଦଳୀ ଗଛ। ବିମାନସବୁ ବସିବା ପରେ ଦିନ ତମାମ ସଂକୀର୍ତ୍ତନ ଚାଲେ। ଭକ୍ତମାନେ ଦିଅଁଙ୍କ ପାଖେ ଭୋଗରାଗ କରନ୍ତି। କଦଳୀ ଭୋଗ ଲଗାଇବା ପାଇଁ ଗୋପାଳଜୀଉଙ୍କ ନିକଟରେ ଅସମ୍ଭବ ଭିଡଲାଗେ। ଏପରି କି ଏହି ଦିଅଁଙ୍କ ଆଗରେ ଏକ ଛୋଟ କଦଳୀଚୋପାର ପାହାଡ ଭଳି ଭ୍ରମ ସୃଷ୍ଟିହୁଏ। ସକାଳ ଓ ମଧ୍ୟାହ୍ନ ଧୂପ ସରିଗଲା ପରେ ଅପରାହ୍ନରେ କୋଠଘରୁ ଭୋଗ ବାହାରେ। ଘଣ୍ଟଘଣ୍ଟା ବାଦନରେ କମ୍ପିଉଠେ ମେଳଣ ପର୍ବ। ପ୍ରଥମେ ଥାନପତି ନିଜ ଆସ୍ଥାନ ଉପରେ ଠିଆ ହୁଅନ୍ତି। ପରେ ଅନ୍ୟ ଦେବବିମାନ ସବୁ ଉଠନ୍ତି। ହରିହର ଭେଟ ହୁଏ। ଠାକୁରମାନେ ଯେଝା ମନ୍ଦିରକୁ ବାହୁଡନ୍ତି।

ଇଂରେଜ ଶାସନ କାଳ ଅର୍ଥାତ୍ ୧୮୯୮ରୁ ଦିପୋଟି ମେଳଣ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି। ଏହି ବର୍ଷ କଖାରୁମୁଣ୍ଡା ତୋଟାରେ ବନ୍ଦୋବସ୍ତ କ୍ୟାମ୍ପ ପଡେ। ଏଥିରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ମଧ୍ୟରେ ଯତୀନ୍ଦ୍ର ମୋହନ ସିଂ ଓ ରାଜକିଶୋର ଦାସ ଖୁବ୍ ଧର୍ମପରାୟଣ ଥିଲେ। ସେମାନେ ଏଠାର ଲୋକଙ୍କ ଭିତରେ ଶାନ୍ତି ଓ ଭାଇଚାରା ସୃଷ୍ଟି ଲାଗି ଏକ ମେଳଣ ପ୍ରତିଷ୍ଠା କରିବାକୁ ଇଚ୍ଛାକଲେ। ଏଥିଲାଗି ଜମିଦାରମାନଙ୍କୁ କିଛିକିଛି ଜମି ଛାଡିବାକୁ କହିଲେ। କ୍ୟାମ୍ପ ଅନ୍ତର୍ଗତ ଚଉରାଳିଶଟି ଗାଁର ଜମିଦାରମାନେ ଏଥିଲାଗି ଜମି ଦାନ କଲେ। ଏଥିରୁ ଆଦାୟ ଅର୍ଥରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି ଏହି ମେଳଣ। ଶିକ୍ଷାବିତ୍ ଗଙ୍ଗାଧର ମହାପାତ୍ରଙ୍କ ତଥ୍ୟ ଅନୁସାରେ– 'ପୂର୍ବରୁ ଏହି ମେଳଣକୁ ଠାକୁର ସବୁ ପାରମ୍ପରିକ ବାଜାବାଜଣା ସହ ଖୁବ୍ ଜାକଜମକରେ ମେଳଣ ପର୍ବକୁ ଆସୁଥିଲେ। ଛତ୍ରି, ତରାସ, ମଶାଲ ଆଲୁଅ ଓ ଢୋଲ ପେଁକାଳି ବାଦ୍ୟରେ ରୋଶଣି ସୀମିତ ଥିଲା। ୧୯୬୮ରେ ଏହାର ଆଧୁନିକୀକରଣ କରାଗଲା। ପ୍ରଥମେ ସ୍ଥାନପତି ଶ୍ରୀଲକ୍ଷ୍ମୀ ନାରାୟଣଙ୍କୁ ବିଦ୍ୟୁତ୍ ଆଲୋକସଜ୍ଜା, ମାଇକ୍ରୋଫୋନ ଦ୍ୱାରା ସଙ୍ଗୀତ ପରିବେଷଣ ଓ ବ୍ୟାଣ୍ଡପାର୍ଟି ସହ ଠାକୁରଙ୍କୁ ମେଳଣ ପଡିଆକୁ ନିଆଗଲା। ଏ ଦିଗରେ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ତତ୍କାଳୀନ ସ୍ଥାନୀୟ ଜନନେତା ଅନ୍ତର୍ଯ୍ୟାମୀ ପ୍ରଧାନ ତିନୋଟି ପୁରସ୍କାରର ବ୍ୟବସ୍ଥା କରିଥିଲେ।

ଦେବୀକନ୍ଦଳ ମଧ୍ୟବର୍ତ୍ତୀ ଧୋଇଆ ଅଞ୍ଚଳରେ ଏହି ମେଳଣ ସାଧାରଣ ଜନଜୀବନରେ ଅବସର ବିନୋଦନର ଅପୂର୍ବ ସୁଯୋଗ ଆଣିଦିଏ। କୃଷକ ଫସଲ ଉତାରି ସାରି ଟିକିଏ ଫୁରସତ୍ ମେଣ୍ଟାଉଥିବା ବେଳେ ଏହି ମେଳଣ ତା'କୁ ଖୁସିର ଅବସର ଦିଏ। କେବେଠୁ ଏହି ମେଳଣ ଶହେ ବର୍ଷ ପୂରା କରିସାରିଛି। ଲୋକଙ୍କ ଭକ୍ତି ଭାବନାକୁ ଉଜ୍ଜୀବିତ ରଖି ଏହା ହୋଇଯାଇଛି ଏକ ଲୋକପର୍ବ। କେବଳ ସ୍ଥାନୀୟ ଅଞ୍ଚଳ କାହିଁକି ସାରା ରାଜ୍ୟରେ ଏହାର ପ୍ରସିଦ୍ଧି ମେଳଣ ପରମ୍ପରାରେ ଅନନ୍ୟ ହୋଇରହିଛି।


–କସର୍ଦା, କଟକ
ମୋ : ୮୩୨୮୮୩୦୫୬୭


# ଶହେ ବର୍ଷର ପରମ୍ପରା ପିଣ୍ଟାବଣିଆ ହୋଲି

ବାଲେଶ୍ୱର, ୧୩।୩(ବାଞ୍ଛାନିଧି ଦେ)

୧୦୦ବର୍ଷ ପରମ୍ପରା ପିଣ୍ଟାବଣିଆ ଦୋଳମେଳଣ। ହେଲେ ଆଗଭଳି ଆଉ ଦୋଳ ବିମାନରେ ରାଧାକୃଷ୍ଣଙ୍କ ବିଗ୍ରହ ସାମିଲ ହେଉନାହାନ୍ତି। ଐତିହ୍ୟ, ପରମ୍ପରା ଓ ସଂସ୍କୃତିସମ୍ପନ୍ନ ଏହି ମେଳଣରେ ବିଗ୍ରହମାନଙ୍କୁ ଆଉ ନିମନ୍ତ୍ରଣ କରାଯାଉନାହିଁ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତରେ ଅନୁଷ୍ଠିତ ହୋଇଆସୁଥିବା ଏହି ମେଳନ ଫିକା ପଡୁଥିବା ପରିଲକ୍ଷିତ ହେଉଛି। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ପିଣ୍ଟାବଣିଆ ହୋଲି ଭାବେ ଖ୍ୟାତିଅର୍ଜନ କରିଥିବା ଏହି ମେଳଣରେ ବର୍ଷକୁ ବର୍ଷ ବ୍ୟବସାୟିକ କାରବାର ବଢ଼ିଚାଲିଥିବା ବେଳେ ପୂର୍ବ ପରମ୍ପରା ଲୋପ ପାଇବାରେ ଲାଗିଛି। କେବଳ ଗାଁରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ବିଗ୍ରହ ଦୋଳବିମାନରେ ମେଳଣ ପଡ଼ିଆ ପରିକ୍ରମା କରୁଛନ୍ତି। ୪ଦିନ ବ୍ୟାପୀ ଏହି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୁଏ। ଉଠା ବ୍ୟବସାୟୀଙ୍କ ଭିଡ଼ ଜମେ। ଖିଚିଂର ପ୍ରସ୍ତର ମୂର୍ତ୍ତି, ରେମୁଣାର କଂସାବାସନ, ପିପିଲିର ଚାନ୍ଦୁଆ, ଚନ୍ଦନେଶ୍ୱର ଓ ଭୋଗରାଇର ମଶିଣାଠାରୁ ଆରମ୍ଭ କରି ବେତପାଛିଆ, ମାଛଧରା ଜାଲ, ଚଣାଉଖୁଡ଼ା, ବିଞ୍ଚଣା, ଚଲାଚାଲୁଣୀ ଆଦି ସମସ୍ତ ଘରକରଣା ଜିନିଷ ଏହି ମେଳାରେ ମିଳିଥାଏ। ହେଲେ ସମଗ୍ର ଓଡ଼ିଶାର ପ୍ରସିଦ୍ଧି ଅର୍ଜନ କରିଥିବା ଏହି ମେଳାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ବିଭାଗର ନଜର ନାହିଁ। ଶହେ ବର୍ଷର ଏହି ମେଳଣ ସତେଯେମିତି ନିଜର ସତ୍ତା ହରାଇ ବସିଛି। ଚଳିତବର୍ଷ ବାଲେଶ୍ୱର ଜିଲାର ପିଣ୍ଟାବଣିଆ ମେଳାପଡ଼ିଆକୁ ୬ଲକ୍ଷ ୧ହଜାର ଟଙ୍କା ଓ ମୟୂରଭଞ୍ଜର ପୁରୁଣିଆ ମେଳାପଡ଼ିଆକୁ ୫ଲକ୍ଷ ୭୭ହଜାର ଟଙ୍କାରେ ନିଲାମ ଦିଆଯାଇଥିବା ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଦୋଳ ମେଳା ସାଂସ୍କୃତିକ ପରିଷଦ ସଭାପତି ସଞ୍ଜୟ କୁମାର ସେଠୀ କୁହନ୍ତି, ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ତଥା ଶିଳ୍ପ ବାଣିଜ୍ୟ ବିଭାଗ ତରଫରୁ ବିଭିନ୍ନ ପ୍ରଦର୍ଶନୀ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ଆବଶ୍ୟକ। ମେଳା ପଡ଼ିଆର ଉନ୍ନତିକରଣ ପାଇଁ ସରକାରଙ୍କ ପଦକ୍ଷେପ ଜରୁରୀ। ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ୨୫ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ବିଗ୍ରହ ବିମାନରେ ସାମିଲ ହେଉଥିଲେ। ଏବେ ଆଧ୍ୟାତ୍ମିକ ଭାବ କମିଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଶହେ ବର୍ଷ ଧରି ଏହି ମେଳା ଅନୁଷ୍ଠିତ ହୋଇଆସୁଛି ବୋଲି ବରିଷ୍ଠ ନାଗରିକ ଅନନ୍ତ କୁମାର ସାହୁ କହିଛନ୍ତି। ପ୍ରଶାସନ ପକ୍ଷରୁ ମେଳାରେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଜରୁରୀକାଳୀନ ଭିତ୍ତିରେ ଦମକଳ, ଆମ୍ବୁଲାନ୍ସ ସେବା ସହ ପାନୀୟଜଳ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ବୋଲି ରୂପସା ସାମିଲ ହାସନପୁର ସରପଞ୍ଚ ମାଳତୀ ପ୍ରଧାନ କହିଛନ୍ତି। ମହିଳାଙ୍କ ନିରାପତ୍ତା ଓ ଶାନ୍ତିଶୃଙ୍ଖଳା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ନିଶା ବେପାରୀ ଓ ଅପରାଧୀଙ୍କୁ ଦମନ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ରୂପସା ଥାନା ଅଧିକାରୀ ଏସ୍‌ଆଇ ମୌସୁମୀ ମହାନ୍ତି କହିଛନ୍ତି।



ଗାଁରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ବିଗ୍ରହ।

**ଆଗଭଳି ଆସୁନାହିଁ ରାଧାକୃଷ୍ଣଙ୍କ ବିମାନ**

# ଅବିରରୁ ଆରମ୍ଭ, କାଦୁଅ ଖେଳରେ ଶେଷ

ତିହିଡ଼ି, ୧୩।୩(ସଞ୍ଜିତ ବଳ)

ଦୋଳପୂର୍ଣ୍ଣିମା ରାତିରୁ ଆରମ୍ଭ ହେବ ଐତିହାସିକ କାଳିମେଘା ମେଳଣ। ଭଦ୍ରକ ଜିଲା ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମରେ ଏହି ମେଳଣ ଚଳିତବର୍ଷ ୩୨୩ ବର୍ଷରେ ପଦାର୍ପଣ କରିଛି। ମେଳଣ ଅବିରରୁ ଆରମ୍ଭ ହୋଇ କାଦୁଅ ଖେଳରେ ଶେଷ ହେବାର ପରମ୍ପରା ରହିଛି। ଶ୍ରୀ ଚୈତନ୍ୟଙ୍କ ଆଗମନ ସମୟରୁ ଏହି ମେଳଣ ଆରମ୍ଭ ହୋଇଥିବା କୁହାଯାଏ। ଦୋଳପୂର୍ଣ୍ଣିମା ରାତିରେ ବତିମରା ପଦାରେ ଶ୍ରୀଜୀଉମାନଙ୍କୁ ଥାନପତି ଆସନରେ ବସିଥିବା ତାଳପଦା ଗ୍ରାମର ଶ୍ରୀ ଗୋପୀନାଥ ଜୀଉ ସ୍ୱାଗତ କରିଥା'ନ୍ତି। ତୋପ ଶବ୍ଦରେ ପ୍ରଥମେ ଗୁଡୁପାଳ ଗ୍ରାମର ଶ୍ରୀ ରାଧାବଲ୍ଲଭ ଜୀଉ ଶୋଭାଯାତ୍ରାରେ ମେଳଣ ପଡ଼ିଆ ଆଡ଼କୁ ଅଗ୍ରସର ହୋଇଥା'ନ୍ତି। ପରେ ପରେ ଅନ୍ୟ ଜୀଉମାନେ କ୍ରମାନ୍ୱୟରେ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଯାଇଥା'ନ୍ତି। ତେବେ ଶ୍ରୀଜୀଉମାନେ ଗ୍ରାମରେ ଥିବା ଦଧିବାମନ ଜୀଉଙ୍କୁ ଦର୍ଶନ କରିବା ସହ ତାଙ୍କ ମନ୍ଦିରକୁ ପ୍ରଦକ୍ଷିଣ କରିଥା'ନ୍ତି। ପରେ ଶ୍ରୀଜୀଉମାନେ ମେଳଣ ପଡ଼ିଆରେ ପ୍ରବେଶ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବସିଥା'ନ୍ତି। ଏହି ମେଳଣରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଲୋକେ ପରସ୍ପରକୁ ଅବିର ବୋଳି ସମ୍ପର୍କ ସ୍ଥାପନ କରିବା ସହ ଭାବର ଆଦାନ ପ୍ରଦାନ କରିଥାନ୍ତି। ଜିଲାର ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସି ଏଠାରେ ଦୋକାନ ଖୋଲିଥାନ୍ତି। ଅପରାହ୍ନରେ ଦଧିବାମନ ଜୀଉ ଶୋଭାଯାତ୍ରାରେ ବାହାରି କାଦୁଅ ଖେଳି ଖେଳି ମେଳଣ ପଡ଼ିଆ ଭିତରେ ପ୍ରବେଶ କରିଥା'ନ୍ତି। ସମସ୍ତ ଜୀଉଙ୍କୁ ଦର୍ଶନ କରିବା ପରେ ମେଳଣ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥା'ନ୍ତି। ମେଳଣ ପଡ଼ିଆର ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ ହୋଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମେଳଣ କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକଙ୍କ ସମେତ କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି।

**୩୨୩ ବର୍ଷରେ ଐତିହାସିକ କାଳିମେଘା ମେଳଣ**



କାଳିମେଘା ମେଳଣର ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ।




# ମିଷ୍ଟ୍ରି ସ୍ପିନର



ନିର୍ମଳ କୁମାର ମିଶ୍ର

ଆନ୍ତର୍ଜାତୀୟ କ୍ରିକେଟରେ ଏବେ ବରୁଣ ଚକ୍ରବର୍ତ୍ତୀ ଏକ ଚର୍ଚ୍ଚିତ ନାମ ପାଲଟି ଯାଇଛନ୍ତି। ସମଗ୍ର ଦେଶ ଆଜି ତାଙ୍କର ପ୍ରଦର୍ଶନକୁ ନେଇ ଗର୍ବିତ। ଭାରତକୁ ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ କରାଇବା ପଛରେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାଜୟ କରିବା ସହ ଭାରତ ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା। ୩ ମ୍ୟାଚରୁ ୯ ଉଇକେଟ ନେଇ ସେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାମିଲନାଡୁ ପାଇଁ ରଣଜୀ ଟ୍ରଫି ଏବଂ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଆଇପିଏଲ ଖେଳୁଥିବା ଏହି ୩୪ବର୍ଷୀୟ ଲେଗ ସ୍ପିନର ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଚମତ୍କାର ପ୍ରଦର୍ଶନ କରି ବିସିସିଆଇର ଦୃଷ୍ଟି ଆକର୍ଷଣ କରିବା ସହିତ ୫ଟି ମ୍ୟାଚରୁ ୧୪ଟି ଉଇକେଟ୍ ନେଇଥିଲେ। ତାମିଲନାଡୁ ପକ୍ଷରୁ ଘରୋଇ ରଣଜୀ ଟ୍ରଫିରେ ବାରମ୍ବାର ଚମତ୍କାର ପ୍ରଦର୍ଶନ କରୁଥିଲେ ମଧ୍ୟ ସିଲେକ୍ଟରମାନେ ତାଙ୍କୁ ଅଣଦେଖା କରୁଥିବାର ଦେଖାଯାଉଥିଲା। କୋଲକାତା ନାଇଟ ରାଇଡର୍ସ ତୃତୀୟ ଥର ପାଇଁ ଆଇପିଏଲ ଚାମ୍ପିୟନ ହେବାରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ଥିଲା। ବୋଲିଂ ଓ ଫିଲ୍ଡିଂରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ହ୍ୱାଇଟ ବଲ ଫର୍ମାଟରେ ୨୦୨୧ରେ ସେ ଶ୍ରୀଲଙ୍କା ବିପକ୍ଷ ଟି୨୦ ପାଇଁ ଜାତୀୟ ଦଳରେ ସାମିଲ ହୋଇଥିଲେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ମାତ୍ର ଆଇପିଏଲରେ ଭଲ ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଖେଳିଥିଲେ ଏବଂ ଷ୍ଟାର ବ୍ୟାଟର୍ସମାନଙ୍କୁ ନିଜ ସ୍ପିନ୍ ଜାଲରେ ଫସାଇ ଭାରତକୁ ୪–୧ରେ ସିରିଜ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫଳରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ଖେଳିବାର ସୁଯୋଗ ମିଳିଥିଲା। ଭାରତ ପାଇଁ ବର୍ତ୍ତମାନ ୩ଟି ଫର୍ମାଟ ପାଇଁ ସ୍ପିନରମାନଙ୍କ ସଂଖ୍ୟା କମ୍ ନାହିଁ। ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଭାରତ ୫ ସ୍ପିନର ଦଳରେ ସାମିଲ କରିଥିଲା। ମାତ୍ର ବ୍ୟକ୍ତିଗତ ପ୍ରଦର୍ଶନ ଜରିଆରେ ବରୁଣ ସମସ୍ତଙ୍କୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି।

ଏପର୍ଯ୍ୟନ୍ତ ଟେଷ୍ଟ ଖେଳିବାର ସୁଯୋଗ ପାଇନାହାନ୍ତି ବରୁଣ। ଛୋଟ ଅନ୍ତର୍ଜାତୀୟ କ୍ୟାରିୟରରେ ମାତ୍ର ୧୮ଟି ଟି୨୦ ଖେଳିଥିବା ବରୁଣ ୩୩ ଉଇକେଟ ନେଇଛନ୍ତି। ଏହା ମଧ୍ୟରେ ୨ଥର ୫ ଉଇକେଟ ସଫଳତା ସାମିଲ। ୨୦୨୦ରେ ସେ ଅଷ୍ଟ୍ରେଲିଆ ଟି୨୦ ସିରିଜ ପାଇଁ ମନୋନୀତ ହୋଇଥିଲେ ହେଁ ଆଘାତଜନିତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡିଥିଲେ। ଫେବୃଆରୀ ୨୦୨୧ରେ ଇଂଲଣ୍ଡ ବିପକ୍ଷ ଟି୨୦ସିରିଜରେ ସାମିଲ ହୋଇଥିଲେ। ୨୦୨୧ରେ ଶ୍ରୀଲଙ୍କା ବିପକ୍ଷରେ ଉଭୟ ଏକଦିବସୀୟ ଓ ଟି୨୦ ଏବଂ ପରେ ଟି୨୦ ବିଶ୍ୱକପ୍ ପାଇଁ ମନୋନୀତ ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୧୮–୧୯ ବିଜୟ ହଜାରେ ଟ୍ରଫିରେ ତାମିଲନାଡୁ ପକ୍ଷରୁ ୯ ମ୍ୟାଚ ଖେଳି ୨୨ଟି ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ। ୨୦୧୯ ଆଇପିଏଲ ସଂସ୍କରଣ ପାଇଁ କିଙ୍ଗ୍ସ ଇଲେଭେନ ପଞ୍ଜାବ ତାଙ୍କୁ ୮.୪ କୋଟିରେ ନେଇଥିଲା। ମାତ୍ର ଡେବ୍ୟୁ ମ୍ୟାଚରେ ଗୋଟିଏ ଓଭରରେ ୨୫ରନ୍ ବ୍ୟୟ କରିବା ଯୋଗୁ ପଞ୍ଜାବ ଫ୍ରାଞ୍ଚାଇଜ୍ ତାଙ୍କୁ ୨୦୨୦ ସଂସ୍କରଣରେ ଦଳରୁ ରିଲିଜ କରିଥିଲା। ୨୦୨୦ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ଅକ୍ସନ ପ୍ରକ୍ରିୟାରେ ଦଳରେ ସାମିଲ କରିବା ପରେ ଭାଗ୍ୟ ପରିବର୍ତ୍ତନ ହୋଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୫ଟି ଉଇକେଟ ନେଇ ସେ ନିଜ ଦକ୍ଷତା ଦେଖାଇଥିଲେ। କେବଳ ସେତିକି ନୁହେଁ ୨୦୨୧ ସଂସ୍କରଣରେ ସେ ସର୍ବାଧିକ ଉଇକେଟ ନେଇଥିଲେ।

ଅନ୍ୟପକ୍ଷରେ ଏକଦିବସୀୟ କ୍ୟାରିୟରରେ ସେ ୩ଟି ମ୍ୟାଚ ଖେଳି ୮ ଉଇକେଟ ନେଇଛନ୍ତି। ଚାମ୍ପିୟନ୍ସ ଟ୍ରଫିର ନ୍ୟୁଜିଲାଣ୍ଡ ବିପକ୍ଷ ଲିଗ୍ ମ୍ୟାଚରେ ୫ଟି ଉଇକେଟ ନେଇ ଭାରତକୁ ମ୍ୟାଚ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଇପିଏଲ୍‌ରେ ୨ଟି ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ୭୧ ମ୍ୟାଚରୁ ୮୩ଟି ଉଇକେଟ ନେଇ ହ୍ୱାଇଟ୍ ବଲ ଫର୍ମାଟ ପାଇଁ ଦୃଢ ଦାବିଦାର ହୋଇ ଯାଇଛନ୍ତି। ଇଂଲଣ୍ଡ ବିପକ୍ଷ ୫ଟି ଟି୨୦ ସିରିଜରେ ସେ ମୋଟ ୧୪ଟି ଉଇକେଟ ନେଇଛନ୍ତି। କ୍ରିକେଟରେ ୩ଟି ଫର୍ମାଟରେ ବର୍ତ୍ତମାନ ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ ପ୍ରଦର୍ଶନ ଆଧାରରେ ୩ଟି ଫର୍ମାଟରେ ଟିମ୍ ଇଣ୍ଡିଆରେ ସ୍ଥାନ ପାଉଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ବଡ଼ ଦାବିଦାର ଭାବେ ଉଭା ହୋଇଛନ୍ତି। ଅଫ୍‌ବ୍ରେକ, ଲେଗ୍‌ବ୍ରେକ୍, ଫ୍ଲିପର, ଗୁଗଲି, ସ୍ଲୋବଲ, କ୍ୟାରମ ବଲ ଆଦି ଗୋଟିଏ ଓଭରରେ ବୋଲିଂ କରିବାର ଦକ୍ଷତା ରଖିଥିବାରୁ ବ୍ୟାଟର୍ସମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ସ୍ଥଳେ ବ୍ରେକ ଥ୍ରୁ ଦେବାରେ ମଧ୍ୟ ସେ ସକ୍ଷମ ହେଉଛନ୍ତି। ଏପରି ବଲ କଣ୍ଟ୍ରୋଲ ଦକ୍ଷତା କମ୍ ବୋଲରଙ୍କ ପାଖରେ ରହିଥାଏ ବୋଲି ବହୁ ପୂର୍ବତନ ଖେଳାଳି କହିଛନ୍ତି। ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଭାରତ ପାଇଁ ସବୁବେଳେ ବିପଦ ସାବ୍ୟସ୍ତ ହେଉଥିବା ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍‌ଙ୍କୁ ଚାମ୍ପିୟନ୍ସ ଟ୍ରଫିର ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରେ ପାୱାର ପ୍ଲେ ମଧ୍ୟରେ ଆଉଟ୍ କରିବାରେ ସେ ପ୍ରଥମ ସ୍ପିନର ସାବ୍ୟସ୍ତ ହୋଇଥିଲେ। ଫଳ ସ୍ୱରୂପ ଭାରତୀୟ କ୍ରିକେଟ ଫ୍ୟାନମାନେ ତାଙ୍କୁ 'ଜାତୀୟ ସମ୍ପତ୍ତି' ଭାବେ ଅଭିହିତ କରିବାକୁ ପଛାଇ ନାହାନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଜଣେ ନବାଗତ ରୂପେ ପ୍ରଥମ ମ୍ୟାଚରେ ୫ଟି ଉଇକେଟ ନେବାରେ ସେ ହୋଇଥିଲେ ପ୍ରଥମ ଖେଳାଳି। ଭାରତର ଅନ୍ୟତମ ଶ୍ରେଷ୍ଠ ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀ ମଧ୍ୟ ବରୁଣଙ୍କ ଚମତ୍କାରିତାକୁ ଭୂୟସୀ ପ୍ରଶଂସା କରିବା ସହିତ ଫାଇନାଲରେ 'ଏକ୍ସ ଫାକ୍ଟର' ର ଭୂମିକା ନିର୍ବାହ କରିବେ ବୋଲି ପୂର୍ବାନୁମାନ କରିଥିଲେ।

୩୩ବର୍ଷୀୟ ଏହି ସ୍ପିନରଙ୍କ ପାଖରେ ଅସାଧାରଣ ଦକ୍ଷତା ରହିଛି। ୨୦୨୬ ଟି୨୦ ବିଶ୍ୱକପ, ୨୦୨୭ ଏକଦିବସୀୟ ବିଶ୍ୱକପ ଦଳରେ ସାମିଲ ହେବା ପାଇଁ ସେ ନିଜକୁ ପ୍ରସ୍ତୁତ କରିବେ। ତେବେ ୨୦୨୫ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଖେଳିବାକୁ ଥିବା ୧୨ଟି ଗ୍ରୁପ୍ ମ୍ୟାଚରେ ସେ କିପରି ପ୍ରଦର୍ଶନ କରୁଛନ୍ତି ତା' ଉପରେ ସମସ୍ତଙ୍କର ନଜର ରହିବ। ଉପଯୁକ୍ତ ସ୍ପିନିଂ ଟ୍ରାକ୍‌ରେ ଏପରି କି ରେଡ୍ ବଲ ଫର୍ମାଟରେ ମଧ୍ୟ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିବାର ଦକ୍ଷତା ତାଙ୍କ ନିକଟରେ ରହିଛି। ୨୦୨୩ ଆଇପିଏଲ୍‌ରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଖେଳି ୧୪ ମ୍ୟାଚରୁ ୨୦ଟି ଉଇକେଟ ନେଇଥିବା ବେଳେ ୨୦୨୪ ସଂସ୍କରଣରେ ୧୫ଟି ମ୍ୟାଚରୁ ମୋଟ ୨୧ ଉଇକେଟ ହାସଲ କରିଥିଲେ। କଠିନ ଅଧ୍ୟବସାୟ ଓ ନିଜ ଦକ୍ଷତା ଉପରେ ବିଶ୍ୱାସ ରଖି ଖୁବ୍ ଛୋଟ ହ୍ୱାଇଟ ବଲ କ୍ୟାରିୟର ମଧ୍ୟରେ କ୍ରିକେଟଜଗତର ହୃଦୟ ଜିତିଥିବା ଏହି ଭେଟେରାନ ସ୍ପିନରଙ୍କ ଭବିଷ୍ୟତ ଯେ ଉଜ୍ଜ୍ୱଳମୟ ଏଥିରେ ଦ୍ୱିମତ ନାହିଁ।



ବରୁଣ ଚକ୍ରବର୍ତ୍ତୀ

**ଗୋଟିଏ ଓଭରରେ ଅଫ୍‌ବ୍ରେକ୍, ଲେଗ୍‌ବ୍ରେକ୍, ଫ୍ଲିପର, ଗୁଗ୍‌ଲି, ସ୍ଲୋବଲ, କ୍ୟାରମ୍ ବଲ ଆଦି ବୋଲିଂ କରିବାର ଦକ୍ଷତା ରଖିଥିବା ମିଷ୍ଟ୍ରି ସ୍ପିନର ହେଲେ ଭାରତର ବରୁଣ ଚକ୍ରବର୍ତ୍ତୀ। ତାଙ୍କ ନିକଟରେ ଥିବା ବିଚକ୍ଷଣ ବଲ କଣ୍ଟ୍ରୋଲ ଦକ୍ଷତା କମ୍ ବୋଲରଙ୍କ ପାଖରେ ରହିଥାଏ ବୋଲି ବହୁ ପୂର୍ବତନ ଖେଳାଳି ମତପ୍ରକାଶ କରିଛନ୍ତି...**

## ଅକ୍ଷରଙ୍କ ଉପରେ ନଜର

ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ। ଏଥିପାଇଁ ବିଭିନ୍ନ ଫ୍ରାଞ୍ଚାଇଜ୍ କମ୍ବିନେଶନକୁ ଦୃଷ୍ଟିରେ ଦଳ ସଜାଡ଼ିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରିଷଭ ପନ୍ତ ଦଳ ପରିବର୍ତ୍ତନ କରିଥିବାରୁ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ କିଏ ହେବେ ତା' ଉପରେ ଚର୍ଚ୍ଚା ଲାଗି ରହିଛି। ଫ୍ରାଞ୍ଚାଇଜ୍‌ର ପ୍ରଥମ ପସନ୍ଦ ଲୋକେଶ ରାହୁଲ ମନା କରିଦେବାରୁ ଏବେ ଅକ୍ଷର ପଟେଲଙ୍କ ଉପରେ ନଜର କେନ୍ଦ୍ରୀଭୂତ ହୋଇଛି। ଫଳରେ ଭାରତକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି



ଜିତାଇବାରେ ବଡ଼ ଭୂମିକା ଗ୍ରହଣ କରିଥିବା ଅକ୍ଷର ଏବେ ଦିଲ୍ଲୀ ଦଳର ଗୁରୁ ଦାୟିତ୍ୱ ନେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଗତ ସିଜନରେ ସ୍ଲୋ ଓଭରରେଟ୍ ପାଇଁ ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଏହି ଅଲ୍‌ରାଉଣ୍ଡର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷ ଗୋଟିଏ ମ୍ୟାଚ୍‌ରେ ଦିଲ୍ଲୀ ନେତୃତ୍ୱ ନେଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ଆସନ୍ତା ୨୪ ତାରିଖରେ ବିଶାଖାପାଟଣାଠାରେ ତା'ର ପ୍ରଥମ ମ୍ୟାଚରେ ଏଲଏସ୍‌ଜିକୁ ଭେଟିବ। ପ୍ରକାଶ ଯୋଗ୍ୟ ଯେ, ଅକ୍ଷର ୨୦୧୯ଠାରୁ ଦିଲ୍ଲୀ ଦଳ ସହିତ ଅଛନ୍ତି। ତାଙ୍କୁ ଗତବର୍ଷ ଆଇପିଏଲ ମେଗା ଅକ୍ସନ ପୂର୍ବରୁ ୧୮ କୋଟି ଟଙ୍କାରେ ରିଟେନ କରାଯାଇଥିଲା। ସେ ଆଇପିଏଲରେ ମୋଟ ୧୫୦ ମ୍ୟାଚ୍ ଖେଳି ୧୩୦.୮୮ ଷ୍ଟ୍ରାଇକ୍‌ରେଟ୍‌ରେ ୧,୬୫୩ ରନ୍ କରିବା ସହ ୭.୨୮ ଇକୋନୋମି ରେଟ୍‌ରେ ୧୨୩ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ଅକ୍ସନରେ ୧୪ କୋଟି ଟଙ୍କାରେ କିଣା ଯାଇଥିବା ରାହୁଲ ଏହି ସିଜନରେ କେବଳ ଜଣେ ବ୍ୟାଟରଭାବେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ପୂର୍ବରୁ ପଞ୍ଜାବ କିଙ୍ଗ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଦଳର ନେତୃତ୍ୱ ନେଇଥିଲେ।

# ଗମ୍ଭୀରଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ

**ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପରିବର୍ତ୍ତନକୁ ବିଶେଷ ପସନ୍ଦ କରନ୍ତି ନାହିଁ ବୋଲି ତାଙ୍କୁ ନିକଟରୁ ଜାଣିଥିବା ବ୍ୟକ୍ତିମାନେ ପ୍ରକାଶ କରିଥାନ୍ତି। ମାତ୍ର ଯେତେବେଳେ କ୍ରିକେଟ କଥା ଉଠେ, ସେତେବେଳେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ବିଭିନ୍ନ କୌଶଳକୁ ସଫଳ ରୂପ ଦେବାପାଇଁ ତାଙ୍କ ମୁଣ୍ଡ ସର୍ବଦା ବ୍ୟସ୍ତ ରହିଥାଏ...**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପରିବର୍ତ୍ତନକୁ ବିଶେଷ ପସନ୍ଦ କରନ୍ତି ନାହିଁ ବୋଲି ତାଙ୍କୁ ନିକଟରୁ ଜାଣିଥିବା ବ୍ୟକ୍ତିମାନେ ବର୍ଣ୍ଣନା କରିଥାନ୍ତି। ସେ ଏପରି ଜଣେ ବ୍ୟକ୍ତି, ଯିଏ କି ଦୀର୍ଘ ୨୦ ବର୍ଷ ହେଲା ନିଜ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣିନାହାନ୍ତି। ଏପରି କି ସେ ଅନେକ ଦିନଧରି ସମାନ ପୋଷାକ ମଧ୍ୟ ପରିଧାନ କରିଆସୁଛନ୍ତି। ମାତ୍ର ଯେତେବେଳେ କ୍ରିକେଟ କଥା ଉଠେ, ସେତେବେଳେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ବିଭିନ୍ନ କୌଶଳକୁ ରୂପାୟନ କରିବା ପାଇଁ ତାଙ୍କ ମୁଣ୍ଡ ସର୍ବଦା ବ୍ୟସ୍ତ ରହିଥାଏ। ଗତ ଜୁଲାଇରେ ଭାରତର ଟି୨୦ ବିଶ୍ୱକପ୍ ବିଜୟ ସହ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଗମ୍ଭୀର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ଇତିମଧ୍ୟରେ ଦାୟିତ୍ୱକୁ ୮ ମାସ ପୂରିଯାଇଛି। ଏହାମଧ୍ୟରେ ଦିଲ୍ଲୀ ପୁରୁଣା ରାଜିନ୍ଦର ନଗର ବାସିନ୍ଦା ଗମ୍ଭୀର ଅନେକ ଘାତପ୍ରତିଘାତ ଓ ସଫଳତାର ସାକ୍ଷୀ ପାଲଟିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିଥିବାବେଳେ କ୍ରମାଗତ ଭାବେ ୬ ଟେଷ୍ଟରେ ପରାଜୟ ସ୍ୱାଦ ଚାଖିଛି। ଚାମ୍ପିୟନ୍ସ ଟ୍ରଫି ବିଜୟ ତାଙ୍କ କୋଚିଂ କ୍ୟାରିୟରକୁ ନୂଆ ଜୀବନ ଦେଇଛି। ଆଗାମୀ ଦୁଇବର୍ଷରେ ତାଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ଆସିବାକୁ ଯାଉଛି। ଏହା ମଧ୍ୟରେ ଭାରତୀୟ ଦଳରେ ଅନେକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

କହିଲେ ଅତ୍ୟୁକ୍ତି ହେବନାହିଁ ଯେ, ଗମ୍ଭୀର ନିଜ ପ୍ରୋବେଶନ ପିରିୟଡ୍ ଶେଷ କରିଛନ୍ତି। ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଟୁର୍‌ଠାରୁ ତାଙ୍କୁ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଆଗକୁ ଆସୁଛି ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)। ଏହାପରେ ଦଳକୁ ପ୍ରସ୍ତୁତ କରିବାକୁ ଆଉ ବେଶି ସମୟ ରହିବନାହିଁ। ତାଙ୍କ ପାଇଁ ଦ୍ୱିତୀୟ ବଡ଼ ଚ୍ୟାଲେଞ୍ଜ ହେବ ୨୦୨୬ ଟି୨୦ ବିଶ୍ୱକପ୍। ଏହା ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେବ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳ ଟାଇଟଲ ଡିଫେଣ୍ଡ ପାଇଁ ଖେଳିବ। ତୃତୀୟ ଏବଂ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ୨୦୨୭ ଦିନିକିଆ କ୍ରିକେଟ ବିଶ୍ୱକପ୍। ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ଏହି ମେଗା ପ୍ରତିଯୋଗିତା ପାଇଁ ଗମ୍ଭୀରଙ୍କୁ ଭିନ୍ନଭାବେ ଦଳକୁ ପ୍ରସ୍ତୁତ କରିବାକୁ ପଡ଼ିବ।

ଗମ୍ଭୀର ଇତିମଧ୍ୟରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଏକ କୋର୍ ଟି୨୦ ଦଳ ଗଠନ କରିସାରିଛନ୍ତି। ସେଥିପାଇଁ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଏହି ଫର୍ମାଟ୍‌ରୁ ଅବସର ନେଇସାରିଥିଲେ ମଧ୍ୟ ଏହି ସଂକ୍ଷିପ୍ତ ଫର୍ମାଟ୍‌ରେ ଦଳ ଉପରେ ଏହାର ବିଶେଷ ପ୍ରଭାବ ପଡୁନାହିଁ। ଅଭିଷେକ ଶର୍ମା ହେଉଛନ୍ତି ତାଙ୍କର ନୂଆ ଆବିଷ୍କାର। ବିଶ୍ୱ ଟି୨୦ରେ ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ୍ ବୁମ୍ରା ଯେଉଁ ୮ ଓଭର ବୋଲିଂ କରୁଛନ୍ତି ତାହା ପ୍ରତିପକ୍ଷ ବ୍ୟାଟରଙ୍କ ପାଇଁ ଦୁଃସ୍ୱପ୍ନ ସଦୃଶ ହୋଇଯାଉଛି। ସଞ୍ଜୁ ସାମ୍‌ସନ ନିଜ ଶ୍ରେଷ୍ଠ ପ୍ରଦର୍ଶନକୁ ଫେରିଥିବାବେଳେ ରିଷଭ ପନ୍ତ ଓ ଯଶସ୍ୱୀ ଜୟସ୍ୱାଲ ଏଥିରେ ସାମିଲ ଅଛନ୍ତି। ଅର୍ଶଦୀପ ସିଂ ପାୱାର ପ୍ଲେରେ ବିଚକ୍ଷଣ ଉଇକେଟ ହାସଲକାରୀ ସାବ୍ୟସ୍ତ ହୋଇଥିବାବେଳେ ୩ ସିମ୍ ଅଲ୍‌–ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ନୀତିଶ କୁମାର ରେଡ୍ଡୀ ଓ ଶିବମ୍ ଦୁବେ ଯେକୌଣସି ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ। ଟି୨୦ରେ ସୂର୍ଯ୍ୟ, ଅକ୍ଷର ଓ ହାର୍ଦ୍ଦିକ ସର୍ବଦା ଉପାଦେୟ ରହିଛନ୍ତି। ମାତ୍ର ଅନ୍ୟ ୨ ଫର୍ମାଟ୍‌ରୁ ଫଳାଫଳ ପାଇଁ ଗମ୍ଭୀରଙ୍କୁ ଅଧିକ ମୁଣ୍ଡ ଖଟାଇବାକୁ ପଡ଼ିବ। ନିକଟରେ ଦିନିକିଆରୁ ଅବସର ନେଉନାହାନ୍ତି ବୋଲି ରୋହିତ ଓ ବିରାଟ ସ୍ପଷ୍ଟ କରିଛନ୍ତି। ଅବସର ବ୍ୟକ୍ତିଗତ ନିଷ୍ପତ୍ତି ହୋଇଥିବାବେଳେ ଉଭୟ ଖେଳାଳି ଚାମ୍ପିୟନ୍ସ ଟ୍ରଫିରେ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ୨୦୨୭ ବିଶ୍ୱକପ୍‌ରେ ଗମ୍ଭୀରଙ୍କ ନିକଟରେ ୪ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ଖେଳିବା ସୁଯୋଗ ନ ଥିବ। ତେଣୁ ୨୪୦–୨୫୦ ରନ୍ କରିଲେ ମଧ୍ୟ ସ୍ପିନରଙ୍କୁ ନେଇ ମ୍ୟାଜିକ୍ ଫଳାଫଳ ଆଶା କରିବା ସମ୍ଭବ ହେବନାହିଁ। କୋହଲି ଏବେ ଦଳରେ ଜଣେ ଆଙ୍କରଠାରୁ ଅଧିକ କିଛି ଭୂମିକା ନିଭାଉଛନ୍ତି। ରୋହିତ ନିକଟରେ ଅବସର ନେବେନାହିଁ ବୋଲି କହିଥିଲେ ହେଁ ୨୦୨୭ ବିଶ୍ୱକପ୍ ଖେଳିବେ କି ନାହିଁ ସେ ସମ୍ପର୍କରେ ମଧ୍ୟ କିଛି ସ୍ପଷ୍ଟ କରିନାହାନ୍ତି। ତେଣୁ ଏ କ୍ଷେତ୍ରରେ ଗମ୍ଭୀରଙ୍କୁ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ପଡ଼ିବ। ଦିନିକିଆ ବିଶ୍ୱକପ୍ ପୂର୍ବରୁ ଭାରତ ୨୭ଟି ଏକଦିବସୀୟ ଖେଳିବା କାର୍ଯ୍ୟସୂଚୀ ରହିଛି। ତେଣୁ ଏ କ୍ଷେତ୍ରରେ ରୋହିତ,କୋହଲି ଓ ଜାତୀୟ ଚୟନ କମିଟିଠାରୁ ଗମ୍ଭୀର ଅଧିକ କ୍ଲାରିଟି ଚାହିଁବା ଅସମ୍ଭବ ନୁହେଁ।

ଭାରତୀୟ ଦଳର ପରବର୍ତ୍ତୀ ଅଧିନାୟକ କିଏ ହେବ ତାହା ମଧ୍ୟ ଗମ୍ଭୀରଙ୍କ ପାଇଁ ଆଉ ଏକ ସମସ୍ୟା ଛିଡ଼ା କରିବ। ଶୁବମନ ଗିଲ୍ ଜଣେ ଭଲ ଦିନିକିଆ ଖେଳାଳି ଏବଂ ସେ ରୋହିତଙ୍କ ଡେପୁଟି ଅଛନ୍ତି। ଅନ୍ୟପକ୍ଷରେ ହାର୍ଦ୍ଦିକ ଜଣେ ଭଲ ଲିଡର। କୋଚ୍‌ଙ୍କ ରଣନୀତିକୁ କାର୍ଯ୍ୟକାରୀ କରିବା ତାଙ୍କୁ ଭଲଭାବେ ଜଣା। ଆଶିଷ ନେହେରାଙ୍କ ପ୍ରଶିକ୍ଷଣରେ ଗୁଜରାଟ ଟାଇଟନ୍ସ ଦଳରେ ସେ ତାହା କରିଦେଖାଇଛନ୍ତି। ଏକ ଭଲ ଟେଷ୍ଟ କ୍ରିକେଟ ଦଳ ଗଠନ ଗମ୍ଭୀରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭାହେବ। ଯଦି ରୋହିତ ଖେଳିବେ ଏବଂ ଜୟସ୍ୱାଲ ଓ ରାହୁଲ ଟପ୍–୩ରେ ରହିବେ ତେବେ ଶୁବମନ ଗିଲ୍‌ଙ୍କୁ କେଉଁ ସ୍ଥାନରେ ନିଆଯିବ। ବୁମ୍‌ରାଙ୍କ ସହ ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କୁ ସେ ଏକାଠି ଖେଳାଇବେ କି ନାହିଁ ତାହା ଉପରେ ମଧ୍ୟ ନଜର ରହିବ। ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଥିବା କରୁଣ ନାୟାରଙ୍କୁ ସେ ଖେଳାଇବେ ନା ଶ୍ରେୟସ ଆୟର ନିଜ ଟେଷ୍ଟ ସ୍ଥାନ ବଜାୟ ରଖିବେ ତାହା ମଧ୍ୟ ସମସ୍ୟାଭାବେ ଉଭାହେବ। ଏ କ୍ଷେତ୍ରରେ ତାଙ୍କୁ ଅନେକ କଠିନ ନିଷ୍ପତ୍ତି ନେବାକୁ ପଡ଼ିବ।



## ଯଶ

ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ
ଚାମ୍ପିୟନ୍ସ ଟ୍ରଫି ଶେଷ
ଚାମ୍ପିୟନ ଟିମ୍ ଇଣ୍ଡିଆ ବଧାଇ
ଫୁଟାଇଲା ମୁଖେ ହସ
ଧନ୍ୟ ମୋ ଭାରତବର୍ଷ
ଟିମ୍ ସ୍ପିରିଟ ପାଇଁ ରୋହିତ ସେନା ଆଜି
ରଚିଲେ ଗୋଲ୍ଡେନ ଯଶ।



ବିଜୟକୁ ନେଇ ମହାରାଷ୍ଟ୍ର ଡାକ
ନିଉ ଷ୍ଟାମ୍ପ କଲା ଜାରି
କ୍ୟାନସଲେଶନ ଏ ଷ୍ଟାମ୍ପ ବଢାଏ
କ୍ରୀଡ଼ା ଉତ୍କର୍ଷର ଡୁରୀ
ଜାତୀୟ ଗୌରବ ଶିରୀ
ଦର୍ଶାଉଛି କହେ ଅଭିତାଭ ସିଂ
ଡାକ ଇସ୍ତାହାର ଧରି।
ଆଇସିସି ୱାନ୍‌ଡେ ର୍‍ୟାଙ୍କିଂରେ ଯୁବ
ଶୁବମନ ଗିଲ୍ ଏକ
ଫେବୃଆରୀ ମାସ ପ୍ଲେୟର
ଅଫ୍ ଦି ମନ୍ଥ
ଗିଲ୍ ପୁଣି ହେଲା ଲେଖ
ଗ୍ଲେନ୍, ସ୍ମିଥ୍ ଖାଇ ସେକ
ଏ ପୁରସ୍କାରରୁ ପଛରେ ପଡ଼ିଲେ
ୟଙ୍ଗ ଜମାନା ଦେଖ।

–ସୁବାସ ଚନ୍ଦ୍ର ପ୍ରଧାନ

# ପୋଲାଭରମ ପ୍ରସଙ୍ଗରେ ଗୃହ ଅଚଳ

## କୋର୍ଟରେ ବିଚାରାଧୀନ ଥିବାରୁ ମୁଲତବୀ ପ୍ରସ୍ତାବ ଗ୍ରହଣ କଲେନି ବାଚସ୍ପତି

- ରାଜ୍ୟ ସ୍ୱାର୍ଥ କଥା ଉଠାଇବାକୁ ଭାଜପାର ୨୦ ଏମ୍‌ପିଙ୍କ ଦମ୍ ନାହିଁ: ଅରୁଣ
- ବିଜେଡି ସରକାର ସମୟରେ ପୋଲାଭରମ ପ୍ରକଳ୍ପ ଆରମ୍ଭ ହୋଇଛି: ନରସିଂହ ମାଡ଼କାମୀ

ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)

ଏକାଧିକ ଥର ମୁଲତବୀ ଭିତରେ ଗୁରୁବାର ବିଧାନସଭାର ପ୍ରଥମାର୍ଦ୍ଧ ଅଧିବେଶନ ଶେଷ ହୋଇଛି। ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ମୁଲତବୀ ପ୍ରସ୍ତାବ ଆଲୋଚନା ଲାଗି ଥିବା ସମୟରେ ଗୃହ ବାରମ୍ବାର ବନ୍ଦ ହୋଇଥିଲା। ପ୍ରାରମ୍ଭରେ ପୋଲାଭରମ ପ୍ରସଙ୍ଗ ଉଠାଇ ବିରୋଧୀ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ଏହି ସମୟରେ ବାଚସ୍ପତି ସୁରମା ପାଢ଼ୀ ପ୍ରଥମେ ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଯିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ବିଜେଡି ସଭ୍ୟମାନେ ସ୍ଲୋଗାନ ଜାରି ରଖିଥିଲେ। ଫଳରେ ବାଚସ୍ପତି ଗୃହକୁ ପ୍ରଥମେ ୧୦ଟା ୩୩ରୁ ୧୧ଟା ୩୩ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହାପରେ ୧୧ଟା ୩୩ ମିନିଟ୍ ସମୟରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ପୁନର୍ବାର ବିରୋଧୀ ଗୃହ ମଧ୍ୟଭାଗକୁ ଆସିବା ବେଳକୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୪୨ ମିନିଟ୍ ଅର୍ଥାତ୍ ୧୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ବନ୍ଦ ରଖିଥିଲେ। ଏହାପରେ ୧୨ଟା ୧୫ରୁ ଆଉ ୧୫ ମିନିଟ୍ ଅର୍ଥାତ୍ ୧୨ଟା ୩୦ ପର୍ଯ୍ୟନ୍ତ ଗୃହ ମୁଲତବୀ ରଖାଯାଇଥିଲା। ବିରୋଧୀ ଦଳ ସଦସ୍ୟମାନେ ପୋଲାଭରମ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ହେଲେ ବାଚସ୍ପତି ୧୨ଟା ୩୦ ମିନିଟ୍ ସମୟରେ ଏହା ଉପରେ ଜବାବ ରଖି କହିଥିଲେ, ପୋଲାଭରମ ପ୍ରସଙ୍ଗ ଯେହେତୁ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି, ତେଣୁ ଏହି ବିଷୟ ଗୃହରେ ଆଲୋଚନା କରାଯାଇପାରିବ ନାହିଁ। ତେବେ କଂଗ୍ରେସ ସଦସ୍ୟମାନେ ପ୍ରଶ୍ନକାଳକୁ ବୟକଟ୍ କରି ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସିଥିଲେ।

ଏହାପରେ ଗୃହ ବାହାରେ ପୋଲାଭରମ ପ୍ରସଙ୍ଗକୁ ନେଇ ବିଜେଡି ଏବଂ ଭାଜପା କର୍ମୀମାନେ ମୁହାଁମୁହିଁ ହୋଇଥିଲେ । ଏହି ପ୍ରସଙ୍ଗରେ ଉଭୟ ଦଳର ସଦସ୍ୟ ପରସ୍ପରର ଗୋହି ଖୋଲାଖୋଲି ହୋଇଥିଲେ । ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଭାଜପା ସରକାର ରହିଛି। ଆନ୍ଧ୍ର ପ୍ରଦେଶରେ ମଧ୍ୟ ଭାଜପା ସମର୍ଥିତ ସରକାର ରହିଛି। ପୋଲାଭରମ ପ୍ରସଙ୍ଗରେ ବିଜେଡି ମୁଲତବୀ ପ୍ରସ୍ତାବ ଆଣିଥିଲା। ଏ ପର୍ଯ୍ୟନ୍ତ ଆନ୍ଧ୍ର ସରକାର ସହ ଓଡ଼ିଶା ସରକାର ପୋଲାଭରମ ପ୍ରକଳ୍ପରେ ରାଜ୍ୟରେ ହେଉଥିବା କ୍ଷତି କଥା ନେଇ ଆଲୋଚନା କଲେନାହିଁ। ମୁଲତବୀ ପ୍ରସ୍ତାବ କିନ୍ତୁ ଗୃହରେ ଗ୍ରହଣ କରାଗଲା ନାହିଁ। ଏହି ପ୍ରସଙ୍ଗ କୋର୍ଟରେ ବିଚାରାଧୀନ ଥିବା ଯୋଗୁ ଏ ବିଷୟ ଗ୍ରହଣ କରାଯାଇ ନ ଥିବା ସେ କହିଛନ୍ତି। ପୋଲାଭାରମ ଘଟଣା ଯଦି ବିଚାରାଧୀନ ରହିଛି, ତେବେ କେନ୍ଦ୍ର ସରକାର ୨ ଦଫାରେ ସେହି ପ୍ରକଳ୍ପ ଲାଗି



କିପରି ୧୬ ହଜାର କୋଟି ଟଙ୍କା ପ୍ରଦାନ କଲେ। ଏହା କ'ଣ ବିଚାରାଧୀନ ବିଷୟକୁ ବ୍ୟାହତ କରୁ ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହି ପ୍ରକଳ୍ପ କାର୍ଯ୍ୟ ଜୋର୍‌ଦାର ଭାବେ ଚାଲିଛି। ରାଜ୍ୟ ସରକାର ଡରିକି ପଛଘୁଞ୍ଚା ଦେଉଛନ୍ତି। ଦିଲ୍ଲୀରେ ଯେହେତୁ ଭାଜପାର ୨୦ ଜଣ ଯାକ ଏମ୍‌ପିଙ୍କ କହିବାର ସାହସ ନାହିଁ ଓ ରାଜ୍ୟରେ ଦୁର୍ବଳ ସରକାର ଥିବାରୁ ସେଥିଲାଗି ଦିଲ୍ଲୀରେ ରାଜ୍ୟ ସ୍ୱାର୍ଥ କଥା ଉଠାଇବାକୁ ସେମାନଙ୍କ ସାହସ ପାଉନାହାନ୍ତି। ଆନ୍ଧ୍ର କୋଟିଆରେ ଓ ପୋଲାଭରମ ପ୍ରକଳ୍ପର ଉଚ୍ଚତା ବୃଦ୍ଧିକରି ଓଡ଼ିଶା ସରକାରଙ୍କୁ ଲୁଟି ଚାଲିଛି ବୋଲି ଅରୁଣ କହିଛନ୍ତି।

ଭାଜପା ବିଧାୟକ ନରସିଂହ ମାଡକାମି କହିଛନ୍ତି, ବିଜେଡି ପାଖରେ କୌଣସି ରାଜନୈତିକ ପ୍ରସଙ୍ଗ ନାହିଁ। ସେମାନଙ୍କ ସରକାର ସମୟରେ ୨୦୦୪ରେ ଏହି ପୋଲାଭରମ ପ୍ରକଳ୍ପ ଆରମ୍ଭ ହୋଇଥିଲା। ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ବିଜେଡିର ଥିଲେ। ସେମାନେ ବର୍ତ୍ତମାନ ଯେଉଁ ମାଲକାନାଗିରି ଜିଲାର ମୋଟୁ ଅଞ୍ଚଳ ଲୋକଙ୍କ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି ୨୪ ବର୍ଷ କାଳ ଦୃଷ୍ଟିବାନ୍ଧିକି ଥିଲେ। ଏତେ ଦିନ ଭିତରେ ସର୍ଭେ କିମ୍ବା କ୍ଷୟକ୍ଷତିର ଆକଳନ କିଛି କଲେ ନାହିଁ। ଆନ୍ଧ୍ର ସରକାର ସେତେବେଳେ ୫୦ରୁ ଅଧିକ ଚିଠି ବିଜେଡି ସରକାରକୁ କରିଥିଲେ। ଆନ୍ଧ୍ର ସରକାର ସେତେବେଳେ କ୍ଷୟକ୍ଷତି ଆକଳନ ଲାଗି ମଧ୍ୟ ପଚାରିଥିଲେ, ହେଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଥରୁଟିଏ ସେଠାକୁ ଗଲେ ନାହିଁ। ଆଜି ମୋଟୁ ଅଞ୍ଚଳବାସୀଙ୍କ ପାଇଁ ଦୁଃଖ ପ୍ରକାଶ କରୁଛନ୍ତି। ପୋଲାଭରମ ପ୍ରକଳ୍ପର ୯୦ ଭାଗ କାମ ଶେଷ ହୋଇସାରିଲାଣି, ଆଉ ୧୦ ଭାଗ କାମ ଅଛି। ହେଲେ ବିଜେଡି ପାଖରେ କେଉଁ ଅଞ୍ଚଳର କ୍ଷୟକ୍ଷତି ହେବ ତା'ର କିଛି ରିପୋର୍ଟ ନାହିଁ। ବିଜେଡି ସରକାର ପାଇଁ ଏହି ଦଶା ଭୋଗିବାକୁ ପଡୁଛି ବୋଲି ନରସିଂହ କହିଛନ୍ତି।

# ପ୍ରଶାସନ ସହଯୋଗରେ ରାଜା ରାଜ୍ କରୁଥିଲେ

- ରାଜାଙ୍କ ଗିରଫ ପରେ ରାଜନୈତିକ ପ୍ରତିକ୍ରିୟା
- ପୂର୍ବତନ ଜିଲାପାଳ, ଏସ୍‌ପିଙ୍କୁ ଟାର୍ଗେଟ୍‌କଲେ ବଦ୍ରି

କେନ୍ଦୁଝର, ୧୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଜେଡି ଯୁବ ନେତା ସୌମ୍ୟଶଙ୍କର ଓରଫ୍ ରାଜା ଚକ୍ରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ଏଭଳି ପଦକ୍ଷେପକୁ ଭାଜପା ତଥା ଅନ୍ୟ ଦଳର ନେତା ଓ କର୍ମୀମାନେ ସ୍ୱାଗତ ଜଣାଇଥିବା ବେଳେ ଅଳ୍ପ ଦିନରେ କିଭଳି ନିଜର ପ୍ରଭାବ ବିସ୍ତାର କରି ଏତେ ସମ୍ପତ୍ତିର ମାଲିକ ହେଲେ, ସେ ନେଇ ତନାଘନା ଚାଲିଛି। ଇତିମଧ୍ୟରେ ବିଜେଡିର ବରିଷ୍ଠ ନେତା ତଥା ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଘଟଣାକୁ ସ୍ୱାଗତକରି ତତ୍କାଳୀନ ଜିଲାପାଳ ଓ ଏସ୍‌ପିଙ୍କୁ ସମ୍ପୂର୍ଣ୍ଣ ଦାୟୀକରି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି। ଯେଉଁ ଦଳର ହୁଅନ୍ତୁ ନା କାହିଁକି ଯିଏ ଘଟଣାରେ ସାମିଲ ଅଛନ୍ତି, ସେମାନଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବଦ୍ରିଙ୍କ ଏଭଳି ମନ୍ତବ୍ୟ ପରେ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ବଦ୍ରି କହିଛନ୍ତି, ରାଜା ଯେମିତି କଲେ ସେମିତି ଭୋଗିଲେ। କେନ୍ଦୁଝର ଜିଲାରେ ଜିଲାପାଳ ଓ ଏସ୍‌ପି ରାଜାଙ୍କ ପକେଟରେ ଥିଲେ। ପ୍ରଶାସନ ସହଯୋଗରେ ରାଜା ରାଜ୍ କରୁଥିଲେ। ବିଭିନ୍ନ ଘଟଣାକୁ ନେଇ ଅସ୍ଥିରତା ସୃଷ୍ଟି କରୁଥିଲେ। ଏଣୁ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରକୁ ଅଣାଗଲେ ଟଙ୍କା କୁଆଡ଼େ ଗଲା ପଦାକୁ ଆସିବ। ଏ ନେଇ ନିର୍ବାଚନ ପୂର୍ବରୁ ଏକ ଗୁପ୍ତ ରିପୋର୍ଟ ତତ୍କାଳୀନ ୫-ଟି ସଚିବଙ୍କୁ ପ୍ରଦାନ କରିଥିଲେ ବୋଲି ଘଷିପୁରା ବିଧାୟକ ବଦ୍ରି ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତଦେଇ ଏହା କହିଛନ୍ତି। ଉକ୍ତ କାରଣରୁ ଦଳର କ୍ଷତି ହେଲା ଓ ନିର୍ବାଚନରେ ଦଳ ପରାଜୟର ଏହା ଅନ୍ୟ ଏକ କାରଣ ହୋଇଛି ବୋଲି ମଧ୍ୟ ସେ କହିଛନ୍ତି।

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ କହିଛନ୍ତି, ରାଜାଙ୍କ ପଛରେ ସେ ସମୟର ସରକାର ଓ ପ୍ରଶାସନର ହାତ ଥିଲା। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ରହିଛି, କୌଣସି କମିଶନଙ୍କୁ କେହି ୧୦ ମିନିଟ୍ ଅଟକାଇ ପାରିବେ ନାହିଁ। କିନ୍ତୁ ଲୋଡିଂ ସୋସାଇଟିର ସ୍ଥାନୀୟ ଲୋକଙ୍କୁ ଅବହେଳା ଅଭିଯୋଗର ଶୁଣାଣି ପାଇଁ ଅନୁସୂଚିତ ଜନଜାତି କମିଶନ ଉକ୍ତ ଅଞ୍ଚଳକୁ ଯାଇଥିଲେ। ସେଠାରେ ତାଙ୍କୁ ଅଟକାଯାଇଥିଲା। ଏଥିପାଇଁ ସେ ସମୟର ଜିଲାପାଳ ଓ ଏସ୍‌ପି ନିଲମ୍ବିତ ହେବା କଥା। କିନ୍ତୁ କରାଗଲା ନାହିଁ। ଏଣୁ ରାଜାଙ୍କ ଉପରେ ପ୍ରଶାସନ ଓ ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସ୍ପଷ୍ଟ ହୋଇଥିଲା। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନାୟକ ଦାବି କରିଛନ୍ତି।

ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ସୁବର୍ଣ୍ଣ ନାୟକ କହିଛନ୍ତି, ଉକ୍ତ ସୋସାଇଟିରେ ବେଆଇନ କାମ ଚାଲିଥିବା ନେଇ ୨୦୨୧ରେ ଅଭିଯୋଗ ପରେ ଜିଲା ସମବାୟ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ଅଡିଟ୍‌ରେ ବହୁ ଟଙ୍କାର ଆର୍ଥିକ ଅନିୟମିତତା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ରିପୋର୍ଟକୁ ନେଇ ପ୍ରଶାସନ କିମ୍ବା ସମବାୟ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ରିପୋର୍ଟକୁ ଗୁରୁତ୍ୱ ଦେଇଥିଲେ ବଡ଼ ଧରଣର ଆର୍ଥିକ ଅନିୟମିତତା ହୋଇ ନ ଥାନ୍ତା। ଅଡିଟ୍‌ରେ ୧୧ ଲକ୍ଷ ଟଙ୍କା ଆର୍ଥିକ ଅନିୟମିତତା ହୋଇଥିବା ଦର୍ଶାଇଯାଇଥିଲା। ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏବେ ୩୫ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା କୁହାଯାଇଛି। ଏଣୁ ପ୍ରଶାସନ ଚାପରେ ଅନିୟମିତତା କମ୍ ଦର୍ଶାଯାଇଥିଲା। ଏଣୁ ୨୦୦୦ରୁ ଚାଲିଆସୁଥିବା ଆର୍ଥିକ ଅନିୟମିତତା ଯାଞ୍ଚ କରାଯାଉ। ରାଜାଙ୍କ ଖାତାରୁ କେଉଁ ବିଧାୟକଙ୍କ ଖାତାକୁ ଟଙ୍କା ଯାଇଛି ତାହାର ବି ଯାଞ୍ଚ ହେଉ ବୋଲି ନାୟକ ଦାବି କରିଛନ୍ତି।

# ତାରାଙ୍କ ନିଲମ୍ବନ ନେଇ ଯୁବ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ




କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନିଲମ୍ବନ ନେଇ ଗୁରୁବାର ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ କରାଯାଉଛି।

ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ବିଧାନସଭାରୁ ୭ ଦିନ ପାଇଁ ନିଲମ୍ବନ କରିବା ଘଟଣାକୁନେଇ ଯୁବ କଂଗ୍ରେସ କର୍ମୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ପୂର୍ବତନ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ଭୁବନେଶ୍ୱର କ୍ଲବ୍‌ଠାରୁ ବାହାରି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସ କର୍ମୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୋଲିସ ଓ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ ଯୁବକଂଗ୍ରେସ କର୍ମୀଙ୍କୁ ଘଟଣାସ୍ଥଳରୁ ଉଠାଇନେଇଥିବା ବେଳେ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।

ଏହି ଅବସରରେ ରଣଜିତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବିଧାନସଭା ପରିସରରେ ଭାଜପା ବିଧାୟକ ଓ ମନ୍ତ୍ରୀମାନେ ଆତଙ୍କରାଜ ଚଳାଇଛନ୍ତି। ଯେଉଁ ବିରୋଧୀ ଦଳର ବିଧାୟକ ମୋହନ ସରକାରର ଅପାରଗତା, ଭ୍ରଷ୍ଟାଚାର ଓ ଦୁର୍ନୀତି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କଲେ ତାଙ୍କୁ ଭାଜପା ବିଧାୟକମାନେ ଏକତ୍ରିତ ହୋଇ ଆକ୍ରମଣ କରୁଛନ୍ତି। ଓଡ଼ିଶାରେ ନାରୀ ନିର୍ଯାତନା, ବଳାତ୍କାର ବିରୋଧରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ସ୍ୱର ଉତ୍ତୋଳନ କରିଛନ୍ତି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ଭାଜପା ବିଧାୟକ ଗୃହରେ ଅଭାବନୀୟ ସ୍ଥିତି ସୃଷ୍ଟି କରିଛନ୍ତି। ଗୃହର ଗରିମା କ୍ଷୁଣ୍ଣକରି ସମ୍ବଲପୁର ବିଧାୟକ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କଲାର ଧରି ଆକ୍ରମଣକରିବା ଦୁର୍ଭାଗ୍ୟଜନକ। ସେହିପରି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତି ଅଶାଳୀନ ଓ ଅଶାଳୀନ ଭାଷାରେ କଂଗ୍ରେସ ବିଧାୟକମାନଙ୍କୁ ଗାଳିଗୁଲଜ କରିଥିଲେ। ଅନ୍ୟପକ୍ଷରେ ଯେଉଁମାନେ ଗୃହରେ ଅସାମାଜିକ ଆଚରଣ କଲେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ, ମାତ୍ର ସେମାନଙ୍କ ଗାଳି ଓ ଆକ୍ରମଣର ଶିକାର ହୋଇଥିବା ବିଧାୟକ ତାରାପ୍ରସାଦଙ୍କୁ ଗୃହରୁ ନିଲମ୍ବନ କରିବା ଘଟଣା ଓଡ଼ିଶାରେ ଗଣତନ୍ତ୍ରର ହତ୍ୟା ହୋଇଥିବା ପ୍ରମାଣିତ ହୋଇଛି । ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, ଏହି ଘଟଣାରୁ ଯାହା ନିର୍ଯାସ ବାହାରୁଛି, ସେଥିରେ ଭାଜପାର ବିଧାୟକମାନେ ମହିଳା ବିରୋଧୀ ବୋଲି ପ୍ରମାଣିତ ହୋଇଛି। ତାରାଙ୍କୁ ଆକ୍ରମଣ କରିଥିବା ବିଧାୟକ ଜୟନାରାୟଣ ମିଶ୍ର ଏବଂ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଗୃହରେ ଗୁଣ୍ଡାଗିରି କରିଥିବା ଭାଜପା ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବକଂଗ୍ରେସ ଦାବିକରିଛି। ଯୁବ କଂଗ୍ରେସ ପକ୍ଷରୁ ମନ୍ତ୍ରୀ ମହାଲିଙ୍ଗଙ୍କ ଇସ୍ତଫା ଦାବିକରି ଜୋର୍‌ଦାର ପ୍ରତିବାଦ କରାଯାଇଛି।




# ତାରାଙ୍କ ନିଲମ୍ବନ ପ୍ରତ୍ୟାହାର ନେଇ ଗୃହ କମିଟି ଆଲୋଚନା ବିଫଳ

**ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର):** କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ନିଲମ୍ବନ କରାଯିବା ନିଷ୍ପତ୍ତିକୁ ବିରୋଧକରି କଂଗ୍ରେସ ସଦସ୍ୟମାନେ ଗୃହକୁ ବୟକଟ୍ କରିଛନ୍ତି। ତାରାଙ୍କ ଉପରେ ନିଆଯାଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ଶୂନ୍ୟକାଳରେ ଗୃହକୁ ଆସି କଂଗ୍ରେସ ସଦସ୍ୟମାନେ ଦାବି କରିଥିଲେ। ତେବେ ମୁଲତବୀ ପ୍ରସ୍ତାବ ଆଲୋଚନା ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଗୃହରେ ତାରାଙ୍କ ନିଲମ୍ବନ ପ୍ରସ୍ତାବର ପୁନର୍ବିଚାର ପ୍ରସ୍ତାବ ଦେଇଥିଲେ। ଏହାକୁ ଗ୍ରହଣ କରି ବାଚସ୍ପତି ଏକ ଗୃହ କମିଟି ଗଠନ କରିଥିଲେ। ହେଲେ ୧୨ଟା ୩୦ରୁ ୧ଟା ୨୯ ପର୍ଯ୍ୟନ୍ତ ଚାଲିଥିବା ଗୃହ କମିଟିରେ କିଛି ନିଷ୍କର୍ଷ ବାହାରିପାରିଲା ନାହିଁ। ମିଳିଥିବା ସୂଚନା ମୁତାବକ, ସରକାରୀ ଦଳ ସଦସ୍ୟମାନଙ୍କ ଦାବିକୁ କଂଗ୍ରେସ ବିଧାୟକ ଦଳ ନେତା ଗ୍ରହଣକରି ନ ଥିଲେ, ଯେଉଁଥିଲାଗି ଗୃହ କମିଟି ବୈଠକ ଏକ ପ୍ରକାର ବିଫଳ ହୋଇଛି।

୧୨ଟା୩୦ ପର୍ଯ୍ୟନ୍ତ ଏକାଧିକ ଥର ଗୃହ ମୁଲତବୀ ରହିବା ପରେ ବାଚସ୍ପତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କୁ ତାଙ୍କ ପ୍ରସ୍ତାବ ରଖିବାକୁ ସୁଯୋଗ ଦେଇଥିଲେ। କାଡ଼ାମ କହିଥିଲେ, ବାଚସ୍ପତିଙ୍କ ଚେୟାରକୁ କଂଗ୍ରେସ ସବୁବେଳେ ସମ୍ମାନ ଦେଇଛି। ସେଦିନ ଘଟଣାରେ ତାଙ୍କ ଦଳ ବିଧାୟକ ତାରାପ୍ରସାଦ ବାହିନୀପତି ନିର୍ଦ୍ଦୋଷ ଥିଲେ। ସେ ମନ୍ତ୍ରୀଙ୍କୁ ଅନୁରୋଧ କରୁଥିଲେ ଗୃହ ବନ୍ଦ ରଖିବା ଲାଗି। ସରକାରୀ ଦଳ ସଦସ୍ୟ ଗୃହ ଚଳାଇବା ଲାଗି ସବୁବେଳେ ଉଗ୍ର ନ ହୋଇ ନମ୍ରହେବା ଦରକାର। ହେଲେ ସେହି ସମୟରେ ସରକାରୀ ଦଳର କେତେଜଣ ବିଧାୟକ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇଙ୍ଗିତରେ ଗୃହ ମଧ୍ୟଭାଗକୁ ପଶି ଆସି ତାରା ବାହିନୀପତିଙ୍କୁ ବାଡ଼ାପିଟା କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରେ ଅଶାଳୀନ ବ୍ୟବହାର ମଧ୍ୟ କରିଥିବା ଭିଡିଓ ରାଜ୍ୟବାସୀ ଦେଖିଛନ୍ତି। ଏଭଳି ଘଟଣା କେବେହେଲେ ଗୃହରେ ହେବା କଥା ନୁହେଁ। ମହିଳାଙ୍କ ସୁରକ୍ଷା କଥା କଂଗ୍ରେସ ଉଠାଇ ଆସୁଛି। ଏହି ପ୍ରସଙ୍ଗର ବିଚାର ଲାଗି ଗୃହ କମିଟି ଗଠନ ହେବା ଦରକାର। ତାରାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ଉପରେ ବିଚାର କରାଯାଉ ବୋଲି କାଡ଼ାମ କହିଥିଲେ। କାଡ଼ାମଙ୍କ ପ୍ରସ୍ତାବକୁ ଗ୍ରହଣକରି ବାଚସ୍ପତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ କେ.ଭି. ସିଂଦେଓ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ନେଇ ଗୃହ କମିଟି ଗଠନ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ